

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୧୩ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 JULY 2023
Vol.No. 35 ■ No. 184 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ବିଜେପି ବିରୋଧରେ ଏକାଠି ହେବେ ୨୪ ବିରୋଧୀ ଦଳ



ନୂଆଦିଲ୍ଲୀ, ୧୨/୦୭ : କର୍ଣ୍ଣାଟକର ବାଙ୍ଗାଲୁରୁରେ ବିଜେପି ବିରୋଧରେ ଏକାଠି ହେବେ ୨୪ ଦଳ। ଆସନ୍ତା ୧୭-୧୮ ତାରିଖ ଦୁଇଦିନ ଧରି ହେବାକୁ ଥିବା ବୈଠକରେ ବିଜେପି ବିରୋଧରେ ଏହି ଦଳମାନେ ଏକାଠି ହେବେ। ବିହାରର ପାଟଣାରେ ହୋଇଥିବା ବିରୋଧୀ ଦଳମାନଙ୍କ ଗତ ବୈଠକରେ ୧୫ ଦଳ ସାମିଲ ହୋଇଥିଲେ। ଯାହା ବଢ଼ି ୨୪ରେ ପହଞ୍ଚିଛି। ବାଙ୍ଗାଲୁରୁରେ ହେବାକୁ ଥିବା ବୈଠକରେ ଆରଏଲଡିର ଜୟନ୍ତ ଚୌଧୁରୀ ସାମିଲ ହେବେ। ଯିଏ କି ଗତ ବୈଠକରେ ଯୋଗଦେଇ ନ ଥିଲେ। ସେହିପରି ଦିଲ୍ଲୀ ଅଧ୍ୟାଦେଶକୁ ନେଇ ଦିଲ୍ଲୀରେ କଂଗ୍ରେସ୍ ସହ ଅପଡ଼ ଥିଲେ ହେଁ ଚଳିତ ବୈଠକରେ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ଯୋଗଦେବାର ଅଛି। ଏପର୍ଯ୍ୟନ୍ତ ଦିଲ୍ଲୀ ଅଧ୍ୟାଦେଶ ନେଇ କଂଗ୍ରେସ କେଉଁ ରଣନୀତି ଆପଣାଇବ ତାହା ସ୍ପଷ୍ଟ କରୁନି। ବାଙ୍ଗାଲୁରୁ ବୈଠକରେ କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ, ଆପ୍, ଜେଡିୟୁ, ଆରଜେଡି, ସିପିଏମ୍, ସିପିଆଇ, ଏନ୍‌ସିପି, ଶିବସେନା, ସମାଜବାଦୀ ପାର୍ଟି, ନ୍ୟାସନାଲ କନ୍‌ଫରେନ୍ସ, ପିଡିପି, ସିପିଆଇ ଏମ୍‌ଏଲ୍, ଜେଏମ୍‌ଏମ୍, ଆରଏଲ୍‌ଡି, ଆରଏସ୍‌ପି, ଆଡିୟୁଏମ୍‌ଏଲ୍, କେରଳ କଂଗ୍ରେସ ଏମ୍, ବିସିକେ, ଏମ୍‌ଡିଏମ୍‌କେ, କେଡିଏମ୍‌କେ, କେରଳ କଂଗ୍ରେସ(ଜେ), ଫରୱାର୍ଡ ବ୍ଲକ୍ ପ୍ରମୁଖ ୨୪ ଦଳ ସାମିଲ ହେବ। ଏହି ବୈଠକରେ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧି ଯୋଗଦେବାର ସମ୍ଭାବନା ରହିଛି। ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଦଳମାନଙ୍କ ହେଉଥିବା ଏହି ଦ୍ୱିତୀୟ ବୈଠକର ୧୭ ତାରିଖ ଦିନ ସମସ୍ତ ଦଳଙ୍କୁ ରାତ୍ରୀ ଭୋଜି ନିମନ୍ତେ ସୋନିଆ ଗାନ୍ଧି ନିମନ୍ତ୍ରଣ କରିଛନ୍ତି। ଏହି ବୈଠକରେ ୩ଟି ବ୍ରେକିଙ୍ଗ ଗ୍ରୁପ୍ କରାଯିବ। କମନ ଏଜେଣ୍ଡାକୁ ଖୋଜି ବାହାର କରିବା ଓ ଏହାକୁ ପ୍ରସଙ୍ଗ କରି ସମସ୍ତ ଦଳମାନେ ନିର୍ବାଚନ ଲଢ଼ିବା ପାଇଁ ଗୋଟିଏ ଗ୍ରୁପ୍ କାମ ଦେଖିବ। ଏହି ଗ୍ରୁପ୍ ରାଜ୍ୟରେ ମେଣ୍ଟ ସରକାର ଗଠନ ନିମନ୍ତେ ମଧ୍ୟ ରୂପରେଖ ପ୍ରସ୍ତୁତ କରିବ। ରାଜ୍ୟ ମାନଙ୍କରେ ଲୋକସଭା ନିର୍ବାଚନ ଲଢ଼ିବାରେ କେବଳ ଏହି ମେଣ୍ଟ ଦଳ କାମ କରିବ। ପ୍ରତି ଆସନରେ ବିରୋଧୀଙ୍କ ମେଣ୍ଟରୁ ଜଣକୁ ଏଠାରେ ପ୍ରାର୍ଥୀ କରି ପ୍ରତିପକ୍ଷ ବିରୋଧରେ ଲୋକସଭା ନିର୍ବାଚନ ଜିତିବା ଏହାର ମୁଖ୍ୟ ପ୍ରସଙ୍ଗ ହେବ। ଅନ୍ୟ ଗୋଟିଏ ବିରୋଧୀ ଦଳଙ୍କ ଗ୍ରୁପ୍ ଅଗଷ୍ଟରେ ପ୍ରତିପକ୍ଷ ଦଳ ବିରୋଧରେ ରାଲି କରିବା ପାଇଁ କାମ କରିବ।

## ଭାଜପା ୩ ଟି ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀ ନାମ କଲା ଘୋଷଣା

ନୂଆଦିଲ୍ଲୀ,୧୨/୦୭ : ଭାରତୀୟ ଜନତା ପାର୍ଟି ରାଜ୍ୟସଭାରେ ୩ ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ଗୁଜରାଟର ଦୁଇଟି ଏବଂ ପଶ୍ଚିମବଙ୍ଗର ଗୋଟିଏ ନାମ ଅନ୍ତର୍ଭୁକ୍ତ । ଦଳର ସାଧାରଣ ସମ୍ପାଦକ ଅରୁଣ କୁମାରଙ୍କ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ନିର୍ବାଚନ ପାଇଁ ବାବୁଭାଇ ଜେସଂଗବାଇ ଦେଶାଇ (ଗୁଜୁରାଟ), କେସରୀ ଦ୍ୱେଭିସିଂହ ଜଲା (ଗୁଜୁରାଟ) ଏବଂ ଅନନ୍ତ ମହାରାଜ (ପଶ୍ଚିମବଙ୍ଗ) ପ୍ରାର୍ଥୀ ହେବେ। ସୂଚନାଯୋଗ୍ୟ ଯେ ଜୁଲାଇ ୨୪ ରେ ୧୦ ଟି ରାଜ୍ୟସଭା ଆସନ ପାଇଁ ଭୋଟ୍ ଅନୁଷ୍ଠିତ ହେବ ଏବଂ ନିର୍ବାଚନର ଫଳାଫଳ ସେହି ଦିନ ଆସିବ।

## ଉଚ୍ଛେଦ କରିବାକୁ ଆସିଥିବା ବିଏମ୍‌ସି ଅଧିକାରୀଙ୍କୁ ଘେରିଲେ ଉଠାଦୋକାନୀ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ବୁଧବାର ଦିନ ୧୦ ଘଟିକା ସମୟରେ ବିଏମ୍‌ସି ଉତର ଜୋନର ଅଧିକାରୀମାନେ କୌଣସି ସୂଚନା ନ ଦେଇ ହଠାତ୍ ଶୈଳଶ୍ରୀ ବିହାର ବିଦ୍ୟୁତ ବିଭାଗ ପାଖରେ ଥିବା ଉଠାଦୋକାନୀ ନିକଟରେ ଉଚ୍ଛେଦକାରୀ ଦଳ ପହଂଚି ଆଇନକୁ ଉଲଙ୍ଘନ କରି ବୁଲଡୋଜର ଲଗାଇ ଉଚ୍ଛେଦ କରିବା ସମୟରେ ସେଠାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସମ୍ପାଦକ ଅନୁଜ କୁମାର ପ୍ରଧାନ ଓ ଲଲାଟ କୁମାର ଓଝା, ଶୁଭଶ୍ରୀ ମହାନ୍ତି, ଜଗବନ୍ଧୁ ବେହେରା ପ୍ରମୁଖ ପହ ଉଚ୍ଛେଦକାରୀ ଦଳଙ୍କୁ କେଉଁ ଆଇନ ବଳରେ ଉଚ୍ଛେଦ କରୁଛନ୍ତି, ଉଠାଦୋକାନୀ ଆଇନ ମାନୁଛନ୍ତି ନା ନାହିଁ, ସମ୍ବିଧାନର ଧାରା ୧୯(୧)(ଛ)କୁ ସମ୍ମାନ ଦେଉଛନ୍ତି ନା ନାହିଁ ଆଦି ପ୍ରଶ୍ନ ପଚାରିଥିଲେ। କିନ୍ତୁ ଉଚ୍ଛେଦକାରୀ ଦଳ କୌଣସି ପ୍ରଶ୍ନର ଉତର ନଦେଇ ମିଛରେ ଏଣ୍ଡୁତେଣ୍ଡୁ କହି ଭୁଲାଇ ଦେବାକୁ ଚେଷ୍ଟା କରିବାରୁ ଉଠାଦୋକାନୀମାନେ ବିଏମ୍‌ସି ଅଧିକାରୀଙ୍କୁ ଘେରିବା ସହ



ବୁଲ୍‌ଡୋଜର ଆଗରେ ଛିଡ଼ା ହୋଇ ବିରୋଧ କରିବାରୁ ସେଠାରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ସେଠାରେ ପହଂଚି ଉଠାଦୋକାନୀ ଆଇନ, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ମାନୁଛନ୍ତି କି ନାହିଁ ପ୍ରଶ୍ନ ପଚାରିଥିଲେ। ଫଳରେ ଉଚ୍ଛେଦକାରୀ ଦଳ ସେଠାରୁ ଫେରି ଯାଇଥିଲେ ଏବଂ ସ୍ଥାନୀୟ କର୍ପୋରେଟର ଆସି ସମସ୍ତ ଦୋକାନୀମାନଙ୍କୁ ବୁଝାସୁଝା କରି ବିଏମ୍‌ସିର ଡେପୁଟି କମିଶନରଙ୍କ ପାଖକୁ ନେଇ ସ୍ଥାୟୀ ଥଇଥାନ କରିବା ପାଇଁ ଆଲୋଚନା କରିଥିଲେ।

▶▶ପୃଷ୍ଠା ୭

## ନ୍ୟୁଡ୍ କଲ୍‌ର କରୁଣ ପରିଣତି: ପେଟକୁ କଇଁଚିରେ ୨୫ରୁ ଅଧିକ ଥର ଭୁସି ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ଅଚେତ ଅବସ୍ଥାରେ ଦଣ୍ଡଧରଙ୍କୁ ତାଙ୍କ ଦୋକାନରୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ନ୍ୟୁଡ୍ କଲ୍ ଓ ତତ୍‌ଜନିତ ବ୍ଲାକମେଲିଂ କାରଣରୁ ଜଣେ ବ୍ୟକ୍ତି ତାଙ୍କ ପେଟକୁ କଇଁଚିରେ ୨୫ ଥର ଭୁସି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛନ୍ତି। ଘଟଣାଟି ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଆତ୍ମହତ୍ୟା ଉଦ୍ୟମ କରିଥିବା ଏହି ବ୍ୟକ୍ତିଙ୍କ ନାଁ ଦଣ୍ଡଧର ତାଙ୍କ ଘର ଢେଙ୍କାନାଳରେ। କିନ୍ତୁ ସେ ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ପତ୍ନୀ ଓ ଦୁଇ ଛୁଆଙ୍କ ସହିତ ରହନ୍ତି। ତାଙ୍କର ଏଠାରେ ଏକ ଦୋକାନ ଅଛି। ୩ ଦିନ ତଳେ ଦଣ୍ଡଧରଙ୍କ ସହ ଫେସବୁକରେ ଚାଟିଂ କରିଥିଲେ ଜଣେ ଯୁବତୀ। ପରେ ଯୁବତୀ ଜଣଙ୍କ ହ୍ୱାଟ୍‌ସଆପ୍‌ରେ ଦଣ୍ଡଧରଙ୍କୁ ଭିଡିଓ କଲ୍ କରିଥିଲେ। ଆଉ ତାହା ଥିଲା ନ୍ୟୁଡ୍ କଲ୍। ଦଣ୍ଡଧରଙ୍କ ବାରଣ ସତ୍ତ୍ୱେ ଯୁବତୀ ଜଣଙ୍କ ତାଙ୍କ ସହିତ କଥା ହୋଇଥିଲେ ଓ ସେହି ସମୟର ସ୍କ୍ରିନ୍ ଶଟ୍ ନେଇ ଯାଇଥିଲେ। ପରେ ସେ ଦଣ୍ଡଧରଙ୍କୁ ବ୍ଲାକମେଲିଂ କରିଥିଲେ। ସେ ଦଣ୍ଡଧରଙ୍କୁ ମୋଟା ଅଙ୍କର ଟଙ୍କା ମାଗିଥିଲେ। ଏହା ପରେ ଦଣ୍ଡଧର ସାଇବର ଥାନାକୁ ଯାଇଥିଲେ। ତେବେ ଅଭିଯୋଗ ଅନୁଯାୟୀ, ସେଠାରେ ତାଙ୍କୁ ପୁଲିସ ସହଯୋଗ କରିବା ବଦଳରେ ତାଙ୍କ ସହିତ ଥଟ୍ଟାମଜା କରିଥିଲା। ଏହା ପରେ ଉପାୟଶୂନ୍ୟ ଦଣ୍ଡଧର ନିଜ ପେଟକୁ କଇଁଚିରେ ଭୁସି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ୭ ଜଣ ରେଳ କର୍ମଚାରୀ ନିଲମ୍ବିତ

ବାଲେଶ୍ୱର/ଭୁବନେଶ୍ୱର, ୧୨/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ୭ ଜଣ ରେଳ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ସିବିଆଇ ଗିରଫ କରିଥିବା ୩ ଜଣ କର୍ମଚାରୀ ମଧ୍ୟ ସାମିଲ ଅଛନ୍ତି। ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟ ଲୋକସଂପର୍କ ଅଧିକାରୀ ଆଦିତ୍ୟ ଚୌଧୁରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ଷ୍ଟେସନ ମାଷ୍ଟର, ଟ୍ରାଫିକ ଇନ୍ସପେକ୍ଟର ଓ ମେଂଟେନରଙ୍କ ଭୂମିକା ମଧ୍ୟ ଥିଲା। ତେଣୁ ରେଳବାଇ ସେମାନଙ୍କୁ ମଧ୍ୟ ନିଲମ୍ବନ କରିଛି। ଗତ ଜୁନ୍ ୨ ତାରିଖରେ ଘଟିଥିବା ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ସିବିଆଇ ତଦନ୍ତ ଜାରି ରହିଛି।

▶▶ପୃଷ୍ଠା ୭

## ୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ: ୩ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଲେ କୋର୍ଟ

ବୌଦ୍ଧ, ୧୨/୦୭ (ନି.ପ୍ର): ଚତୁର୍ଭୁଜ ଖମାରୀ ଆଜି ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଉଦ୍ଦିଷ୍ଟ ଅଧିକାରୀଙ୍କ ନିକଟରେ ଅପିଲ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବିଇଓ କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ କିରାଣି ଚତୁର୍ଭୁଜ ଖମାରୀଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ଫୁଲବାଣୀ ଭିଜିଲାନ୍ସ କୋର୍ଟ। ଏହା ସହିତ ତାଙ୍କୁ ୫୦୦୦ ଟଙ୍କା ଜୋରିମାନା ଦେବାକୁ କୁହାଯାଇଛି। ଜୋରିମାନା ଅର୍ଥ ନ ଦେଲେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ଆଉ ୩ ମାସ ଜେଲ୍‌ରେ ରଖାଯିବ। ୨୦୧୯ରେ ଜଣେ ବ୍ୟକ୍ତିଙ୍କ ଠାରୁ ୫୦୦୦ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଚତୁର୍ଭୁଜ ଖମାରୀ। ପେନସନ କାମକୁ ନେଇ ସେ ଏହି ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ। ଚତୁର୍ଭୁଜ ଖମାରୀ ଆଜି ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ



ଉଦ୍ଦିଷ୍ଟ ଅଧିକାରୀଙ୍କ ନିକଟରେ ଅପିଲ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ନିକଟରେ ୯ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ▶▶ପୃଷ୍ଠା ୭

## ହାଇସ୍କୁଲ ୟୁନିଫର୍ମ ରଙ୍ଗକୁ ନେଇ ଜୋର୍ ଧରିଲା ରାଜନୀତି: ବିଜେପି ଓ କଂଗ୍ରେସର ବିରୋଧ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ସ୍କୁଲ ୟୁନିଫର୍ମକୁ ସବୁଜ ରଙ୍ଗ କରି ଛାତ୍ରଛାତ୍ରୀଙ୍କୁ ଦଳୀୟ ଭାବନାରେ ପରୋକ୍ଷରେ ଟାଣିବା ଲଜ୍ଜାଜନକ ବୋଲି ଉଭୟ ବିଜେପି ଓ କଂଗ୍ରେସ ଅଭିଯୋଗ କରିଛନ୍ତି । ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ପରିବର୍ତ୍ତନ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନେଇ ଏବେ ରାଜନୀତି ଜୋରଦାର ହୋଇଛି । ସ୍କୁଲ ୟୁନିଫର୍ମକୁ ସବୁଜ ରଙ୍ଗ କରି ଛାତ୍ରଛାତ୍ରୀଙ୍କୁ ଦଳୀୟ ଭାବନାରେ ପରୋକ୍ଷରେ ଟାଣିବା ଲଜ୍ଜାଜନକ ବୋଲି ଉଭୟ ବିଜେପି ଓ କଂଗ୍ରେସ ଅଭିଯୋଗ



କରିଛନ୍ତି । ବିଜେପି ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଆଜି ଟ୍ୱିଟ୍ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଏନେଇ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଛାତ୍ରଛାତ୍ରୀମାନଙ୍କୁ ନେଇ ବିଜେଡି ସରକାର ଯେଉଁ ରାଜନୀତି କରୁଛନ୍ତି ସେଥିପାଇଁ ଓଡ଼ିଶାବାସୀ କଦାପି କ୍ଷମା ଦେବେ ନାହିଁ । ▶▶ପୃଷ୍ଠା ୭

## ୨୦୨୫ରେ ଅଧିକ ତାତିବ ସୂର୍ଯ୍ୟ



ନୂଆଦିଲ୍ଲୀ,୧୨/୦୭ : ଆସନ୍ତା ୨ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୫ ବେଳକୁ ସୌର ଝଡ କାରଣରୁ ବନ୍ଦ ହୋଇଯିବ ଇଣ୍ଟରନେଟ ସେବା! 'ଇଣ୍ଟରନେଟ୍ ଆପୋକ୍ଲିପ୍ସ'(ଇଣ୍ଟରନେଟ ସେବା ନଷ୍ଟ)କୁ ନେଇ ବର୍ତ୍ତମାନ ସୋଶାଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି । ଆସନ୍ତା ୨ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୫ ବେଳକୁ ସୌର ଝଡ କାରଣରୁ ବନ୍ଦ ହୋଇଯିବ ଇଣ୍ଟରନେଟ ସେବା! 'ଇଣ୍ଟରନେଟ୍ ଆପୋକ୍ଲିପ୍ସ'(ଇଣ୍ଟରନେଟ ସେବା ନଷ୍ଟ)କୁ ନେଇ ବର୍ତ୍ତମାନ ସୋଶାଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି । ଯଦି ସୌର ଝଡ ହୁଏ ତେବେ ସଂଚାର ଯୋଗାଯୋଗା ବାଧାପ୍ରାପ୍ତ ହେବ, ବର୍ତ୍ତମାନର ଇଣ୍ଟରନେଟ ଯୁଗରେ ବଞ୍ଚୁଥିବା ପ୍ରାଣୀ କ'ଣ କରିବ ତାକୁ ନେଇ ଖୁବ୍ ଆଲୋଚନା ହେଉଛି । ଏନେଇ ୱାସିଂଟନ୍ ? ପୋଷ୍ଟରେ ଏକ ଖବର ପ୍ରକାଶ ପରେ ଏହି ଆଲୋଚନା ଆହୁରି ବଢ଼ିଛି। ରିପୋର୍ଟ ମୁତାବକ, ୨୦୨୫ରେ ସୂର୍ଯ୍ୟ ତାହାର ସୋଲାର ମ୍ୟାକ୍ସିମମ ଅର୍ଥାତ୍ ବିଶେଷ ସକ୍ରିୟ ଅବଧି ସ୍ଥିତିରେ ଆସିଯିବ। ଯାହାକୁ ସାମ୍ନା କରିବାକୁ ଆଜିକାର ଡିଜିଟାଲ ଦୁନିଆ ପ୍ରସ୍ତୁତ ନୁହେଁ। ଇଣ୍ଟରନେଟ୍ ଆପୋକ୍ଲିପ୍ସ ଭଳି ଶବ୍ଦକୁ ନେଇ ସୋଶାଲ ମିଡିଆ ବ୍ୟବହାରକାରୀଙ୍କ ଭିତରେ ମଧ୍ୟ ବିଭିନ୍ନ ଆଶଙ୍କା ଓ ଚର୍ଚ୍ଚା ହେଉଛି। ଏବାବଦରେ ନାସାର ନାମ ମଧ୍ୟ ଅଯଥାରେ ବହୁଳ ମାତ୍ରାରେ ନିଆଯାଉଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକା ଅନ୍ତରୀକ୍ଷ ଗବେଷଣା କେନ୍ଦ୍ର ନାଶା ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସୌର ଝଡ଼ ଯୋଗୁ ଇଣ୍ଟରନେଟ ବ୍ୟବସ୍ଥା ନଷ୍ଟ ହୋଇଯିବା ନେଇ ଆଶଙ୍କା କିମ୍ବା ସୂଚନା ପ୍ରକାଶ ପାଇନି। ମାତ୍ର ଲୋକେ ଏବାବଦରେ ଆଲୋଚନା କରିବାରେ ଲାଗିଛନ୍ତି।

## ଦିଲ୍ଲୀ ତଳି ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ: ଉତ୍ତର ଭାରତରେ ଗଲାଣି ୧୦୦ରୁ ଅଧିକ ଜୀବନ

ନୂଆଦିଲ୍ଲୀ,୧୨/୦୭ : ସମଗ୍ର ଉତ୍ତର ଭାରତରେ ବର୍ଷା ପ୍ରଳୟ ରଚିଥିବାବେଳେ ଏବେ ଦିଲ୍ଲୀକୁ ଦେଖାଦେଇଛି ବନ୍ୟା ଭୟ। ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର ଧିରେ ଧିରେ ବଢିବାରେ ଲାଗିଛି। ବିପଦ ସଙ୍କେତ ପାର କରି ଗତ ୪୫ ବର୍ଷ ଭିତରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ଯମୁନା ବଢ଼ି ପାଣି ସ୍ତର। ହରିୟାଣାରୁ ଅଧିକ ଜଳ ଛଡା ଯିବା ଫଳରେ ଏହା ଆହୁରି ଅଧିକ ବଢିବାର ଆଶଙ୍କା ଦେଖାଦେଇଛି। ଉଛୁଳା ଯମୁନାର ଉଗ୍ର ରୂପ ଦେଖି ଲୋକେ ମଧ୍ୟ ଭୟଭୀତ। ଦୁଇ ତିନି ଧରି କ୍ରମାଗତ ଜଳସ୍ତର ବଢିବା ପରେ ଦିଲ୍ଲୀରେ ଲୋହା ବ୍ରିଜଠାରେ ବୁଧବାର ସକାଳେ ବଢ଼ି ପାଣି ବିପଦ ସଙ୍କେତ ପାର କରିସାରିଛି। ଯମୁନା ଏବେ ବିପଦ ସଙ୍କେତ ଟପି ପ୍ରବାହିତ ହେଉଥିବାରୁ ବନ୍ୟା ସ୍ଥିତିର ଆଶଙ୍କ ସୃଷ୍ଟି କରିଛି। ଯମୁନାର ଜଳସ୍ତର ଏଠାରେ ୨୦୭. ୦୮ ମିଟର ରହିଛି । ବିପଦ ସଂକେତର ୧.୩ ମିଟର ଉପରେ ଏହା ଏବେ ପ୍ରବାହିତ ହେଉଛି। ଯାହାକି ଗତ ୪୫ ବର୍ଷ ଭିତରେ ସର୍ବାଧିକ ବୋଲି କୁହାଯାଉଛି। ଯମୁନାର ବଢ଼ି ପାଣିର ଭୟଙ୍କର ରୂପ ଦେଖି ଦିଲ୍ଲୀର ତଳି ଅଞ୍ଚଳରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ୧୯୭୮ ମସିହା ରେକର୍ଡ ଭାଙ୍ଗି ଜମୁନାର ଜଳ ସ୍ତର ବିପଦସଙ୍କେତ ଉପରେ ଅର୍ଥାତ୍ ୨୦୭.୫୫ ରହିଛି। ସେହିଭଳି ଦିଲ୍ଲୀ ପୁରୁଣା ରେଲୱେ ବ୍ରିଜ୍ ନିକଟରେ ମଧ୍ୟ ଜଳସ୍ତର ୨୦୭ ମିଟର ପାର କରିଛି । ଗୋଟେ ପଟେ ଲଗାଣ ବର୍ଷା ଏବଂ ଅନ୍ୟ ପଟେ ହରିୟାଣାରୁ ଜଳ ଛଡାଯିବାପରେ ଯମୁନାରେ ଏଭଳି ସ୍ଥିତି ଦେଖାଦେଇଛି।



## ଡେରାଡୁନ୍‌ରେ ଦୁଇଦିନିଆ ସ୍ୱାସ୍ଥ୍ୟ ଚିନ୍ତନ ଶିବିର ୧୪ ଜୁଲାଇରୁ: ମାଣ୍ଡବିୟା କରିବେ ଉଦ୍‌ଘାଟନ

ନୂଆଦିଲ୍ଲୀ, ୧୨/୦୭ : କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମନସୁଖ ମାଣ୍ଡବିୟା ୧୪ ଜୁଲାଇକୁ ଡେରାଡୁନ୍‌ରେ ସ୍ୱାସ୍ଥ୍ୟ ଚିନ୍ତନ ଶିବିରର ଉଦ୍‌ଘାଟନ କରିବେ। ଦୁଇଦିନିଆ ଏହି ଶିବିରର ଆୟୋଜନ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପରିଷଦର ତତ୍ତ୍ୱାବଧାନରେ କରାଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ମୁତାବିକ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଏବଂ ପ୍ରଫେସର ଏସ୍‌ପି ସିଂହ ବଘେଲ ମଧ୍ୟ ସାମିଲ ହେବେ। ଏହି ଆୟୋଜନରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏବଂ ରାଜ୍ୟର ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ।

# ପୁରୀ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ସମ୍ବର୍ଦ୍ଧିତ

ପୁରୀ, ୧୨/୦୭ (ନି.ପ୍ର): ପୁରୀ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ,ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆସୋସିଏସନ ଅଫ ଟୁଇଟର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ପଟ୍ଟନାୟକ ୨୦୨୩ ଅକ୍ଟୋବର ମାସରେ ପୁରୀର ଆର ଟି ଓ ଭାବେ ଦାୟୀତ୍ୱ ଗ୍ରହଣ କରିଥିଲେ। ପୁରୀ ବସ୍ ଷ୍ଟାଣ୍ଡ ନବୀକରଣ ପ୍ରକ୍ରିୟା ସହ ଚଳିତ ବର୍ଷ ରଥଯାତ୍ରା ସମୟରେ ଅଧିକ ଭଡ଼ା ଆଦାୟ କରୁଥିବା ଯାତ୍ରୀବାହୀ ଗାଡ଼ି ମାନଙ୍କ ଠାରୁ ଜୋରିମାନା ଆଦାୟ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଦ୍ୱାରା ଭକ୍ତ ଓ ଯାତ୍ରୀ ମାନେ ବହୁ ମାତ୍ରାରେ ଶୋଷଣ ମୁକ୍ତ ହୋଇପାରିଥିଲେ। ଆଜି ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରା ପରିବହନ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗକୁ ରାଜ୍ୟ ସରକାରଙ୍କ ପ୍ରଚଳିତ ନିୟମ ଅନୁସାରେ ଆହୁରି ଚେକିଂ କଡାକଡି ସହ, ଅମାନିଆ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର ?ଯ୍ୟାନୁଷ୍ଠାନ ନିଆଯିବା ସହ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ଉନ୍ନତ ଧରଣର କରାଯିବ ବୋଲି କହିଛନ୍ତି ପରିବହନ ଅଧିକାରୀ ଶ୍ରୀ ପଟ୍ଟନାୟକ। ଏହା ସହିତ ତୃଣମୂଳ ସ୍ତରରେ ସଡକ ସୁରକ୍ଷା ପାଇଁ

# ମଧ୍ୟବିତ୍ତଙ୍କ ଉପରେ ଚାଉଳ ଦର ମାଡ଼: ବଳକା ରାଜ୍ୟରେ ୩୩୦୦ରେ ବିକ୍ରି, ଏକାଥରେ ୭୦୦ ବୃଦ୍ଧି



ଭୁବନେଶ୍ୱର, ୧୨/୦୭ (ନି.ପ୍ର): ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ଓଡ଼ିଶା। କିନ୍ତୁ ଦରରେ ମାଡ଼ ଖାଉଛନ୍ତି ମଧ୍ୟବିତ୍ତ। ଦୁଇମାସରୁ ଊର୍ଦ୍ଧ୍ୱ ସମୟ ହେଲା, ଖୋଲା ବଜାରରେ କମନ୍ ଗ୍ରେଡ୍ ଚାଉଳ କ୍ୱିଣ୍ଟାଲ ପ୍ରତି ୩୩୦୦ ଟଙ୍କାରେ ବିକ୍ରି ହେଉଛି। ଚାଉଳ ଭଳି ଅତ୍ୟାବଶ୍ୟକ ଖାଦ୍ୟ ଦର ଏକାଥରେ ୭୦୦ ଟଙ୍କା ବଢ଼ିବା ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। କୃଷି ବିଭାଗର ସୂଚନା ଅନୁସାରେ, ୨୦୦୦ ମସିହାରେ ଓଡ଼ିଶାରେ ବାର୍ଷିକ ୪୬.୧୪ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦିତ ହେଉଥିଲା। ୨୦୨୨ ମସିହାରେ ଏହା ଅଢ଼େଇ ଗୁଣ ବୃଦ୍ଧି ପାଇ ୧୧୫ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ପୂର୍ବରୁ ହେକ୍ଟର ପ୍ରତି ୧୦.୪୧ କ୍ୱିଣ୍ଟାଲ ଚାଉଳ ଉତ୍ପାଦିତ ହେଉଥିଲା। କିନ୍ତୁ ବର୍ତ୍ତମାନ ଏହା ୨୯.୦୯ କ୍ୱିଣ୍ଟାଲରେ ପହଞ୍ଚିଛି। ସ୍ଥିତି ଏଭଳି ଯେ ଓଡ଼ିଶା ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଏବଂ ତାମିଲନାଡୁକୁ ଚାଉଳ ପଠାଏ। କିନ୍ତୁ ରାଜ୍ୟ ଚାଉଳ ଦର ଏକାଥରେ ୭୦୦ ଟଙ୍କା ବୃଦ୍ଧି ପାଇଥିଲେ ମଧ୍ୟ ଏହା ନିୟନ୍ତ୍ରଣ ହେବାର ନାଁ ଧରୁନି। କେବଳ ୩୩୦୦ ଟଙ୍କା ନୁହେଁ, ଆହୁରି କିଛି ସାଧାରଣ ପ୍ରକାର ଚାଉଳ ୫୦୦୦ରୁ ୭୦୦୦ ଟଙ୍କା ମଧ୍ୟରେ ମଧ୍ୟ ବିକ୍ରି ହେଉଛି। ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତରେ ଦାରିଦ୍ର୍ୟ ସୀମାରେଖା ତଳ ପରିବାରଙ୍କୁ ସରକାର ମାଗଣାରେ ଚାଉଳ ଯୋଗାଣ କରନ୍ତି। ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହାବାଦ୍ ରାଜ୍ୟରେ ବଡ଼ ନିମ୍ନମଧ୍ୟବିତ୍ତ ବର୍ଗ ଅଛନ୍ତି, ଯେଉଁମାନଙ୍କ ମାସିକ ଆୟ ଅଧିକ ନୁହେଁ ଏବଂ ଚାଉଳ ସେମାନଙ୍କ ମୁଖ୍ୟ ଖାଦ୍ୟ। ଏହାର ଦର ଏଭଳି ରହିବା ସମସ୍ତଙ୍କୁ ବାଧୁଛି। ବ୍ୟବସାୟୀ ସଂଘ ସଭାପତି ସୁଧାକର ପଣ୍ଡାଙ୍କ ଅନୁସାରେ, ଗତବର୍ଷ ଓଡ଼ିଶାରେ ୧୦ ପ୍ରତିଶତ ଅଧିକ ଉତ୍ପାଦନ ହୋଇଥିଲା। ଏହା ସତ୍ତ୍ୱେ ଅଧିକାଂଶ ଧାନ ବାହାର ରାଜ୍ୟକୁ ଚାଲିଗଲା। ମିଲ୍ ମାଲିକମାନେ ଏମ୍ଏସ୍‌ପି ୨୧୮୩ ଟଙ୍କାରେ ଧାନ କ୍ରୟ କରୁଛନ୍ତି। ତେଣୁ ସେହି ଅନୁଯାୟୀ ବ୍ୟବସାୟୀଙ୍କୁ ଅଧିକ ଦରରେ ବିକ୍ରି କଲେ, ଯାହାର ପ୍ରଭାବ ଖାଉଟି ଉପରେ ପଡୁଛି। ବିଭିନ୍ନ ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ଅନୁସାରେ, ଚାଉଳ ଏକ ଅତ୍ୟାବଶ୍ୟକ ଖାଦ୍ୟ ହୋଇଥିବାରୁ ଖୋଲା ବଜାରରେ ଏହାର ଦର ଏଭଳି ବେଲଗାମ ହେବା ଉଚିତ ନୁହେଁ। ଏଫସିଆଇର ସୂଚନା ଅନୁସାରେ, ଦର ନିୟନ୍ତ୍ରିତ କରିବା ପାଇଁ ଏଫସିଆଇ ପକ୍ଷରୁ ଖୋଲା ବଜାରରେ ବଳକା ଧାନ ଏବଂ ଗହମ ବିକ୍ରି ହେବ। ୧୭ଟି କେନ୍ଦ୍ରରେ ଅତିରିକ୍ତ ୨୧ ହଜାର ୨୦୦ ମେଟ୍ରିକ ଟନର ଗହମ ଏବଂ ୧୦ ହଜାର ମେଟ୍ରିକ ଟନର ଧାନ ଇ-ନିଲାମ ମାଧ୍ୟମରେ ଏହା ବିକ୍ରି ହେବ। ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ପ୍ରତି ସପ୍ତାହରେ ଛୋଟ ବ୍ୟବସାୟୀଙ୍କ ଦ୍ୱାରା ବିକ୍ରି ହେବ।

# ବେଲଜିୟମରରେ ଯୁଗ୍ମ ଆଇ.ସି.ଏ-ସି.ସି.ଆର ଗ୍ଲୋବାଲଓ ୟୁରୋପିଆନ୍ ସମବାୟ ଗବେଷଣା ସମ୍ମିଳନୀ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ଓଡିଶାର ସମବାୟ ବ୍ୟବସ୍ଥା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାକୁ ବଳିଷ୍ଠ ଓ ଋଦ୍ଧିମନ୍ତ କରିଛି। ରାଜ୍ୟର ସଫଳ ସମବାୟ ବ୍ୟବସ୍ଥା ଅନ୍ତର୍ଜାତୀୟ ଫୋରମ୍ ରେ ଅନ୍ୟ ଦେଶମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ୮ ଦିନିଆ ବେଲଜିୟମ ଗସ୍ତରେ ଯାଇ ଲିୟୁଭେନ୍ ଠାରେ ଯୁଗ୍ମ ଆଇ.ସି.ଏ-ସି.ସି.ଆର ଗ୍ଲୋବାଲ ଓ ୟୁରୋପିଆନ୍ ସମବାୟ ଗବେଷଣା ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ନାୟକ ସମବାୟ କ୍ଷେତ୍ରରେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଓଡିଶା ଦେଶର ଅନ୍ୟତମ ପ୍ରଗତିଶୀଳ ରାଜ୍ୟ ବୋଲି କହିଛନ୍ତି। ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସମବାୟ ହେଉଛି ସବୁଠାରୁ ପ୍ରଭାବୀ ମାଧ୍ୟମ । ବିଶେଷ କରି ଆର୍ଥିକ ଦୁର୍ବଳ ଶ୍ରେଣୀ, ଅବହେଳିତ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ଉନ୍ନତି ପାଇଁ ଏହା ବିଶେଷ ଫଳପ୍ରଦ । ରାଜ୍ୟରେ ଥିବା ପ୍ୟାକସ୍ ଓ ଲ୍ୟାମ୍ପ୍ସ ଚାଷୀମାନଙ୍କ କୃଷି ଉତ୍ପାଦକୁ ମାର୍କେଟିଂ ସୁବିଧା ଯୋଗାଇ ଦେବା ପାଇଁ ଅଭିପ୍ରେତ। ଏଗୁଡ଼ିକ କେନ୍ଦ୍ର ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିଥାଆନ୍ତି । ରାଜ୍ୟ ସରକାରଙ୍କ ପ୍ରାଇସ୍ ସପୋର୍ଟ ଯୋଜନା ମାଧ୍ୟମରେ ସେମାନେ ଧାନ ବିକ୍ରୟରେ ସହାୟତା ଯୋଗାଇ ଦେଇଥାନ୍ତି। ଏଗୁଡ଼ିକ ଯୋଗୁଁ ଡାଲି ଜାତୀୟ ଫସଲ ଓ ତୈଳବୀଜ ଆଦି କୃଷି ଉତ୍ପାଦଗୁଡିକ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରୟ ହୋଇ ପାରୁଛି। ଖାଦ୍ୟଶସ୍ୟ କ୍ଷେତ୍ରରେ ଆଜି ଓଡିଶା ଦେଶର ଏକ ବଳକା ରାଜ୍ୟ ଓ ଅନ୍ୟ ରାଜ୍ୟଗୁଡିକୁ ଏହା ଖାଦ୍ୟଶସ୍ୟ ଯୋଗାଇ ଦେବାକୁ ସକ୍ଷମ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଓଡିଶା ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଓ ପ୍ରୟାସକୁ ପ୍ରଶଂସା କରାଯାଇଛି। ଖାଦ୍ୟ ସଂଗ୍ରହ ଓ ଖାଦ୍ୟ ସୁରକ୍ଷା ପ୍ରଣାଳୀ କ୍ଷେତ୍ରରେ ସମବାୟର ସଦୁପଯୋଗ ଆମ ରାଜ୍ୟର ଏକ ଅନନ୍ୟ ବ୍ୟବସ୍ଥା ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ। ଓଡିଶାର ସମବାୟ ଆନ୍ଦୋଳନ ୟୁ.କେ ଏବଂ ଅନ୍ୟ ୟୁରୋପୀୟ ଦେଶର ସମବାୟ ଆନ୍ଦୋଳନ ଦ୍ୱାରା ପ୍ରଭାବିତ । କୁଳବୃଦ୍ଧ ମଧୁସୂଦନ ଦାସ ୧୮୯୮ ମସିହାରେ ରାଜ୍ୟର ପ୍ରଥମ ସମବାୟ ସଂସ୍ଥା ପ୍ରତିଷ୍ଠା କରିଥିଲେ। ରୋଚଡେଲ ଭ୍ରାତୃବର୍ଗଙ୍କ ସମବାୟ ସଂସ୍ଥାକୁ ପରିଦର୍ଶନ କଲାପରେ ସେ ଅନୁପ୍ରେରିତ ହୋଇ ଓଡିଶାରେ ସମବାୟ ସଂସ୍ଥା ଆରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ରାଜ୍ୟର ସମବାୟ ମାଧ୍ୟମରେ ସମୃଦ୍ଧି ହାସଲ ଓ ଉତ୍ତମ ପ୍ରଶାସନ ନିମନ୍ତେ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ସମବାୟ ଋଣ ବ୍ୟବସ୍ଥାରେ କମ୍ପ୍ୟୁଟରାଇଜେସନ, ଡିଜିଟାଇଜେସନ୍, ପାକସ୍‌ଗୁଡିକୁ ୱାନ୍ ଷ୍ଟପ୍ ସପ୍, ନୂତନ ପାକସ୍ ଓ ଲାମ୍ପସ୍ ସୃଷ୍ଟି, କୃଷି ଉତ୍ପାଦ ସଂଗ୍ରହ, ସମବାୟ ସହାୟତା ବ୍ୟବସ୍ଥା, ଦକ୍ଷତା ବୃଦ୍ଧି ଓ ସ୍ୱତନ୍ତ୍ର ସମବାୟ ନୀତି ପ୍ରଣୟନ ଆଦି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ସଂପର୍କରେ ଅବଗତ କରାଇଥିଲେ । ସୂଚନାଯୋଗ୍ୟ କି ଚଳିତ ଜୁଲାଇ ୧୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି ସମ୍ମିଳନୀ ବେଲଜିୟମର ଲିୟୁଭେନ୍ ଠାରେ ଅନୁଷ୍ଠିତ ହେଉଛି। ଏହା ଲିୟୁଭେନ୍ ସେଂଟର ଅଫ୍ ଏକ୍ସପର୍ଟାଇଜ ଫର କୋପରେଟିଭ ଏଂଟ୍ରାପ୍ରିନିୟରସିପ୍ ଦ୍ୱାରା ଆୟୋଜିତ ହୋଇଛି। ଗବେଷକ, ସମବାୟବିତ୍, ପ୍ରଫେସର, ୟୁରୋପିଆନ ୟୁନିୟନର ନୀତି ନର୍ଦ୍ଧାରକମାନେ ଏହି ସମ୍ମିଳନୀରେ ସମବାୟ ପ୍ରଶାସନ ଉପରେ ଗବେଷଣାତ୍ମକ ତଥ୍ୟ ନେଇ ବ୍ୟାପକ ବିଚାରବିମର୍ଶ କରିବେ । ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି ପ୍ରସାଦ ରାଓ ଦୋରା ଏବଂ ପରିଚାଳନା ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝୀ ମଧ୍ୟ ଏହି ସମ୍ମଳନୀରେ ଯୋଗ ଦେଇଛନ୍ତି ।

# ଜୟରାଷ୍ଟ୍ର ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ତୋରଣ ସଫେଇ

କେନ୍ଦ୍ରାପଡ଼ା, ୧୨/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜୟରାଷ୍ଟ୍ର ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ତୋରଣ ପରିଷ୍କାର ପରିଚ୍ଛନ୍ନ କରାଯାଇଛି । ବର୍ଷ ବର୍ଷ ଧରି ଏହି ତୋରଣରେ ବିଭିନ୍ନ ପୋଷ୍ଟର, ବ୍ୟାନର, ଷ୍ଟିକର ଆଦି ଲଗାଯାଇ ଅରିଚ୍ଛନ୍ନ ଅବସ୍ଥାରେ ପଡି ରହିଥିଲା । ଜୟରାଷ୍ଟ୍ର ର ସଦସ୍ୟମାନେ କଟିକଟାରେ ପହଁଚି ସ୍ଥାନୀୟ ଯୁବକ ଓ ବ୍ୟବସାୟୀଙ୍କ ସହଯୋଗରେ ତୋରଣକୁ ସଫେଇ କରିଥିଲେ । ପରେ ପରେ ନିକଟରେ ଥିବା ପ୍ରସିଦ୍ଧ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣକୁ ପରିଷ୍କାର କରାଯାଇ ନିଶାଦ୍ରବ୍ୟ ଓ ପଲିଥିନ ମୁକ୍ତ ପାଇଁ ସଚେତନତା ପୋଷ୍ଟର ଲଗାଯାଇ ଥିଲା। ଅନୁଷ୍ଠାନର ସଂପାଦକ ପଙ୍କଜ ସିଂହାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ର ବେହୁରିଆ, ଦିଲିପ ମହାନ୍ତି, ରଶ୍ମି ରଞ୍ଜନ ସ୍ୱାଇଁ, କୁମାରେଶ ପଣ୍ଡା, ଅଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ କଟକ ଜିଲ୍ଲାରେ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରସାରିତ କରିବା ପାଇଁ ନିଷ୍ପତି ନିଆଯାଇଛି।

# କଳାହାଣ୍ଡି ଫୋରମ୍ ଫର୍ ସୋସିଆଲ ଟ୍ରାନ୍ସଫରମେସନ ପକ୍ଷରୁ ଦିନିକିଆ କର୍ମଶାଳା

ଭବାନୀପାଟଣା, ୧୨/୦୭ (ନି.ପ୍ର): ଆଜି ଭବାନୀପାଟଣା ଠାରେ ଅନୁସୂଚୀତ ଜାତି ବର୍ଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ପାଇଁ କଳାହାଣ୍ଡି ଫୋରମ୍ ଫର୍ ସୋସିଆଲ ଟ୍ରାନ୍ସଫରମେସନ୍ ପକ୍ଷରୁ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ସହରସ୍ଥିତ ଷ୍ଟାଟିଷ୍ଟିକାଲ୍ କନ୍ଫରେନ୍ସ ହଲ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫୋରମ୍ ର ସଭାପତି ତଥା ଅବସରପ୍ରାପ୍ତ ଜେଲ୍ ଅଧିକ୍ଷକ ପ୍ରେମାନନ୍ଦ ବାଗ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ। ଅବହେଳିତ ନିଷ୍ପେଷିତ ଓ ଅସହାୟ ପରିବାର ବର୍ଗର ଛାତ୍ରଛାତ୍ରୀ କିପରି ଉଚ୍ଚ ଶିକ୍ଷା ପାଇପାରିବେ ଓ ସେମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ,ଏହା ଉପରେ ପୁଙ୍ଖାନୁପୁଙ୍ଖ, ଭାବରେ ଆଲୋଚନା ହୋଇଥିଲା। ଏହା ସହିତ ସମାଜରେ ଥିବା ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ଫୋରମ୍ ର ଲବ ନାଏକ, ସନ୍ତୁଲାଲ ଦୀପଙ୍କ ସମେତ ବହୁ ଅଫିସର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ବାଚନ ଆସିଲେ ଓଡ଼ିଶାର ବିକାଶ କଥା ମନେପଡ଼େ: ପ୍ରଦେଶ କଂଗ୍ରେସ ସଭାପତି

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ୨୪ ବର୍ଷର ସରକାର, ମାଳ ମାଳ ଯୋଜନା କିନ୍ତୁ ଗୋଟିଏ ବି ଯୋଜନା ସଫଳ ରୂପାୟନ ହୋଇପାରିଲା ନାହିଁ ଏବଂ ଏହାର ସୁଫଳ ରାଜ୍ୟବାସୀ ପାଇଲେ ନାହିଁ। ପ୍ରତିଥର ନିର୍ବାଚନ ଆସିଲେ ରାଜ୍ୟ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ବିଭିନ୍ନ ଯୋଜନା ନାରେ ଘୋଷଣା କରାଯାଉଛି ଏବଂ ସେସବୁ ଯୋଜନା ଗୁଡ଼ିକ ବିନା ଟେଣ୍ଡରରେ କାର୍ଯ୍ୟ କରାଯିବ। ଗତକାଲି ଓଡ଼ିଶା ସରକାର ମୋ ଓଡ଼ିଶା ନବୀନ ଓଡ଼ିଶା” ଯୋଜନାରେ ୫୦ଲକ୍ଷ ଟଙ୍କା ପ୍ରତି ପଂଚାୟତକୁ ଦେବାପାଇଁ ଯେଉଁ ଘୋଷଣା କରିଛନ୍ତି ତା’ର ପ୍ରକୃତି ଉଦ୍ଦେଶ୍ୟ ହେଉଛି ନିଜର ସରପଂଚ, ୱାର୍ଡମେ଼ର ଏବଂ ଅନ୍ୟାନ୍ୟ ପଂଚାୟତ ସ୍ତରର ନେତୃବୃନ୍ଦଙ୍କୁ ଏହି ଅର୍ଥ ବିଭିନ୍ନ ଅମୂଳକ ଉପାୟରେ ବାଂଟିବା। ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କଟୁଭାଷାରେ ଓଡ଼ିଶା ସରକାରଙ୍କୁ ସମାଲୋଚନା କରିବା ସହିତ ଏ ଯୋଜନାର ଆୟୁଷ କେତେ ବର୍ଷ ବୋଲି ପ୍ରଶ୍ନ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୨୦୧୯ ସାଧାରଣ ନିର୍ବାଚନରେ କାଳିଆ ଯୋଜନା, ବଳିଆ ଯୋଜନା, ପିଠା ଯୋଜନା ଇତ୍ୟାଦି ଘୋଷଣା କରାଗଲା। ଏହା ପୂର୍ବରୁ ମୋ କୁଡ଼ିଆ ଯୋଜନା, ମୋ ସାଇକେଲ ଯୋଜନା, ମୋ ମଶାରୀ ଯୋଜନା ଇତ୍ୟାଦି ଇତ୍ୟାଦି ଯୋଜନା କରାଯାଇଥିଲା। କିନ୍ତୁ କୌଣସି ଗୋଟିଏ ଫଳପ୍ରଦ ହେଲା ନାହିଁ। ସେହିପରି ଅଭାବୀ ବିକ୍ରୀ କଥା ଆଉ ଅଛପା ନାହିଁ। ରାଜ୍ୟରେ ନାରୀ ନିର୍ଯ୍ୟାତନା ସର୍ବାଧିକ। ସରକାର କହନ୍ତି ବିଜୁ ଜନତା ଦଳ ମହିଳା ମାନଙ୍କ ବଳ। ରାଜ୍ୟର ମହିଳାମାନଙ୍କ ସ୍ଥିତି ଅତ୍ୟନ୍ତ ସାଂଘାତିକ। ଏବେ ଯେଉଁ ୪୦୦୦ କୋଟି ଟଙ୍କାର ଯୋଜନା ଘୋଷଣା କରାଗଲା ଏ ଟଙ୍କା ରାଜ୍ୟ ରାଜକୋଷକୁ ଲୁଟ କରି ବିଜୁ ଜନତା ଦଳକୁ ପଞ୍ଚାୟତ ସ୍ତରରେ ସଶକ୍ତ କରିବାପାଇଁ ଏ ଯୋଜନା। ଗ୍ରାମାଞ୍ଚଳର ବିକାଶ କଥା ନିର୍ବାଚନ ଆସିଲେ କେବଳ ମନେ ପଡୁଛି।ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ରାଜ୍ୟର ପ୍ରାଥମିକ ଶିକ୍ଷା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ରାଜ୍ୟର ସ୍ଥାନ ୧୪ ରୁ ଯାଇ ୨୪କୁ ଖସିଲାଣି ତଥାପି ଚିନ୍ତା ନାହିଁ। କଂଗ୍ରେସ ସରକାର ସମୟରେ ଯେଉଁ ସବୁ ସ୍କୁଲ ଗୁଡ଼ିକ କରାଯାଇଥିଲା ସେଗୁଡ଼ିକ ରଙ୍ଗ ଦେଇ ବାହସପୋଟ ମାରୁଛନ୍ତି। ରାଜ୍ୟରେ ୫୩ ହଜାର ଶିକ୍ଷକ ନାହାନ୍ତି। ୨୦୨୧ ମସିହା ସୁଦ୍ଧା ପ୍ରତି ଗାଁକୁ ସ୍ୱଚ୍ଛ ପିଇବାପାଣି ଯୋଗାଇ ଦେବାପାଇଁ ଧାର୍ଯ୍ୟ କରିଥିଲେ। କିନ୍ତୁ ବାସ୍ତବ ସ୍ଥିତି କ’ଣ? ଯଦି ୪୦୦୦ କୋଟି ଟଙ୍କା ବ୍ୟୟରେ ୩୧୪ ବ୍ଲକରେ ୩୧୪ଟି ଶୀତଳ ଭଣ୍ଡାର କରାଯିବ ତାହାର ଲାଭ ଆମ ଓଡ଼ିଶା ପାଇବ।

ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ବିଜୟ କୁମାର ପଟ୍ଟନାୟକ କହିଲେ ରାଜ୍ୟରେ ୪୪ ହଜାର ୯ଶହ ସ୍କୁଲରେ ପାଖାପାଖି ଗୋଟିଏ ମାତ୍ର କ୍ଲାସ ରୁମ ଅଛି। ଯେଉଁଥିରେ କି ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଂଚମ ପିଲାମାନଙ୍କୁ ପଢ଼ାଯାଉଛି ଏ ହେଉଛି ଏ ସରକାରଙ୍କର ଉପଲବ୍ଧି। ନବୀନ ବାବୁଙ୍କ ସରକାର କୌଣସି ଜଣେ ମନ୍ତ୍ରୀ ତାଙ୍କ ବିଭାଗର ସଫଳତା କହିପାରିବେ କି ? ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତ ରସାତଳକୁ ଚାଲିଯାଇଛି। ଏ ସରକାର ଦୁର୍ନୀତିକୁ ନୀତି କରିସାରିଛନ୍ତି। ଲକ୍ଷ ଲକ୍ଷ ଯୁବକ ଆଜି ବେରୋଜଗାର। ନିଯୁକ୍ତିର ସୁଯୋଗ ନାହିଁ। କୋଟି କୋଟି ଟଙ୍କାର ପୁଞ୍ଜିବିନିଯୋଗର ଚିଠା ଗଣମାଧ୍ୟମରେ ବଂଟା ଯାଉଛି କିନ୍ତୁ ନିଯୁକ୍ତି କାହିଁ। ଶିଳ୍ପ କେଉଁଠି ସ୍ଥାପନ ହେଲା। ରାଜ୍ୟରେ ଯେତେଗୁଡ଼ିଏ ଲଘୁ, ମଧ୍ୟମ ଧରଣର ଶିଳ୍ପ କଂଗ୍ରେସ ସରକାର ସମୟରେ ହୋଇଥିଲା ସେଗୁଡ଼ିକ ସବୁ ବନ୍ଦ କରିଦିଆଗଲା। ରାଜ୍ୟରେ ୨୪ବର୍ଷ ଭିତିରେ ୨୪ଟି କୃଷିଭିତିକ ଶିଳ୍ପର ନା କହିପାରିବେକି ? ୩୦ଲକ୍ଷ ଓଡ଼ିଆ ଲୋକ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଓଡ଼ିଶାର ବିକାଶ କିଭଳି ହେଉଛି ? ଗ୍ରାମାଞ୍ଚଳର ଯଦି ଏତେ ସୁଯୋଗ ଅଛି ଏତେସବୁ ଲୋକ ବାହାରକୁ କାହିଁକି ଯାଉଛନ୍ତି। ମେରୁଦଣ୍ଡ ବିହୀନ ସରକାର କେବଳ କୋମାରେ ଚାଲିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ୫-ଟି ହାଇସ୍କୁଲ ରୁପାନ୍ତରୀକରଣ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୧୨/୦୭ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କାଳିଗାଁ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟିକୁ ରୁପାନ୍ତରୀକରଣ ହୋଇଛି। ଏନେଇ ଆଜି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରସୁତି ବୈଠକ ଅନୁଷ୍ଠିତ ହୋଇଛ । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାଳିଆଁ ଉଚ୍ଚ ବିଦ୍ୟାଳୟର ନିଜସ୍ୱ ଜାଗା ରହିଛି । ସେହି ଠାରେ ନୁତନ କୋଠା, ଖେଳ ପଡିଆ ଡାଇନିଙ୍ଗ ହଲ, ବିଦ୍ୟାଳୟର ପରିବେଶ ଠିକ ରଖାଯିବା ସହ ଶୌଚାଳୟ, ସ୍ମାର୍ଟ କ୍ଲାସ ରୁମ, ଲ୍ୟାବ, ପାନୀୟ ଜଳର ବ୍ୟବସ୍ଥା ଆଦି କରାଯିବା ନେଇ ପରାମର୍ଶ ଦେଇଥିଲେ । କ୍ୱାଲିଟି ଓ କ୍ୱାଂଟିଟି ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ବାହିନିପତି ନିର୍ଦ୍ଦେଶ ଦେଲେ । ଏହି ବୈଠକରେ ବ୍ଲକ ଅଧକ୍ଷା ତିଳୋତମା ମୁଦୁଲ, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ଜିଲା ପରିଷଦ ସଭ୍ୟ ତପତି ପଟ୍ଟନାୟକ, ପ୍ରଧାନ ଶିକ୍ଷୟତ୍ରୀ ମନିଷା ପଣ୍ଡା ସହ ବିଦ୍ୟାଳୟ ପରିଚାଳନା କମିଟି, ପରୁଣା ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦରଦାମ ବୃଦ୍ଧି ଯୋଗୁଁ ଅଙ୍ଗନବାଡିରେ ପୃଷ୍ଟିକର ଖାଦ୍ୟଯୋଗାଣ ବାଧାପ୍ରାପ୍ତ

ଗଞ୍ଜାମ, ୧୨/୦୭ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ ଅଣ୍ଡା, ଡାଲି, ତେଲଓ ପନିପରିବା ଦର ହୁହୁ ହୋଇ ବଢିଚାଲିଥିବାରୁ ନିର୍ଦ୍ଧାରିତ ଓ ସରକାରଙ୍କ ସ୍ଥିରିକୃତ ଅନୁଦାନରେ ଅଂଗନବାଡିକର୍ମୀ ମାନେ କେନ୍ଦ୍ରରେ ଶିଶୁ ଓ ମହିଳାମାନଙ୍କୁ ପୃଷ୍ଟିକର ସୁଖିଲା ଓ ରନ୍ଧାଖାଦ୍ୟ ବିତରଣ କରିବାକୁ ସକ୍ଷମ ହେଉନାହାନ୍ତି। ଦୀର୍ଘ ଦିନହେଲା ସରକାରଙ୍କ ପକ୍ଷରୁ ଖାଦ୍ୟପାଇଁ ଅନୁଦାନ ବୃଦ୍ଧି କରାଯାଇନଥିବାରୁ ଅଙ୍ଗନବାଡି କର୍ମୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ହିତାଧିକାରୀମାନେ ମଧ୍ୟ ଉପଯୁକ୍ତ ପୃଷ୍ଟିକର ଖାଦ୍ୟ ନପାଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ସରକାର ତୁରନ୍ତ ଏଥିପାଇଁ ଅନୁଦାନ ବୃଦ୍ଧି ନକଲେ ଗଞ୍ଜାମ ଜିଲାରେ ପୁଣି ଅଂଗନବାଡି କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇ ଆସିବାର ସମ୍ଭାବନା ଦେଖାଦେଇଛି।

# ବିତରଣ କଂପାନିଙ୍କୁ ଓଇଆରସି ଝଟ୍‌କା




ଭୁବନେଶ୍ୱର, ୧୨/୦୭ (ନି.ପ୍ର): ବିଦ୍ୟୁତ୍ କ୍ଷେତ୍ରରେ ଅବ୍ୟବସ୍ଥାକୁ ନେଇ ସମଗ୍ର ରାଜ୍ୟ ଅସନ୍ତୋଷ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ନିର୍ବାଚନ ବର୍ଷରେ ରାଜ୍ୟ ସରକାରଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହେଲାଣି। ଠିକ୍ ଏମିତି ସମୟରେ ଆବଣ୍ଟନ କଂପାନିଙ୍କ କାର୍ଯ୍ୟ ସମୀକ୍ଷା କରିବା ଲାଗି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିଷ୍ପତ୍ତି ନେଇଛନ୍ତି। ବିତରଣ କଂପାନିମାନଙ୍କ କାର୍ଯ୍ୟଧାରା ସଂପର୍କରେ ୧୨ ତାରିଖ ଅର୍ଥାତ୍ ଆସନ୍ତାକାଲି ଠାରୁ ସମୀକ୍ଷା ହେବ; ଯେଉଁଥିରେ ସେମାନଙ୍କର କାର୍ଯ୍ୟ ପ୍ରଦର୍ଶନ ଯାଞ୍ଚ କରିବେ ଆୟୋଗ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ପକ୍ଷରୁ କୁହାଯାଇଛି, ଗତ ୨୦୨୦ ମସିହା ଠାରୁ ଓଡ଼ିଶାର ଚାରିଟି ବିଦ୍ୟୁତ୍ ବିତରଣ କଂପାନିର ୫୧% ଅଂଶଧନ ଟାଟା ପ୍ୱାରକୁ ପର୍ଯ୍ୟାୟକ୍ରମେ ହସ୍ତାନ୍ତର ହୋଇଛି। ନିଷ୍ପତ୍ତି ମୁତାବକ, ସେମାନେ ଅଧିଗ୍ରହଣ କରିବା ଦିନଠାରୁ ୫ବର୍ଷ ମଧ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ସକାଶେ ଅର୍ଥ ବିନିଯୋଗ କରିବା କଥା। ଏହାଦ୍ୱାରା ବିଦ୍ୟୁତ୍ ଉପଭୋକ୍ତାମାନେ ଉନ୍ନତମାନର ସେବା ପାଇବେ। ଏ ଯାଏଁ ବିଦ୍ୟୁତ୍ ବିତରଣ କଂପାନିମାନେ ଆବଶ୍ୟକ କରୁଥିବା ୫୬୪୦ କୋଟି ଟଙ୍କାରୁ ୧୯୦୯ କୋଟି ୩ଲକ୍ଷ ଟଙ୍କା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବିନିଯୋଗ ହୋଇଛି। ଏସବୁ ଅର୍ଥ ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ କରାଯାଇଛି। ଅନ୍ୟପକ୍ଷରେ ସର୍ତ୍ତ ଅନୁସାରେ, ବିତରଣ କଂପାନିମାନେ ଏକ ନିର୍ଦ୍ଦିଷ୍ଟ ହାରରେ ସେମାନଙ୍କର ବିତରଣଜନିତ କ୍ଷତି କମାଇବା କଥା। ଯାହା ପରିଦୃଷ୍ଟ ହେଉନାହିଁ, ଏବଂ ବିଦ୍ୟୁତ୍ ଦର ବୃଦ୍ଧି ପଛରେ ଅନେକ କାରଣ ମଧ୍ୟରୁ ଏହା ଗୋଟିଏ ବଡ଼ କାରଣ। ଏଣୁ ବିତରଣ କଂପାନିମାନେ ଏସବୁ ବଣ୍ଟନ ଜନିତ କ୍ଷତି କେତେ ପରିମାଣରେ ହ୍ରାସ କରିଛନ୍ତି, ସେ ସଂପର୍କରେ ଆୟୋଗ ତନାଘନା କରିବେ। କେବଳ ସେତିକି ନୁହେଁ, ବିଦ୍ୟୁତ୍ ବିତରଣ କଂପାନିମାନେ ଆୟୋଗ ଅନୁମୋଦନ କରିଥିବା ଅର୍ଥକୁ କିଭଳି ବିନିଯୋଗ କରିଛନ୍ତି ସେ ସଂପର୍କରେ ଅନୁଶୀଳନ କରିବା ଲାଗି ତୃତୀୟ ପକ୍ଷ ଦ୍ୱାରା ଅଡ଼ିଟ୍ କରାଯିବ। ଏହି ଅଡ଼ିଟ୍ ରିପୋର୍ଟ ଆସିଲେ ଆୟୋଗ ତାହାର ବି ସମୀକ୍ଷା କରିବେ। ଏହାବ୍ୟତୀତ ଆୟୋଗ ନିଜର ବରିଷ୍ଠ ଅଧିକାରୀଙ୍କୁ ବିତରଣ କଂପାନିମାନଙ୍କୁ ପ୍ରତ୍ୟେକ ମାସରେ ପଠାଇବେ। ସେମାନେ ସେଠାରେ ସଂପୃକ୍ତ କଂପାନିମାନଙ୍କର କାର୍ଯ୍ୟାଧାରା ଓ ଉପଭୋକ୍ତାମାନଙ୍କୁ ଦିଆଯାଉଥିବା ସେବା ଅନୁଶୀଳନ କରିବା ସହିତ ରିପୋର୍ଟ ଦେବା ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଥାଉକି, ଜାତୀୟ ହାରଠୁ ଅଧିକ ଶୁଳ୍କ ଦେଉଛନ୍ତି ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତା। ଏହା ସତ୍ତ୍ୱେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମିଞ୍ଜି ମିଞ୍ଜି ଆଲୁଅ ଓ ଘନ ଘନ ବିଦ୍ୟୁତ୍ କାଟ୍‌କୁ ହେଉଛି।ଏସବୁ ପ୍ରମାଣ କରୁଛି ଯେ ଯେଉଁ ଉଦ୍ଦେଶ୍ୟରେ ବିଦ୍ୟୁତ୍ ସଂସ୍କାର କରାଯାଇଥିଲା, ତାହା ଆଦୌ ସଫଳ ହୋଇନାହିଁ। ଏପଟେପୂରା ରାଜ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଦ୍ୟୁତ୍‌କୁ ନେଇ ସରକାର ଅକଳରେ ପଡ଼ିଛନ୍ତି। ଆହୁରି ସାଂଘାତିକ କଥା ହେଲା, ଆବଣ୍ଟନ କଂପାନିମାନେ ସାମଗ୍ରିକ ବୈଷୟିକ ଓ ବାଣିଜ୍ୟିକ କ୍ଷତି ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିନଥିବା ନେଇ ପିଏଫ୍‌ସିଙ୍କ ସଦ୍ୟ ଜାରି ରିପୋର୍ଟରୁ ସୂଚନା ମିଳୁଛି। ହେଲେଏ ନେଇ ରାଜନୈତିକ ଦଳ ରାଜରାସ୍ତାକୁ ଆସି ସରକାରଙ୍କୁ ଘେରିବା ପରେ ଉଭୟ ଆବଣ୍ଟନ କଂପାନି ଓ ଶକ୍ତି ମନ୍ତ୍ରୀ ଦୁର୍ବଳ ଭିତ୍ତିଭୂମି ହିଁ ଏସବୁର କାରଣ ବୋଲି ଦର୍ଶାଇଥିଲେ। ରାଜ୍ୟ ସରକାର ମଧ୍ୟ ଆଦୌ ଆଉ ଖୋଲତାଡ ନ କରି ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଆଉ ୧୨୮୪ କୋଟି ୪୯ଲକ୍ଷ ଟଙ୍କା ଅନୁମୋଦନ ଦେଇଛନ୍ତି।

# ଜମି ମାଫିଆଙ୍କ ବିରୋଧରେ ଥାନା ଘେରିଲେ ଗ୍ରାମବାସୀ

ପୁରୀ, ୧୨/୦୭ (ନି.ପ୍ର): ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ବାଲିଗୁଆଳି ନାଗପାଟଣା ଅଞ୍ଚଳର କିଛି ଚାଷୀଙ୍କ ଫସଲ ନଷ୍ଟ କରିଥିବା ଜମି ମାଫିଆଙ୍କ ବିରୋଧରେ ପେଣ୍ଠକଟା ମେରାଇନ ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ଅଭିଯୋଗ କରିଛନ୍ତି । ଚାଷୀ ସୁରକ୍ଷା କମିଟିର ସଭାପତି ଲୋକନାଥ ସ୍ୱାଇଁ ଓ ଚାଷୀମାନେ ଜଣାଇଛନ୍ତି ବାଲୁଖଣ୍ଡ ମୌଜାର ଖାତା ନମ୍ବର ୨୧୦ରେ କିଛି ଚାଷୀ ଧାନ ତଳି ପକାଇ ଚାଷ କରିଥିଲେ । ପ୍ରାୟ ୨୨ ଏକର ଜମିରେ ତଳି ପଡ଼ିଥିବା ବିହନକୁ ଜଣେ ଜମି ମାଫିଆ ବିଷାକ୍ତ ଔଷଧ ପ୍ରୟୋଗ କରି ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି। ଏହି ତଳି ଖାଇ ଗୋଟିଏ ଗାଇ ମଧ୍ୟ ମରି ଯାଇଥିବା ଦେଖିବାକୁ ମିଳିଥିଲା । ସେହି ମାଫିଅଙ୍କ ବିରୋଧରେ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନଅ ନିଆଯିବାରୁ ଚାଷୀମାନେ ଥାନା ଆଗରେ ବିକ୍ଷୋଭ କରିବା ପାଇଁ ବାଧ ହୋଇଥିଲେ । ଚାଷୀମାନେ ହେଲେ ଲୋକନାଥ ସ୍ୱାଇଁ,ନାଲୁ ସ୍ୱାଇଁ,ସୁରଧ ସ୍ୱାଇଁ, ସନ୍ତୋଷ ସ୍ୱାଇଁ,ସୁକାନ୍ତ ସ୍ୱାଇଁ, ଗୁଣ୍ଡୁଚି ନାୟକ,ବିଦ୍ୟାଧର ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ପଦ୍ମନାଭ ସ୍ୱାଇଁ, ମହେନ୍ଦ୍ର ବିଶ୍ୱାଳ,ବିଜୟ ନାୟକ, ସାଗର ସ୍ୱାଇଁ, ଶରତ ବିଶ୍ୱାଳ, କାର୍ତ୍ତିକ ସ୍ୱାଇଁ, ସଦାଶିବ ସ୍ୱାଇଁ,ପ୍ରଶାନ୍ତ ବିଶ୍ୱାଳ ଓ ଗୋପାଳ ରାଉତଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

# ବ୍ଲକ ସ୍ତରୀୟ କୃଷି ସମବାୟ ସମିତି ସଂପାଦକଙ୍କର ବୈଠକ

କେନ୍ଦ୍ରାପଡ଼ା, ୧୨/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଂଚଳରେ ଥିବା କୃଷି ସମବାୟ ସମିତି ସଂପାଦକମାନଙ୍କର ଏକ ବୈଠକ କଟକ କେନ୍ଦ୍ର ଗ୍ରାମୀୟ ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ବୈରାଗୀ ଚରଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ଲକ ସଭାପତି କାଳନ୍ଦୀ ବିଶ୍ୱାଳ, ସଂପାଦକ ସୁବୋଧ ଲେଙ୍କାଙ୍କ ସମେତ ହେମନ୍ତ ପାତ୍ର, ଶୀହର୍ଷ ମହାନ୍ତି, ଦେବେନ୍ଦ୍ର ପୃଷ୍ଟି, ନେତ୍ରାନନ୍ଦ ସାହୁ, ପ୍ରଭଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି କୃଷି ସମବାୟ ସମିତିର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର,୧୩ ଜୁଲାଇ, ୨୦୨୩

# ପତ୍ରରେ ଖାଇବା

**ପତ୍ରରେ ଖାଇବା ସମସ୍ତଙ୍କର ଅତିପ୍ରିୟ ବୋଲି କୁହାଯାଏ । ପତ୍ରରେ ଖାଇବା ଭାରତୀୟ ସଂସ୍କୃତିରେ କେବେଠାରୁ ପ୍ରଚଳିତ ରହିଛି । ଏହା କେବଳ ପରମ୍ପରା ନୁହେଁ, ଏହା ସହିତ ବୈଜ୍ଞାନିକ ତଥା ସ୍ୱାସ୍ଥ୍ୟଗତ କାରଣ ଜଡ଼ିତ ।**

ଧାର୍ମିକ ପରମ୍ପରାରେ ପ୍ରସାଦକୁ କଦଳୀପତ୍ରରେ ଖାଇବା, ପଣସ ପତ୍ରରେ ପିଣ୍ଡ ବଢ଼ାଯିବା, ହଳଦି ପତ୍ରରେ ପ୍ରଥାମାଷ୍ଟମୀର ଏଣ୍ଡୁରିପିଠା ହୋଇ ଭୋଗ ଲାଗିବା ଆଦି ନୀତିନିୟମରହିଛି । ଏହା ପଛରେ ଥିବା ସ୍ୱାସ୍ଥ୍ୟ ଉପକାରିତା ଜାଣିଲେ ଆଶ୍ଚର୍ଯ୍ୟ ନହୋଇ ରହିପାରିବେ ନାହିଁ । ପ୍ରତ୍ୟେକ ପତ୍ର ନିଜସ୍ୱ ଉପକାରୀ ଗୁଣରେ ଭରପୂର ।



**କଦଳୀପତ୍ର:-** ଓଡ଼ିଶା ସମେତ ଦକ୍ଷିଣ ଭାରତରେ କଦଳୀପତ୍ରରେ ଖାଇବାକୁ ଗୁରୁତ୍ୱ ଦିଆଯାଏ । କଦଳୀପତ୍ରରେ ଗରମଗରମ ଅରୁଆ ଭାତ ଡାଲମା ହେଉ କି ପ୍ରସାଦ-ଖାଇବାର ସ୍ୱାଦ ସ୍ପୂର୍ଣ୍ଣ ଭିନ୍ନ । ପତ୍ରରେ ଏପରି ଗରମ ଖାଦ୍ୟ ବଢ଼ାହେବା ମାତ୍ରେ ଏକ ଭିନ୍ନ ସୁଗନ୍ଧ ସୃଷ୍ଟି ହୁଏ । ହିନ୍ଦୁ ଧର୍ମ ଅନୁସାରେ କଦଳୀପତ୍ର ପ୍ରଜନନ ଏବଂ ସମୃଦ୍ଧିର ପ୍ରତୀକ । ତେଣୁ ଏହାକୁ ଶୁଭଙ୍କର ଭାବେ ଗ୍ରହଣ କରାଯାଇଛି । ଏହା ମଧ୍ୟ ମୋଟା ଏବଂ ଜଳ ପ୍ରତିରୋଧୀ । ତେଣୁ ଖାଦ୍ୟ ବଢ଼ାଯିବା ପାଇଁ କଦଳୀପତ୍ର ଉପଯୁକ୍ତ । ଏହାର ପୋଷାକ ତତ୍ତ୍ୱ ପତ୍ରକୁ ଅଧିକ ଖାଦ୍ୟୋପଯୋଗୀ କରେ । କଦଳୀ ପତ୍ରରେ ଉଦ୍ଭିଦଜ ଯୌଗିକ ପଲିଫିନଲ ପ୍ରଚୁର ପରିମାଣରେ ଥାଏ । ଏଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ ଏବଂ କର୍କଟରୋଗ ପ୍ରତିରୋଧୀ । ପତ୍ରରେ ଗରମ ଖାଦ୍ୟ ବଢ଼ାଯିବା ମାତ୍ରେ ଉଷ୍ମତା ପଲିଫିନଲଗୁଡ଼ିକୁ ସକ୍ରିୟ କରେ ଏବଂ ଏହା ଖାଦ୍ୟରେ ମିଶିଯାଏ ।

କଦଳୀପତ୍ରରେ ମଧ୍ୟ ବ୍ୟାକ୍ଟେରିଆ ପ୍ରତିରୋଧୀ ଗୁଣ ସହିତ ଭିଟାମିନ ଏ, ସାଇଟ୍ରିକ ଏସିଡ, କ୍ୟାଲସିୟମ ଓ କ୍ୟାରୋଟିନ୍ ରହିଛି । ଗୁଜରାଟୀ ଖାଦ୍ୟ ପାନ୍‌କି ସହିତ ଓଡ଼ିଆ ପରମ୍ପରାର ଏଣ୍ଡୁରି ପିଠା ମଧ୍ୟ କଦଳୀପତ୍ରରେ ପ୍ରସ୍ତୁତ କରାଯାଏ ।



**ପଣସ ପତ୍ର:-** ଏଗୁଡ଼ିକ ଛୋଟ ହୋଇଥିବାରୁ ଏଥିରେ ଖାଦ୍ୟ ରଖି ଖାଇବା ଅସମ୍ଭବ । ପୁଣି ପରମ୍ପରା ଅନୁସାରେ ଏହି ପତ୍ରରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ବଢ଼ାଯାଉଥିବାରୁ ଏହାକୁ ସିଲେଇ କରି ପତ୍ର ବା ଦନାରେ ମଧ୍ୟ ଖିଆଯାଏ ନାହିଁ । ଏହି ପତ୍ରକୁ କିନ୍ତୁ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ପଣସ ପତ୍ରରେ ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ ଓ ଫାଇଟୋନ୍ୟୁଟ୍ରିଏଣ୍ଟ ରହିଛି । ଫାଇଟୋନ୍ୟୁଟ୍ରିଏଣ୍ଟ କର୍କଟ ଏବଂ ହୃଦରୋଗ ହେବାର ଆଶଙ୍କା କମାଇଥାଏ ବୋଲି ଆମେରୀକୀୟ କୃଷି ବିଗାଭ ପକ୍ଷରୁ କରାଯାଇଥିବା ଗବେଷଣାାରେ ଜଣାପଡ଼ିଛି । ତେଣୁ ପଣସପତ୍ରରେ କୌଣସି ପିଠା ବା ଖାଦ୍ୟ ରଖି ପ୍ରସ୍ତୁତି ଲାଗି ସିଝାଗଲେ ଆଣ୍ଟିଅକ୍ସିଡାଣ୍ଟ ଓ ଫାଇଟୋନ୍ୟୁଟ୍ରିଏଣ୍ଟ ସକ୍ରିୟ ହୋଇ ଖାଦ୍ୟରେ ମିଶିଥାଏ । ଏହି ପତ୍ର ଶରୀରୁ ବିଷାକ୍ତ ତତ୍ତ୍ୱ ଦୂରୀକରଣ, ମଧୁମେହ ପନିୟନ୍ତ୍ରଣ ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ଶଇବାରେ ସାହାଯ୍ୟ କରେ ।

**ପଳାଶ ପତ୍ର:-** ପ୍ରାୟତଃ ଗୁପ୍ ଚୁପ୍ ଖାଇବା ବେଳେ ଛୋଟଛୋଟ ପତ୍ର ତିଆରି ଦନାରେ ସେମାନେ ଦେଇଥାନ୍ତି । ଲକ୍ଷ୍ୟ କଲେ ଜାଣିପାରିବେ, ସେଗୁଡ଼ିକ ପଳାଶ ପତ୍ରରେ ତିଆରି । ଏହି ପତ୍ର ମଧ୍ୟ ହିନ୍ଦୁ ପରମ୍ପରାର ବିଭିନ୍ନ ଧାର୍ମିକ କାର୍ଯ୍ୟରେ ଲାଗିଥାଏ । ପଳାଶ ପତ୍ର ପ୍ରାକୃତିକ ତନ୍ତୁରେ ଥିବା ପ୍ରାକୃତିକ ଶର୍କରା ଖାଦ୍ୟର ସ୍ୱାଦ ବୃଦ୍ଧିକରେ ।

**ପଦ୍ମପତ୍ର:-** ଏବେ ବି ରାସ୍ତାକଡ଼ର କେତେକ ଝୁମ୍ପୁଡ଼ି ହୋଟେଲରେ ପଦ୍ମପତ୍ରରେ ଖାଇବାକୁ ଦିଆଯାଉଛି । ପଦ୍ମ ଏପରି ଏକ ଉଦ୍ଭିଦ ଯାହାର ପ୍ରତ୍ୟେକ ଭାଗ ମଣିଷର ଉପକାର କରେ । ପଦ୍ମପତ୍ରରେ ଥିବ। ଆଲକାଲ ଏଡ ଡାଇରିଆ ରୋଗରାକୃତିକ ଔଷଧ କହିଲେ ଭୁଲ ରଖିବାରେ ସହାୟକ । ପଦ୍ମପତ୍ରରେ ପାଣି ଗଡିଆସୁଥିବାରୁ ରକ୍ତତ ସଞ୍ଚାରଳନ ସଠିକ୍ ରଖିବାରେ ସହାୟକ । ପଦ୍ମପତ୍ରରେ ପାଣି ଗଡ଼ିଆସୁଥିବାରୁ ଖାଦ୍ୟ ବଢ଼ାଗଲେ ଆରାମରେ ଖାଇହୁଏ । ଏଥିରେ ବଢ଼ାଯାଇଥିବା ଖାଦ୍ୟ ସତେଜ ରହିବା ସହ ସମସ୍ତ ପୋଷାକ ତତ୍ତ୍ୱ ଗ୍ରହଣ କରିନିଏ ।

**ହଳଦି ପତ୍ର:-** ପ୍ରଥମାଷ୍ଟମୀ ପର୍ବରେ ହଳିଦି ପତ୍ରରେ ଏଣ୍ଡୁରି ପିଠା ହେବା ପରାମ୍ପରାର ଅନ୍ତର୍ଭୁକ୍ତ । ହଳଦି ପତ୍ରକୁ ଭାରତୀୟ ଥାଇ ଏବଂ ମାଲେସୀୟ ରୋଷେଇରେ ବିଶେଷ ଭାବେ ବ୍ୟବହାର କରାଯାଏ । ଏହି ପତ୍ରରେ ଥିବା ତତ୍ତ୍ୱ ହଜମ ଶକ୍ତି ବୃଦ୍ଧି କରି ଗ୍ୟାସ୍ ଏବଂ ଅନ୍ୟାନ୍ୟ ପେଟ ସମସ୍ୟା ଦୂର କରେ। ଏଥିରେ ଥିବା କରକ୍ୟୁମିନ୍ ହଜମକାରକ ଲାଳ କ୍ଷରଣରେ ସାହାଯ୍ୟ କରିଥାଏ । ଏହାର ଇନ୍‌ଫ୍ଲାମେଟାରୀ ପ୍ରତିରୋଧକ ତତ୍ତ୍ୱ ମଧ୍ୟ ରହିଛି । ତେଣୁ ଆଣ୍ଠୁଗଣ୍ଠି ରୋଗ ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଏହା ବିଶେଷ ଭାବେ ଉପକାରୀ । ବିଶେଷଜ୍ଞମାନଙ୍କ ମତରେ ହଳଦିରେ ଥିବା ବାୟୋଆକ୍ଟିଭ ଯୌଗିକ ଯନ୍ତ୍ରଣା ନିବାରକ ଭାବେ କରିଥାଏ ।

## ପୁଅମାନେ ଚନ୍ଦା ହେଉଛନ୍ତି, ଝିଅମାନେ କାହିଁକି ନୁହେଁ ? : ଜାଣନ୍ତୁ କାରଣ



ଆପଣ ଦେଖିଥିବେ କି ପୁରୁଷମାନଙ୍କର କେଶ ଝଡି ଚନ୍ଦା ହୋଇଯିବା, ହେଲେ ଆପଣ କେବେ ଏକ ଚନ୍ଦା ହୋଇଯିବା ମହିଳାଙ୍କୁ ଦେଖିଛନ୍ତି କି ? ସମ୍ଭବତଃ ନୁହେଁ, କାରଣ ପୁରୁଷମାନଙ୍କ ଠାରେ ଚନ୍ଦାପଣ ଅଧିକ ଦେଖାଯାଏ । ତଥାପି, ମସ୍ତକର ଏହି ସମସ୍ୟା ମନୋବିଜ୍ଞାନ କିମ୍ବା ସାମାଜିକ ବିଜ୍ଞାନ ଅପେକ୍ଷା ଜୀବବିଜ୍ଞାନ ଦୃଷ୍ଟିକୋଣରୁ ଅଧ୍ୟୟନ କରିବାକୁ ଯୋଗ୍ୟ । ପୁଷ୍ଟିକର ଅଭାବ ଏବଂ ଚାପ ଯୋଗୁଁ ମହିଳାମାନଙ୍କଠାରେ କେଶ ଝଡିବା ମଧ ହୋଇଥାଏ । ବୟସ ସହିତ ଏହି ସମସ୍ୟା ବଢିପାରେ ଏବଂ ମହିଳାଙ୍କ କେଶ ପତଳା ହୋଇପାରେ । ଏମିତିକି, ସେମାନେ ସମ୍ପୂର୍ଣ୍ଣରୂପେ କେଶ ହରାଇବା ସମ୍ଭବ ନୁହେଁ । ଏହି ସମୟରେ, ପୁରୁଷମାନଙ୍କଠାରେ ଏହି ସମସ୍ୟା ଏକ ସାଧାରଣ କଥା । ଆପଣ ନିଶ୍ଚୟ ଦେଖିଥିବେ ଯେ, ବୟସ ସହିତ ପୁରୁଷମାନଙ୍କର କେଶ ଝଡ଼ିବାକୁ ଲାଗେ । ପୁରୁଷମାନଙ୍କ କ୍ଷେତ୍ରରେ, କେଶ ଝଡିବା ବୟସ ପରେ ଆରମ୍ଭ ହୁଏ ଏବଂ ସେମାନଙ୍କ ମୁଣ୍ଡରେ କେଶ ସମସ୍ୟା ବଢିଥାଏ । ଏହି ସମସ୍ୟା ଦ୍ରୁତ ଗତିରେ ବଢିଥାଏ ଏବଂ ଅନେକ ଲୋକଙ୍କ ମଧ୍ୟରେ ୩୦ ବର୍ଷ ବୟସରେ ଚନ୍ଦାପଣ ଦେଖାଯିବା ଆରମ୍ଭ କରେ । ବାସ୍ତବରେ, ପୁରୁଷମାନଙ୍କରେ କେଶର ବୃଦ୍ଧି ଏବଂ ପତନ ହେବାର କାରଣ ହେଉଛି ହରମୋନ୍ ପରିବର୍ତ୍ତନ । ନରୱେର ବର୍ଗେନ୍ ୟୁନିଭର୍ସିଟିର ଜୀବବିଜ୍ଞାନୀ ପେ ଜ୍ୟାକବସନଙ୍କ ଅନୁଯାୟୀ ଚନ୍ଦାପଣ ଅଧ୍ୟୟନ କରୁଥିବା ଟେଷ୍ଟୋଷ୍ଟେରନ୍ ନାମକ ଯୌନ ହରମୋନ୍ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଏହି ହରମୋନ୍ ପୁରୁଷମାନଙ୍କଠାରେ ମିଳୁଥିବା ଆଣ୍ଡ୍ରୋଜେନ୍ ଗୋଷ୍ଠୀର ଏକ ଅଂଶ । ମହିଳାମାନଙ୍କଠାରେ ଟେଷ୍ଟୋଷ୍ଟେରନର ପରିମାଣ କମ୍ ଥାଏ ଏବଂ ଏହା ସହିତ ଇଷ୍ଟ୍ରୋଜେନ୍ ନାମକ ଏକ ହରମୋନ୍ ମଧ ରହିଥାଏ । ତେଣୁ, ମହିଳାମାନଙ୍କଠାରେ ଟେଷ୍ଟୋଷ୍ଟେରୋନକୁ ଡାଇହାଇଡ୍ରୋଟେଷ୍ଟୋଷ୍ଟେରନରେ ରୂପାନ୍ତର କରିବାର ପ୍ରକ୍ରିୟା କମ୍ ଅଟେ । ବେଳେବେଳେ ଗର୍ଭାବସ୍ଥା କିମ୍ବା ମେନୋପାଜ୍ ସମୟରେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରେ ଏବଂ ଏହି ସମୟରେ ମହିଳାମାନଙ୍କଠାରେ କେଶ ଝଡିବା ଆରମ୍ଭ ହୋଇପାରେ । ଦୁର୍ଭାଗ୍ୟବଶତଃ, କିଛି ଲୋକ ବହୁତ କମ୍ ବୟସରେ ଚନ୍ଦାପଣ ସମସ୍ୟା ପାଆନ୍ତି । ଏହାର କାରଣ ହୁଏତ ସେମାନେ ଉତ୍ତରାଧିକାରୀ ଏନଜାଇମ୍ ଏବଂ ସେମାନଙ୍କର ଚର୍ମର ବିଭିନ୍ନ ପ୍ରକାର ହୋଇପାରେ । କେତେକ ଲୋକଙ୍କ ମଧ୍ୟରେ ଏହା ଅଧିକ ଏନଜାଇମ୍ ପାଇଁ ପ୍ରଭାବଶାଳୀ । ଏହି କାରଣରୁ କେତେକ ଲୋକ ଏହି ସମସ୍ୟାର ଉତ୍ତରାଧିକାରୀ ଅଟନ୍ତି ।

## ଖାଦ୍ୟରେ ବିଷକ୍ରିୟା



ପ୍ରତିଯୋଗିତାମୂଳକ ଯୁଗରେ ଲୋକଙ୍କ କର୍ମ ଚଞ୍ଚଳତା ସେମାନଙ୍କୁ କରୁଛି ବେପରୁଆ । ଅର୍ଥ ସଙ୍କଟ ବି ସେମାନଙ୍କୁ କରିଛି ଅଧିକ ବିବ୍ରତ । ସମୟ ଅଭାବରୁ ସେମାନେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଇପାରୁ ନାହାନ୍ତି କିମ୍ବା ଅର୍ଥାଭାବରୁ ସତେଜ ପନିପରିବା ଓ ଫଳମୂଳ ଖାଇପାରୁ ନାହାନ୍ତି । ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଖାଦ୍ୟରେ ବିଷକ୍ରିୟାକୁ ଆମନ୍ତ୍ରଣ କରୁଛନ୍ତି । ଫୁଡ଼ ପଏଜନିଙ୍ଗ (ଖାଦ୍ୟରେ ବିଷକ୍ରିୟା) ଦେଶରେ ଏକ ସମସ୍ୟା ଭାବେ ଦେଖାଦେଇଛି । କିନ୍ତୁ ଏହା ପ୍ରତି ସଜାଗ ନହେଲେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ବିଷାକ୍ତ ଭୋଜନ ଖାଇବାରେ ୪୮ଘଣ୍ଟା ପରେ ଏହାର ଲକ୍ଷଣମାନ ଦେଖାଯାଇଥାଏ । ଏହା ଯୋଗୁଁ ବାନ୍ତି ହେବା, ପେଟ ଖରାପ ଅର୍ଥାତ୍ ଡାଇରିଆ ଭଳି ରୋଗ ଦେଖାଦେଇଥାଏ ।

କିପରି ହୁଏ : ଖାଦ୍ୟ ଦ୍ୱାରା ପ୍ରାୟ ଅନେକ ରୋଗ ଆମକୁ ହୋଇଥାଏ । ଏହା ମୁଖ୍ୟତଃ ଦୁଇଟି କାରଣରୁ ହୋଇଥାଏ । ପ୍ରଥମତଃ ଏହା ସଂକ୍ରାମଗ ଓ ବ୍ୟାକ୍ଟେରିଆ ଦ୍ୱାରା ବିଷାକ୍ତ ହୋଇଥାଏ ଏବଂ ଦ୍ୱିତୀୟତଃ ଭଲକରି ନଧୋଇ ସବଜି ଖାଇବା ଦ୍ୱାରା ହାତ ଓ ଖାଇବା ବାସନ ନଧୋଇ ଖାଇବା ଦ୍ୱାରା ଫୁଡ଼ ପଏଜନ ପରି ରୋଗ ସଂକ୍ରମଣ କରିଥାଏ ।

ଲକ୍ଷଣ : ଫୁଡ଼ ପଏଜନର ଲକ୍ଷଣ ଦୂଷତ ଭୋଜନ ଓ ଖାଇବା ମାତ୍ରା ବୃଦ୍ଧି ଉପରେ ନିର୍ଭର କରିଥାଏ । ସଂକ୍ରମଣରେ ଲକ୍ଷଣ ୩୦ ମିନିଟ୍, ୨୪ଘଣ୍ଟା କିମ୍ବା କିଛି ଦିନ ଅନ୍ତରରେ ଦେଖାଳଯାଇଥାଏ । ଏହା ପ୍ରଥମେ ବାନ୍ତି, ଝାଡ଼ା ଓ ପେଟ ଗୋଳମାଳରୁ ଆରମ୍ଭ ହୋଇଥାଏ ।

କେଉଁ ସମୟରେ ଡାକ୍ତରଙ୍କ ପାଖକୁ ଯିବେ : ବାନ୍ତି କିମ୍ବା ଝାଡ଼ା ଦୁଇ ଦିନ ପରେ ଠିକ୍ ନହେଲେ । ବର୍ଷକରୁ କମ୍ ବୟସର ସନ୍ତାନ ଥିବା ନାରୀକୁ ସଂକ୍ରମଣ କରିଥିଲେ । ବିଦେଶ ଯାତ୍ରାରୁ ଫେରିବା ପରେ ଏଭଳି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ଚିକିତ୍ସା ପରାମର୍ଶ ନିଅନ୍ତୁ । ଯଦି ରୋଗୀ ତରଳ ଖାଦ୍ୟ ପଦାର୍ଥ ଗିଳିପାରୁ ନଥିବ ତେବେ ଡାକ୍ତରଙ୍କୁଦେଖା କରନ୍ତୁ । ଯଦି ସଂକ୍ରାମକ ବ୍ୟକ୍ତିକୁ ଏଡ଼ସ, କ୍ୟାନସର ଓ ବୃକକ ସମସ୍ୟା ଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

ଘରୋଇ ଉପଚାର : ଖାଦ୍ୟରେ ବିଷକ୍ରିୟା ଆରମ୍ଭ ଅବସ୍ଥା ଜଣାପଡ଼ିଲେ ପ୍ରାଥମିକ ଉପଚାର ଘରେ କରିହେବ । ସଂକ୍ରମଣ ଲକ୍ଷଣ ଦେଖାଦେଲେ କଠିନ ଖାଦ୍ୟ ନଖାଇ ଯଥା ସମ୍ଭବ ତରଳ ଖାଦ୍ୟ ଖାଆନ୍ତୁ । ପ୍ରଚୁର ପାଣି ପିଅନ୍ତୁ । ଚା' କଫି କେବେ ବି ପିଇବେ ନାହିଁ । ବାନ୍ତି ସ ଝାଡ଼ା କମିଗଲେ ଧୀରେ ଧୀରେ ଭାତ, ରୁଟି, ଆଳୁ ଖାଇପାରିବେ । ବାନ୍ତି ଓ ଝାଡ଼ା ହେଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବେ । ଜ୍ୱର ଆସିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସଂକ୍ରମଣର ମାତ୍ରା ବଢ଼ିଲେ ଡାକ୍ତରଖାନାରେ ରହି ଚିକିତ୍ସା ହୁଅନ୍ତୁ । ସେହିପରି କଟା ହୋଇ ରହିଥିବା ଫଳ ଖାଇବେ ନାଁ । ଖାଦ୍ୟ ପଦାର୍ଥର ଫଟା ପ୍ୟାକେଟ କିଣିବେ ନାହିଁ । କୌଣସି ଖଣଦ୍ୟ କିଣିବା ପୂର୍ବରୁ ଏହାର ଅବଧି ଶେଷ ହୋଇଛି କି ନାହିଁ, ତାହାର ଯାଞ୍ଚ ଆବଶ୍ୟକ ।

## ମନୁଷ୍ୟ ନୁହେଁ ପଶୁ ହିଁ ବିଶ୍ୱତାପନ ପାଇଁ ଦାୟୀ

ଏବର ପିଢ଼ିଙ୍କର ଦାୟିତ୍ୱହୀନତା ଓ ପରିବେଶ ପ୍ରତି ସଚେତନ ନ ଥିବା କାରଣରୁ ହିଁ ବର୍ଦ୍ଧିତ ତାପମାତ୍ରାରେ ମୁଖ୍ୟ କାରଣ କୁହାଯାଉଛି । ଏହି ବିଶ୍ୱତାପନର ଆରମ୍ଭ ୫୪୦ ମିଲିୟନ ବର୍ଷ ପୂର୍ବେ ହୋଇଥିଲା । ଏହାର ମୂଳଦୁଆ ପଶୁମାନେ କରିଥିବାର ଅନୁମାନ । ଅଙ୍ଗାରକାମ୍ଳ ର ପରିମାଣ ବଢ଼ିବା, ଅମ୍ଳଜାନର ମାତ୍ରା କମିବା, ଏଇ ଗତି କିଛି ବର୍ଷର ଗତିବିଧି ନୁହେଁ । ବରଂ କୋଟିକୋଟି ବର୍ଷ ତଳେ ସାଗର-ମହାସାଗରରୁ ପଶୁଙ୍କ କାରଣରୁ ଅର୍ଗାନିକ୍ ତତ୍ତ୍ୱମାନ ନଷ୍ଟ ହୋଇଥିଲା, ସେଥିପାଇଁ ଉତ୍ତାପ ବଢ଼ିଥିଲା । ବୋଧହୁଏ ଏହାର ପ୍ରଭାବ ଏତେ ଅଧିକ ହୋଇଥିଲା ଯେ ଡାଇନୋସର ପରି ବିଶାଳକାୟ ପ୍ରାଣୀ ମଧ ଲୁପ୍ତ ହୋଇଯାଇଥିଲା । ଏହା ଉପରେ ଅଧିକ ଗବେଷଣାା ଚାଲିଛି ବୋଲି ଜଣାପଡ଼ିଛି ।

## ହୃତ୍‌ପିଣ୍ଡ ଟିସୁକୁ ସୁସ୍ଥ ରଖିବ ପଲିମର ପ୍ୟାଚ୍



ହୃଦ୍ ଜନିତ ସମସ୍ୟା ପରେ ହୃତପିଣ୍ଡ (ହାର୍ଟ)କୁ ସୁସ୍ଥ ତଥା ସକ୍ରିୟ ରଖିବା ପାଇଁ ବିଭିନ୍ନ ପ୍ରକ୍ରିୟା ଅବଲମ୍ବନ କରାଯାଇଥାଏ । ହାର୍ଟ ଟିସୁକୁ କିପରି ଆହୁରି ସକ୍ରିୟ ରଖିହେବ ସେଥିପାଇଁ ଏକ ପ୍ରକାର ପଲିମର୍ ପ୍ୟାଚ ପ୍ରସ୍ତୁତ କରାଯାଇଛ । ଇମ୍ପାରିୟାଲ କଲେଜ ଅଫ ଲଣ୍ଡନର ପ୍ରଫେସର ସିୟାନ ହାର୍ଡିଙ୍ଗଙ୍କ ତତ୍ତ୍ୱାବଧାନରେ ଏହି ଗବେଷଣା ଚାଲିଥିଲା । ହାର୍ଟ ଆଟାକ ପରେ ଏହାର କାର୍ଯ୍ୟଧାରା ପ୍ରଭାବିତ ହେବା ସହ ତାହା ପୁଣିଥରେ ସାଧାରଣ ଅବସ୍ଥାକୁ ଆସିବାକୁ ସମୟ ଲାଗିଥାଏ । ହେଲେ ହାର୍ଟ ଭିତରେ ଥିବା ଟିସୁ ଗୁଡ଼ିକୁ ଯଦି ଶୀଘ୍ର ସକ୍ରିୟ କରାଯାଇପାରିବ ତେବେ ହାର୍ଟର କାର୍ଯ୍ୟ ଆହୁରି ସକ୍ରିୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି । ତିନୋଟି ତତ୍ତ୍ୱକୁ ନେଇ ଏହି ପଲିମର ପ୍ୟାଚକୁ ପ୍ରସ୍ତୁତ କରାଯାଇଛି । ଏହାକୁ ପ୍ରତିରୋପଣ କରାଯିବା ପରେ ସୁସ୍ଥ ଏବଂ ପ୍ରଭାବିତ ଟିସୁ ମଧ୍ୟରେ ତାହା ସଠିକ୍ ଯୋଗସୂତ୍ର ରଖା କରିଥାଏ ।

## ହୃଦୟରୁ ନୁହେଁ ମସ୍ତିଷ୍କରୁ ଆସେ ସ୍ନେହ

ଶିଶୁପାଇଁ ପିତା ମାତାଙ୍କର ସ୍ନେହ ହୃଦୟ ନୁହେଁ ବରଂ ମସ୍ତିଷ୍କରୁ ଆସିଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି । ସେହିପରି ଶିଶୁର ଯତ୍ନନେବା ଓ ଆଦର କରିବାର ଭାବ ମସ୍ତିଷ୍କରୁ ଆସିଥାଏ ।



ନିକଟରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଗବେଷଣାରୁ ଏହା ଜଣାପଡିଛି । ଏହି କାରଣ ଯୋଗୁଁ ମଣିଷ ପାଇଁ ତା'ର ନିଜର ଶିଶୁ ସମସ୍ତଙ୍କ ଠାରୁ ଭିନ୍ନ ବୋଲି ଗବେଷଣାର ମୁଖ୍ୟ ନ୍ୟୁରୋସାଇଣ୍ଟିଷ୍ଟ ମୋର୍ଟେନ କ୍ରିଜ୍‌ଗୋଲବାଚ କହିଛନ୍ତି । ମସ୍ତିଷ୍କେର ମେଡିକାଲ ଅରବିଟୋପ୍ରଣ୍ଟାଲ କୋରଟେକ୍ସ ରାଗ ଶିଶୁର ଚେହେରା ପ୍ରତି ଭାବାନ୍ତର ସୃଷ୍ଟି କରିଥାଏ । ମାତ୍ର ବୟସ୍କ ଚେହେରା ପ୍ରତି ଏହାର କୌଣସି ପ୍ରତିକ୍ରିୟା ନଥାଏ । ଆଖିପିତୁଳାର ଉପର ଭାବରେ ମସ୍ତିଷ୍କେର ଯେଉଁ ଅଂଶ ଚିହ୍ନିବା କାମ କରେ ତାହା ମଣିଷର ଭାବ ପ୍ରବଣତାକୁ ନିୟନ୍ତ୍ରଣ କରିଥାଏ । ଶିଶୁର ଚେହେରା ଦେଖିବାମାତ୍ରେ ଏହି ଅଂଶରେ ଖୁବ୍ ଶୀଘ୍ର କ୍ରୀୟାଶୀଳ ହୋଇଥାଏ । ଏଥିରୁ ଜଣାପଡେ ଶିଶୁମାନେ ଆମପାଇଁ ସ୍ୱତନ୍ତ୍ର । ଏହି କ୍ରୀୟା ଏତେଶୀଘ୍ର ହୋଇଥାଏ ଯେ ମନୁଷ୍ୟ ମନର କୌଣସି ନିୟନ୍ତ୍ରଣ ରହେ ନାହିଁ । ଶିଶୁକୁ ଦେଖିଲେ ମନରେ ଆନନ୍ଦ ସୃଷ୍ଟି ହେବା ବା ଶିଶୁ ପ୍ରତି ସ୍ନେହ ସୃଷ୍ଟି ହେବା ପୁରୁଷ ଓ ମହିଳା ଉଭୟଙ୍କ ପାଇଁ ସମାନ ବୋଲି ଗବେଷଣାରୁ ଜଣାପଡିଛି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୩ ଜୁଲାଇ ୨୦୨୩, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବରଷା ଓ ଭରସା...

ଏ ପର୍ଯ୍ୟନ୍ତ ଓଡ଼ିଶା ମୌସୁମୀ ବର୍ଷାର ଯେତିକି ଅଂଶ ପାଇବା କଥା, ତାହା ପାଇନାହିଁ; ଜୁଲାଇ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ଖରିଫ୍ ଫସଲ ଚାଷ ହେଉଥିବା ୬୩ ପ୍ରତିଶତ ଅଞ୍ଚଳ ସଂକୁଚିତ ହୋଇଛି । କିନ୍ତୁ ଏଇ ମୌସୁମୀ ବର୍ଷା ଯୋଗୁଁ ଉତ୍ତର ଭାରତରେ ସୃଷ୍ଟି ହୋଇଛି ଜଳ ପ୍ରଳୟ ଭଳି ଭୟଙ୍କର ଅବସ୍ଥା । ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର)ପ୍ରତ୍ୟକ୍ଷ କରିଛି ବିଗତ ୪୦ ବର୍ଷ ଭିତରେ ଦେଖା ଦେଇ ନଥିବା ପ୍ରଳୟଙ୍କରୀ ଜଳ ପ୍ଲାବନକୁ ଯେଉଁଥିରେ ଚାରିଜଣ ଲୋକ ପ୍ରାଣ ହରାଇ ଥିବାର ସମ୍ବାଦ ମଧ୍ୟ ସାମ୍ନାକୁ ଆସିଛି । ଗତ ଶନିବାର ସକାଳ ସାଢ଼େ ଆଠଟାରୁ ରବିବାର ସନ୍ଧ୍ୟା ସାଢ଼େ ପାଞ୍ଚଟା ମଧ୍ୟରେ ଏହି ଅଞ୍ଚଳ ୨୬୧ ମିଲିମିଟରରୁ ସାମାନ୍ୟ ଅଧିକ ବା ଜୁଲାଇ ମାସରେ ଲାଭ କରୁଥିବା ସ୍ୱାଭାବିକ ପରିମାଣର ବର୍ଷାଠାରୁ ୧୨୫ ପ୍ରତିଶତ ଅଧିକ ବର୍ଷାକୁ ପରିଲକ୍ଷିତ କରିଛି। ଟେଲିଭିଜନ ପରଦାରେ ପ୍ରଦର୍ଶିତ ହୋଇଛି ଏଠାକାର ଭୟଙ୍କର ଦୃଶ୍ୟରାଜି । କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି ଏହି ଅଞ୍ଚଳରେ ଏବଂ ଏହା କେବଳ ଲୋକମାନଙ୍କ ସ୍ୱାଭାବିକ ଜୀବନ ଯାତ୍ରାକୁ ବ୍ୟାହତ କରିନାହିଁ, ସେମାନଙ୍କ ମନରେ ମଧ ଭରି ଦେଇଛି ପ୍ରକୃତିର କୋପ ବିଷୟରେ ଭୟ । ଦୋକାନ ବଜାର, ଘରବାଡ଼ି, ପୋଲ ଏବଂ ରାଜପଥର କେତେକ ଅଂଶ ଏଇ ବର୍ଷାରେ ଧୋଇଯିବା ସହିତ ହିମାଳୟ ପର୍ବତମାଳାର ପରିବେଶ ଦୃଷ୍ଟିରୁ ଅତି ସମ୍ବେଦନଶୀଳ ଉପର ଭାଗରୁ ବଡ଼ ବଡ଼ କାଠଗଣ୍ଡିମାନ ମଧ ବହି ଆସିଛି । ଗ୍ରୀଷ୍ମପ୍ରଧାନ ଦେଶ ଭାରତରେ ମୌସୁମୀ ତା'ର ଗତି ଆରମ୍ଭ କରିବା ପୂର୍ବରୁ ତା' ଉପରେ ସମସ୍ତଙ୍କର ଲକ୍ଷ୍ୟ ରହିଥାଏ ଏବଂ ପାଣିପାଗ ବିଶାରଦମାନେ ଏହାର ଗତିବିଧିକୁ ନିରୀକ୍ଷଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ରେକର୍ଡପତ୍ର ଲେଖାଲେଖି କରିବାରେ ବ୍ୟସ୍ତ ରହିଥାନ୍ତି । କିନ୍ତୁ ଚଳିତ ବର୍ଷ ଜୁନ୍ ମାସରେ ଏହା ଯେତିକି ପରିମାଣରେ ବର୍ଷା କରିବା କଥା, ତାହା କଲାନାହିଁ, ଯେଉଁଥିପାଇଁ ଦେଶର ଅର୍ଥନୀତିକ ମେରୁଦଣ୍ଡ ଭାବରେ ପରିଚିତ କୃଷି କାର୍ଯ୍ୟକୁ ନେଇ ଦେଖାଦେଲା ଆଶଙ୍କା। ଆଉ ଜୁଲାଇ ମାସରେ ଯେତେବେଳେ ଏହା ତା'ର କାର୍ଯ୍ୟ ଆରମ୍ଭ କଲା, ସେତେବେଳେ ପ୍ରତିଶୋଧପରାୟଣ ହେବା ଭଳି କାର୍ଯ୍ୟ କଲା । ପାଣିପାଗ ବିଭାଗ ସବୁ ବର୍ଷ ଯେ କେବଳ ଗୋଟିଏ ବିଷୟ 'ଜଳବାୟୁ ପରିବର୍ତ୍ତନ ପ୍ରତି ସାବଧାନ ରୁହ' ସମ୍ପର୍କରେ ସଚେତନ କରାଇ ଦେବ, ତାହା ଆଶା କରିବା ଠିକ୍ ନୁହେଁ । କିନ୍ତୁ ତାହା ହିଁ ହେଉଛି ବର୍ତ୍ତମାନ ତଥା ଭବିଷ୍ୟତର ସମୟ ବିଷୟରେ ଏକମାତ୍ର ଚେତାବନୀ, କାରଣ ବିଶ୍ୱ ତାପାୟନ-ସୃଷ୍ଟ ଜଳବାୟୁ ପରିବର୍ତ୍ତନ ହିଁ ମୌସୁମୀକୁ ଶକ୍ତିଶାଳୀ କରିବା ସହିତ କେତେକ ସ୍ଥାନରେ ଅତି ପ୍ରବଳ ମାତ୍ରାରେ ସକ୍ରିୟ କରୁଛି ଯେହେତୁ ସେସବୁ ସ୍ଥାନରେ ଗୋଟିଏ ଦୁଇଟି ଦିନରେ ଏତେ ପରିମାଣରେ ବୃଷ୍ଟିପାତ ହେଉଛି ଯେ ତାହା ବର୍ଷା ଋତୁରେ ସେସବୁ ଅଞ୍ଚଳରେ ମାସକର ହାରାହାରି ବର୍ଷା ହେବା କଥା। ସହରାଞ୍ଚଳର କୋଠାବାଡ଼ି ହେଉ ବା ରାସ୍ତାଘାଟ ଜଳ ନିଷ୍କାସନକାରୀ ନାଳଗୁଡ଼ିକର ନିର୍ମାଣ ସମୟରେ ଭବିଷ୍ୟତର ଅବସ୍ଥା ସମ୍ପର୍କରେ କଦାଚିତ୍ ଦୃଷ୍ଟିପାତ କରାଯାଉଛି । ପ୍ରାକୃତିକ ପାରିବେଶିକ ବ୍ୟବସ୍ଥା ଯଥା ସହର ନଗରମାନଙ୍କରେ ରହିଥିବା ଜଳାଞ୍ଚଳଗୁଡ଼ିକର ସୁରକ୍ଷା ପ୍ରତି ଆବଶ୍ୟକୀୟ ଧ୍ୟାନ ଦିଆଯାଉନାହିଁ । ଅପର ପକ୍ଷରେ ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ବାସ କରୁଥିବା ଲୋକମାନଙ୍କ ପାଇଁ ମୂଷଳ ଧାରାର ବର୍ଷା ନେଇ ଆସୁଛି ଭୟାବହ ପରିସ୍ଥିତି। ଏସବୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକ ମଣିଷ ଓ ସେମାନଙ୍କର ଭିତ୍ତିଭୂମିଜନିତ କାର୍ଯ୍ୟକଳାପଗୁଡ଼ିକର ଚାପ ସହ୍ୟ କରିବାକୁ ଅକ୍ଷମ ହେଉଛନ୍ତି। ପରିଣତିରେ ଭୂସ୍ଖଳନଠାରୁ ଆରମ୍ଭ କରି ଅଚାନକ ସୃଷ୍ଟି ହେଉଥିବା ସାମୟିକ ବନ୍ୟା ଧୋଇ ନେଉଛି ଏସବୁ ସ୍ଥାନରେ ବାସ କରୁଥିବା ଲୋକମାନଙ୍କର କଷ୍ଟାର୍ଜିତ ଧନସମ୍ପତ୍ତି ଏବଂ ବେଳେବେଳେ ସେମାନଙ୍କୁ ମଧ୍ୟ । ପ୍ରତ୍ୟେକଟି ମୌସୁମୀ ଋତୁ ଯେଉଁ ଦାଗ ଛାଡ଼ି ଯାଉଛି, ତାହା ଆଗାମୀ ସମୟରେ ଆହୁରି ବଡ଼ ହେବାର ଆଶଙ୍କା କରାଯାଉଛି, କାରଣ ଆମେ ନିଜ ଭୁଲ୍‌ରୁ କିଛି ଶିକ୍ଷା କରୁନାହୁଁ ଏବଂ ଲୋକମାନଙ୍କ ସୁରକ୍ଷା ସହିତ ବୁଝାମଣା କରୁଛୁ । ସବୁ ବେଳ ଭଳି ପ୍ରାକୃତିକ ବିପର୍ଯ୍ୟୟ, ତାହା ବର୍ଷା ହେଉ ବା ବନ୍ୟା କି ବାତ୍ୟା ବା ବର୍ଷାଭାବଜନିତ ମରୁଡ଼ି ଇତ୍ୟାଦିରେ ସବୁଠୁ ବେଶୀ ଦୁଃଖ ଦୁର୍ଦ୍ଦଶା ଭୋଗିଥାନ୍ତି ଗରିବ ଏବଂ ବିପଦପ୍ରବଣ ଲୋକମାନେ, ଯେତେବେଳେ କି ସରକାରମାନେ କ୍ଷଣସ୍ଥାୟୀ ସମସ୍ୟା ଯଥା ବିଭିନ୍ନ ଅଞ୍ଚଳରେ ଜମି ରହୁଥିବା ଜଳର ନିଷ୍କାସନ, ଯାହା ସମ୍ପ୍ରତି ଭାରତୀୟ ସହରମାନଙ୍କର ଏକ ଦୁଃସ୍ୱପ୍ନ ଭାବରେ ଉଭା ହୋଇଛି, ସେ ସମ୍ପର୍କରେ ଶୀତତାପ ନିୟନ୍ତ୍ରିତ କକ୍ଷମାନଙ୍କରେ ବସି ଆଲୋଚନାରେ ମଗ୍ନ ଥାଆନ୍ତି। ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ସମୟରେ ଯାହା ସବୁ ସ୍ଥାନରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟି ଥାଏ, ତାହା ହେଉଛି- ସେହିସବୁ ଲୋକମାନଙ୍କ ସାହସିକତା ଯେଉଁମାନେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି, ଯଥା ଜାତୀୟ ଏବଂ ରାଜ୍ୟମାନଙ୍କର ବିପର୍ଯ୍ୟୟ ପ୍ରତିକ୍ରିୟା ପ୍ରକାଶକାରୀ ଦଳମାନେ। ଟେଲିଭିଜନର ପରଦାରେ ଯେତେବେଳେ ସହରାଞ୍ଚଳର ସଡ଼କଗୁଡ଼ିକରେ ଭାସି ଯାଉଥିବା ଗାଡ଼ି ମୋଟର କି ଅଧା ବୁଡ଼ି ରହିଥିବା ଘରଦ୍ୱାରର ଛବିମାନ ଦେଖା ଯାଉଥାଏ, ସେତେବେଳେ ଏଇ ଉଦ୍ଧାରକାରୀ ଦଳମାନେ ହିଁ ସେମାନଙ୍କର ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ପ୍ରଦାନ କରିଥାନ୍ତି ସହାୟତା । ଆଉ ତା' ସତ୍ତ୍ୱେ ପ୍ରତି ବର୍ଷ ପ୍ରାକୃତିକ ହେଉ କି କୃତ୍ରିମ ବିପର୍ଯ୍ୟୟ ନେଇ ଚାଲିଥାଏ ଶତାଧିକ ଜୀବନ । ସମୟ ଉପଗତ ହୋଇଛି, ଭାରତ ଜଳବାୟୁ ସମ୍ପର୍କିତ ସମସ୍ତ ଚେତାବନୀକୁ ଧ୍ୟାନର ସହିତ ଶୁଣି ଭବିଷ୍ୟତ ପାଇଁ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ପ୍ରସ୍ତୁତ କରିବା ଉଚିତ ଏବଂ ତା' ସହିତ ସମସ୍ତ ଯୋଜନାକୁ ବାସ୍ତବ କ୍ଷେତ୍ରରେ ପରିଣତ କରିବା ବିଧେୟ, ଅନ୍ୟଥା ପ୍ରତ୍ୟେକ ବର୍ଷ ସେଇ ଚିରାଚରିତ କରୁଣ ସଙ୍ଗୀତ ଗାନ କରିବା ସାର ହେଉଥିବ; ବରଷା ଭରସାକୁ ବୁଡ଼ାଇ ଦେଉଥିବ।

# ମଧ୍ୟାହ୍ନ ଭୋଜନ ଯୋଜନାରେ ହାଇସ୍କୁଲ ଶ୍ରେଣୀଙ୍କୁ ଅନ୍ତର୍ଭୁକ୍ତିର ଆବଶ୍ୟକତା



**ପ୍ରଦୋଷ କୁମାର ଦାସ**

ପେଟରେ ଭୋକ ଥାଇ ପାଠ ପଢିବା କେବେ ସମ୍ଭବ ନୁହେଁ। ଶିକ୍ଷାନୁଷ୍ଠାନ କୁ ଆସୁଥିବା କୋମଳମତି ଛାତ୍ର ଛାତ୍ରୀ ବିଶେଷ କରି ନବମ ଓ ଦଶମ ଶ୍ରେଣୀ ଯାଏ ପିଲାଙ୍କୁ ଖାଦ୍ୟ ପ୍ରତିପୋଷଣ ଓ ଶରୀର ପୋଷଣ ନିମନ୍ତେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଶିକ୍ଷାଳୟକୁ ସବୁଦିନ ଆସିବା ସହ ଆବଶ୍ୟକ ଶିକ୍ଷା ଲାଭ ପାଇଁ ଅନୁପ୍ରେରିତ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସବୁ ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରାଯାଇଛି। କ୍ଷୁଧାତୁର ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ାଇ ବସିବା ଏକ ପ୍ରକାର ଦୂରୁହ ବ୍ୟାପାର। ଅଙ୍ଗନବାଡ଼ି ଓ ପ୍ରଥମ ଶ୍ରେଣୀର ଆରମ୍ଭ ହୋଇ ଅଷ୍ଟମ ଶ୍ରେଣୀ ଯାଏଁ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନା ସାମିଲ କରାଇ ସେହି ଗୋଟିଏ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ପରବର୍ତୀ ନବମ ଓ ଦଶମ ଶ୍ରେଣୀର ପିଲାମାନେ ଏହି ଯୋଜନାରୁ ବଞ୍ଚିତ କରିବା ସେହି କ୍ଷୁଧାତୁର ଛାତ୍ର ଛାତ୍ରୀଙ୍କ ମନରେ ଆଲୋଡ଼ନ ସୃଷ୍ଟି କରୁଥିବା ଏକ ଅନୁଶୀଳନରୁ ପ୍ରକାଶ।

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର 'ସମଗ୍ର ଶିକ୍ଷା ଅଭିଯାନ' ଅଧିନ ସାରା ରାଜ୍ୟରେ ରହିଥିବା ହାଇସ୍କୁଲ ର ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଛାତ୍ରୀ (ବିଦ୍ୟାର୍ଥୀ)ମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରଦାନ ନିମନ୍ତେ ଯୋଜନା ପ୍ରସ୍ତୁତ ହେବା ଉଚିତ୍। ଗୋଟିଏ ଶିକ୍ଷାନୁଷ୍ଠାନରେ ଅଷ୍ଟମ ଶ୍ରେଣୀ ଯାଏଁ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ନିୟମିତ ମଧ୍ୟାହ୍ନ ଭୋଜନ ପାଇଁ ବ୍ୟବସ୍ଥା ହେଉଥିବା ବେଳେ ଅଧ୍ୟୟନରତ ବାକି ନବମ ଓ ଦଶମ ଶ୍ରେଣୀ ଯାଏ ପିଲାଙ୍କୁ ଏହି ଯୋଜନାରୁ ବଞ୍ଚିତ କରିବା ବିଶେଷ କଷ୍ଟ ଦାୟକ ଅନୁଭୂତି ବୋଲି ସେହି ବଞ୍ଚିତ କୋମଳମତି ଛାତ୍ର ଛାତ୍ରୀଙ୍କ ମଧ୍ୟାହ୍ନ ଛୁଟି ବେଳର ଭୋକିଲା ମୁହଁରୁ ବେଶ ଭାରି ହୋଇ ପଡେ। ଥାଳି ଧରି ଅଷ୍ଟମ ଶ୍ରେଣୀ ଯାଏଁ ପିଲାଏ ସ୍କୁଲ ବାରଣ୍ଡାରେ ଖାଇ ବସିଲା ବେଳେ ଉପର ଶ୍ରେଣୀର ଅଭାବୀ ପରିବାରରୁ ଆସିଥିବା ନ୍ଵମ ଓ ଦଶମ ପିଲାଙ୍କ ଖରବେଳିଆ ଭୋଟର ଭୁଗୋଳ ବୁଝିବା ଜରୁରୀ।

ଆମ ରାଜ୍ୟରେ ପ୍ରାୟ ୬୧୯୩ରୁ ଉର୍ଦ୍ଧ୍ୱ ସରକାରୀ ହାଇସ୍କୁଲ, ୮୪୯ରୁ ଉର୍ଦ୍ଧ୍ୱ ସରକାରୀ ମାନ୍ୟତା ପ୍ରାପ୍ତ ତଥା ୧୫୧ରୁ ଉର୍ଦ୍ଧ୍ୱ ଅନୁମତି ପ୍ରାପ୍ତ ହାଇସ୍କୁଲରେ ପ୍ରତିବର୍ଷ ୬ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନବମ ଓ ଦଶମ ଶ୍ରେଣୀରେ ନାମ ପଞ୍ଜୀକରଣ କରିଥାନ୍ତି। ଏମଧ୍ୟରୁ ଅଧ୍ୟୟନରତ ଲକ୍ଷାଧିକ ଛାତ୍ରଛାତ୍ରୀ ବିଶେଷ କରି ଦୂରଦୂରାନ୍ତର ତଥା ଗ୍ରାମାଞ୍ଚଳରୁ ହାଇସ୍କୁଲ ପଢିବାକୁ ଆସିଥାନ୍ତି। ସକାଳ ଟ୍ୟୁସନ କରୁଥିଲେ କଣ ଗଣ୍ଡାଏ ଖାଇ ସକାଳ ୬ରୁ ଏକାଥରେ ଘରୁ ବାହାରି ଆସି ସକାଳ ୧୦ଟା ସୁଦ୍ଧା ସ୍କୁଲରେ ପହଞ୍ଚି ଅପରାହ୍ନ ୪ଟା ଯାଏଁ ପାଠ ପଢୁଥିବା ଏହି କିଶୋର କିଶୋରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି। ଏପରି ସ୍ଥିତିରେ ଅଭାବୀ ପରିବାରରୁ ଆସିଥିବା ଏହି ନିରୀହ ବିଦ୍ୟାର୍ଥୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖାଇବା ଥିବା ସ୍ୱପ୍ନ ଭଳି ରହୁଛି। ଏହି ଅସହାୟତା ତଥା ଖାଦ୍ୟ ପ୍ରତିପୋଷଣର ଜରୁରୀ ଆବଶ୍ୟକତା ମେଣ୍ଟାଇବାକୁ ତଳ ଶ୍ରେଣୀ ପିଲାଙ୍କ ଭଳି ସମସ୍ତ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କୁ ମଧ ରାଜ୍ୟ ସରକାରଙ୍କର ଏହି ମଧ୍ୟାହ୍ନ ଭୋଜନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସାଧାରଣରେ ନିବେଦନ ହେଉଛି। ସବୁ ପିଲା ପଢ଼ିବେ। ସବୁ ପିଲା ବଢିବେ। ସମଗ୍ର ଶିକ୍ଷା ଅଭିଯାନର ଏହି ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ହେଲେ ଆମ ଦେଶର ତଥା ଆମ ରାଜ୍ୟର ମାନବ ସମ୍ବଳର ଅନ୍ୟତମ ପ୍ରତୀକ ଭାବେ ପରିଗଣିତ ଏହି ବିଦ୍ୟାର୍ଥୀ ମାନଙ୍କ ପାଇଁ ଏବେ ମାଗଣା ପୋଷାକ ପରିଧାନ ପ୍ରଦାନ ପାଇଁ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପାଇଁ ସରକାରଙ୍କ ପକ୍ଷରୁ ସ୍ଥିରୀକୃତ ହୋଇଛି। ଏପରି ସ୍ଥଳେ ମଧ୍ୟାହ୍ନ ଭୋଜନ ଯୋଜନାରେ ନବମଦଶମ ଶ୍ରେଣୀ ଯାଏଁ ପିଲାଙ୍କୁ ସାମିଲ୍ କରାଗଲେ ଅନ୍ତତଃ ଆଗକୁ ଏବାବଦରେ କୌଣସି ବାଛବିଚାର ରୁହନ୍ତା ନାହିଁ। ସଭିଏଁ ଆମରି ପିଲା। ପାଠ ପଢ଼ିବାକୁ ଆସିଲାବେଳେ ଅଭାବୀ ପିଲାଙ୍କ ଖରବୋଳିଆ ଭୋକ ଏମାନଙ୍କ ବାକି ପିରିୟଡ଼ରେ ହେବାକୁ ଥିବା ଶ୍ରେଣୀ ଗୃହ ଶିକ୍ଷାଦାନରେ ଅନ୍ତରାୟ ସୃଷ୍ଟି ନକରୁ । କିଶୋର କିଶୋରୀମାନେ ସଠିକ୍ ଢଙ୍ଗରେ ଖାଦ୍ୟ ପ୍ରତିପୋଷଣ ପାଇବା ଜରୁରୀ।କାରଣ ଏମାନେ ଆମର ଅନ୍ୟତମ ପରବର୍ତ୍ତୀ ଉତ୍ତରପୀଢୀ ବୋଲି ଭୁଲିଯିବା ଉଚିତ ନୁହେଁ। ଶିକ୍ଷା ଅନୁଷ୍ଠାନରେ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ତଥା କଲ୍ୟାଣ ପାଇଁ ଆବଶ୍ୟକ ସରକାରୀ ଯୋଜନାରେ ସମସ୍ତ ଶିକ୍ଷାର୍ଥୀଙ୍କୁ ସବୁ ସ୍ତରରେ ସାମିଲ୍ କରାଗଲେ ଅନ୍ତତଃ ପକ୍ଷେ କୋମଳ ମତି ଛାତ୍ର ଛାତ୍ରୀଙ୍କ ଶିକ୍ଷା ଜୀବନ କୌଣସି। ଅସୂୟା ଭାବର ଭାବପ୍ରବଣତା କିମ୍ବା ମାନସିକ ସ୍ତରରେ କୌଣସି କ୍ଷୋଭ ପ୍ରକାଶର ଅବକାଶ ରହିବ ନାହିଁ। ସଦେଶର ଭବିଷ୍ୟତ ସମୁଜ୍ଜ୍ୱଳ ପାଇଁ ଶିକ୍ଷା ଅନୁଷ୍ଠାନର ଶୈକ୍ଷିକ ବିକାଶ ନିମନ୍ତେ ଜାତିଧର୍ମ ବର୍ଣ ତଥା ମେଧା ନିର୍ବିଶେଷରେ ସବୁ ଛାତ୍ର ଛାତ୍ରୀ ତାର ଶିକ୍ଷାନୁଷ୍ଠାନ ପାଇଁ ଅମୂଲ୍ୟ ଅଟେ। ଏଣୁ ପ୍ରତି ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ଉନ୍ନତି ତଥା କଲ୍ୟାଣ ପାଇଁ ଆବଶ୍ୟକ ସରକାରୀ ଯୋଜନାକୁ ଗଠନମୂଳକ ଭାବେ ରୁପାୟନ ହେବା ଅବସରରେ କେହି ଯେପରି ଶିକ୍ଷା ଓ ଶୈକ୍ଷିକ କଲ୍ୟାଣ ଯୋଜନାରୁ ବଞ୍ଚିତ ନରହିଯାଆନ୍ତି, ସରକାରଙ୍କ ପ୍ରଶାସନିକ ସ୍ତରରେ ୫ଟି ବିଭାଗର ଆବଶ୍ୟକ ପଦକ୍ଷେପ ତଥା ନିରୀକ୍ଷଣରେ କାର୍ଯାନ୍ୱୟନ ହେବା ବିଧେୟ।

ସ୍ତମ୍ଭକାର, ନାଚୁଣୀ, ଖୋର୍ଦ୍ଧା,
ପିନ୍ : ୭୫୨୦୩୪
ମୋ: ୬୩୭୦୪୯୫୯୪୪

# ନିଖୋଜ ଟାଇଟାନିକ ଓ ବିଲିୟନେୟାରଙ୍କ ଲଢ଼େଇ



**ଡ. ଲକ୍ଷ୍ମଣ ସାହୁ**

ଚାରି ଶହ ହଜାର, କିମ୍ବା ସାଢେ ତିନି ଏକ ଚତୁର୍ଥାଂଶ ମିଲିୟନ ଡଲାର, ଠିକ୍ କେତେ ? ଯଦିଓ ନିକଟତର, ସଠିକ୍ ଗଣନା ମେଳ ଖାଉ ନାହିଁ । ହୁଏତ ଦବା ଓ ନବା ଅନ୍ଦାଜ କରିବା ଠିକ୍ ନୁହେଁ । ଟଙ୍କା, ଡଲାର, ପାଉଣ୍ଡ କେତେ ବା କେତେ, ଏହା କେବଳ ଅନୁମାନ କରାଯାଏ । ଅଦା ବେପାରୀର ଜାହାଜ ମୂଲ କରିବା ହାସ୍ୟାସ୍ପଦ ଭଳି ହେବ । ଖବର ବିଷୟରେ କ'ଣ, କେହି କେହି କହିପାରନ୍ତି । ମାତ୍ର ଏକ ଶତାବ୍ଦୀରୁ ଅଧିକ ସମୟ ପୂର୍ବରୁ ଟାଇଟାନିକର ବୁଡ଼ିଯିବା ଏକ ଛୋଟ କଥା ନୁହେଁ । ଟାଇଟାନିକ ନାମକ ଏହି ବୁଡ଼ାଜାହାଜଟି ଖୋଜୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହେବା ମଧ କେମିତି ଅସୁବିଧାରେ ପକାଉଛି । କେତେକ ପ୍ରଶ୍ନବାଚୀ ଉଠାଇ କହିଛନ୍ତି - ସୁରକ୍ଷା ଦିଗ ସଠିକ୍ ଭାବରେ ପରୀକ୍ଷଣ କରାଯାଇ ନାହିଁ । ପୁନର୍ବାର ଏହା ସତ୍ୟ, ଯଦି ପାଣି ତଳେ ନ ଯାଆନ୍ତି, ଯେଉଁଠି ଯେତେବେଳେ କୌଣସି ବିପଦ ଅପେକ୍ଷା କରେ, ତାହା ସମ୍ପୂର୍ଣ୍ଣ ବୁଝିବା ସମ୍ଭବ ନୁହେଁ ।

ଏଥିରେ ଦୁର୍ଘଟଣା ଅଛି, ଆଘାତ ଅଛି । ତେଣୁ ଏହାକୁ ଖୋଜିବା ନେଇ କେହି କେହି ଛାତି ଫୁଲେଇ ଆନନ୍ଦ ଉଲ୍ଲାସରେ ନାଚୁଥିବା ଏଭଳି ରୋମାଣ୍ଟିକ ଚିନ୍ତାଧାରା ସହିତ ଅନେକ ଲୋକ ଭାବି ପାରନ୍ତି ନାହିଁ । ସତରେ ସାଧାରଣ ଲୋକଙ୍କ ପକେଟରେ କେତେ ଟଙ୍କା ଅଛି ଯେ ଏଭଳି ଉଦ୍ଭଟ କଳ୍ପନା ଓ ଅଦ୍ଭୁତ ଇଚ୍ଛା ପୂରଣ କରିପାରିବେ ? ବିଶ୍ୱର ଶକ୍ତିଶାଳୀ ଦେଶମାନେ ମହାକାଶ ଗବେଷଣା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି । ସେ ସବୁ କରିବା ବିଷୟରେ ଅନେକ ଯୁକ୍ତି ଅଛି । କୁହାଯାଇଛି, ସେହି ଅର୍ଥ ଗରିବ ଦେଶର ଲୋକଙ୍କୁ ଅନେକ ବର୍ଷ ଧରି ଖାଇବାକୁ ଯୋଗାଇ ଦିଆଯାଇପାରେ । କିନ୍ତୁ ପ୍ରକୃତ କଥା ହେଉଛି ଗବେଷକ ମାନେ ମହାକାଶକୁ ଯିବେ ଓ ସେଠାରେ ଜଳ ଅନୁସନ୍ଧାନ କରିବେ । ସତରେ କ'ଣ ଏ ପୃଥିବୀ ଏବେ ମଣିଷ ପାଇଁ ନିଅଣ୍ଟ ହେଲାଣି । ଜନ୍ମିତ ପୃଥିବୀକୁ ଛାଡ଼ି ମହାକାଶରେ ବାସ କରିବାର ପ୍ରବଳ ଇଚ୍ଛାଶକ୍ତି ଜାଗ୍ରତ ହେଲାଣି । କିଛି ଅର୍ଥ ଖର୍ଚ୍ଚ କରିବେ ହିଁ କରିବେ ।

ଟାଇଟାନିକର ବିପର୍ଯ୍ୟୟ ଟିକିଏ ପୁରୁଣା ହେବା ମାତ୍ରେ ଦୁଇ ବିଲିୟନେୟାରଙ୍କ ଯୁଦ୍ଧ ବା ଲଢେଇ ସାମ୍ନାକୁ ଆସିଲା । ଏଲୋନ୍ ମସ୍କ ଓ ମାର୍କ ଜୁକରବର୍ଗ ସମ୍ବାଦ ହେଡଲାଇନରେ ହିଟ୍ ହୋଇଥିଲେ । ଟୁଇଟରର ମାଲିକ ଏଲୋନ୍ ମସ୍କଙ୍କ ସହ ମେଟାର ମାଲିକ ଜୁକରବର୍ଗ । ଯୁଦ୍ଧ -ଯୁଦ୍ଧ, ଲଢେଇ- ଲଢେଇ ଖେଳଗୁଡିକରେ ପରାସ୍ତ ହୁଅ ପଛେ, ତଥାପି ଗୌରବ ଅଛି । 'ପଛଘୁଞ୍ଚା ନାହିଁ ବୀରର ଯାତକେ, ନମରେ କେବେ ସେ ପରାଣ ଆତଙ୍କେ' । ସବୁଠାରୁ ଲାସ୍ ଭେଗାସ୍‌ରେ କେଜ୍ ଲଢେଇ ଜଣାଶୁଣା । ଏହି ଯୁଦ୍ଧ, ଲଢେଇ ଏକ ବାଡ଼ିର ଗୁମ୍ଫାରେ ହୋଇଥାଏ । ବିସିସିଆଇ ଅନୁଯାୟୀ ଶ୍ରୀ ଜୁକରବର୍ଗ ଜିୟୁ-ଜଟସୁ ପାଞ୍ଚଟି କୁଅକୁ ଭଲଭାବେ ଆୟତ୍ତ କରିନାହାଁନ୍ତି । କଥାଟି ହେଉଛି, ଦୁଇଜଣ ପରିପକ୍ୱ ବୟସ୍କଙ୍କ ମଧ୍ୟରେ ଏପରି ଲଢେଇ କାହିଁକି ? ଯେଉଁମାନେ ଏତେ ଧନୀ ଏବଂ ଗୁଣବାନ ଶାରୀରିକ ବ୍ୟାୟାମ ଅପେକ୍ଷା ସେମାନଙ୍କର ମସ୍ତିଷ୍କର ଗତିବିଧି ଜାଣିବାକୁ ସମସ୍ତେ ଅଧିକ ଆଗ୍ରହୀ, ଠିକ୍ ଶରୀରକୁ କିଛି ବି ଆଘାତ ଦେଇପାରେ ନାହିଁ, କିନ୍ତୁ ମସ୍ତିଷ୍କର ଶକ୍ତି, ଯାହାର ସାମ୍ରାଜ୍ୟ ବିସ୍ତୃତ । ସାଧାରଣ ଲୋକମାନେ ଏପରି ଭାବନ୍ତି । ପୁନଶ୍ଚ ଏହା ଠିକ୍ ସାଧାରଣ ଲୋକଙ୍କ ବିଚାରରେ ଏ ଯୁଗରେ ବହୁ କୋଟିପତିଙ୍କ ବିଚିତ୍ରତା, କଳ୍ପନା, ଅଦ୍ଭୁତ ଚିନ୍ତାଧାରା, ଅଯୁକ୍ତିକ କଥା କେବଳ ଦେଖିବାକୁ ମିଳେ ।

କିଛି ବର୍ଷ ପୂର୍ବେ ଯୁକ୍ତରାଷ୍ଟ୍ରର ଗାର୍ଡିଆନ୍ ଖବରକାଗଜରେ ଗୋଟେ ରିପୋର୍ଟ ପ୍ରକାଶ ପାଇଥିଲା । ଧନ ପରିଚାଳନା ସଂସ୍ଥାଗୁଡ଼ିକ ବିଲିୟନେୟାରମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା । କୁହାଯାଏ ସଂଗଠନଗୁଡ଼ିକ ସେମାନଙ୍କର ନିଷ୍କ୍ରିୟତାକୁ ଘୋଡାଇବା ପାଇଁ କାର୍ଯ୍ୟ କରନ୍ତି । ଅନେକ ବିଚିତ୍ରତାକୁ ଆଲୋକିତ କରିବା ମଧ ସେମାନଙ୍କ କାର୍ଯ୍ୟର ଏକ ଅଂଶ । ଯେହେତୁ ସେମାନଙ୍କ ବିଷୟରେ ବହୁଳ ଆଲୋଚନା ଓ ସମାଲୋଚନା ଫର୍ଦ୍ଦ ଅଛି । ଏହା ସ୍ପଷ୍ଟ ନୁହେଁ ଯେ ସାଧାରଣ ଲୋକମାନେ ପ୍ରାୟତଃ ସେମାନଙ୍କ ପରି ହେବାକୁ ଚାହାଁନ୍ତି ? କିଛି ବ୍ୟକ୍ତି ସମାଲୋଚିତ ହେଲେ କ୍ରୋଧିତ ହୁଅନ୍ତି ।

ବିଶେଷ କରି ଗରିବ ଲୋକମାନେ ଯଦି ସେମାନଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ଅବାଞ୍ଛିତ ପରାମର୍ଶ ଦିଅନ୍ତି, 'ଈର୍ଷା କର ନାହିଁ, ଚେଷ୍ଟା କର, ଆପଣ ମଧ କରି ପାରିବେ ।' କିନ୍ତୁ ଫଳାଫଳ କ'ଣ ହେବ, ତାକୁ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିବା ସମ୍ଭବ ହୁଏନାହିଁ ? ନିମିତ୍ତ ଜୀବନରେ ଟିକିଏ ଆରାମ ପାଇଁ ଆଖି ଖୋଲାଥାଏ ।

ଯେତେବେଳେ ଅଳ୍ପ କେତେଜଣଙ୍କ ହାତରେ ଧନ ଜମା ହୁଏ, କେତେକ ଆଚରଣ ସେମାନଙ୍କ ବିଚିତ୍ରତା ମଧ୍ୟରେ ମଧ ସାଧାରଣ ହୋଇଯାଏ । ସେମାନେ ଜନସେବା, ସର୍ବଶିକ୍ଷା ଅଭିଯାନର ଲିଜ୍ ନିଅନ୍ତି । ଅନ୍ତତଃ ପକ୍ଷେ ସେମାନେ ଏପରି ଭାବମୂର୍ତ୍ତି ନିର୍ମାଣ କରିବାକୁ ଚେଷ୍ଟା କରନ୍ତି । ଆଜିର ସମାଜରେ ବହୁ ସଂଖ୍ୟକ ଏନଜିଓ ଦେଖିବାକୁ ମିଳିଛି ସେମାନେ ବହୁତ ଭଲ କାମ କରନ୍ତି । କିନ୍ତୁ ଯେପର୍ଯ୍ୟନ୍ତ କାହାର କିଛି କ୍ଷତି ନହୁଏ ସେ ପର୍ଯ୍ୟନ୍ତ ସେମାନଙ୍କୁ ଭଲ ବୋଲି କୁହାଯାଏ । ସତ କହିବାକୁ ଗଲେ ସତରେ କ'ଣ ସମସ୍ତଙ୍କର କାର୍ଯ୍ୟକଳାପ ସ୍ୱଚ୍ଛ ? ଦାରିଦ୍ରତା କାହାର ଦୁଃଖ ନହେଉ, ସେତେବେଳେ କେବଳ ସେବା, ସାହାଯ୍ୟ, ବାର୍ତ୍ତା ପ୍ରଚାର ସର୍ବସ୍ୱ ନଥିଲା । କିଛି କରିବା ଆଜିର ଦୁନିଆରେ ମୁଖ୍ୟ କାର୍ଯ୍ୟ... ଯିଏ ଏସବୁ କହନ୍ତି, ସେ ଜାଣନ୍ତି ନାହିଁ, କିଛି ଲୋକ ଦେଖୁଛନ୍ତି କି ନାହିଁ । ଜଣେ ଐତିହାସିକ କହିଛନ୍ତି - ଏହା ସତ୍ୟ ଯେ ୟୁରୋପର ଜନସଂଖ୍ୟାର ତିରିଶ ପ୍ରତିଶତ ଲୋକ ଆଫ୍ରିକା ଓ ଏସିଆ ସମେତ ବିଶ୍ୱର ସତୁରି ପ୍ରତିଶତ ଉପରେ ଶାସନ କରିଥିଲେ ।

ତାଙ୍କ ମତରେ ଦେଶର ସମୃଦ୍ଧତା ବଜାୟ ରଖିବା ପାଇଁ ଦାସମାନଙ୍କୁ ଯୋଗାଇ ଦିଆଯାଉଥିଲା । ବେଳେବେଳେ ଡାଏସ୍ ରୋଲ୍, ତାହା ମଧ ଇତିହାସର ଶିକ୍ଷା ଅଟେ । ଏହା ହେଉଛି ଯେ ଭାରତ ପରି ଏକ ବିକାଶଶୀଳ ତୃତୀୟ ବିଶ୍ୱ ଦେଶରେ, ଯେଉଁମାନେ ପ୍ରଥମ ଦୁନିଆରେ ବାସ କରନ୍ତି । ଯେଉଁମାନେ ଖବରକାଗଜ ପଢନ୍ତି କିମ୍ବା ଟିଭି ଦେଖନ୍ତି, ସେମାନେ ମଧ ଦ୍ୱନ୍ଦ୍ୱରେ ପଡିଛନ୍ତି । ସାମ୍ପ୍ରତିକ ଘଟଣା ଚିତ୍ର ସାମ୍ନାରେ ଦେଖି ଚକିତ ହୋଇଯାଇଛନ୍ତି । ଏବେ ଚିତ୍ର, କବିତାର ଦେଶ, ଫ୍ରାନ୍ସ ଦଙ୍ଗାରେ ଜଳୁଛି । ବୁଦ୍ଧିଜୀବୀମାନେ କାହିଁକି ଚୁପ୍ ଅଛନ୍ତି ବୁଝାପଡୁନି । ସାମ୍ପ୍ରଦାୟିକ ଚିତ୍କାର ଶୁଭୁଚି । ପ୍ରଥମେ ଆଫ୍ରିକାରୁ ଫ୍ରାନ୍ସକୁ ଆସୁଥିବା ଲୋକଙ୍କ ଛାତିରେ ଗୁଳି ବାଜିଥିଲା । ପ୍ରତିଶୋଧ ନିଆଁରେ କଳା ସଂସ୍କୃତି, ପୁସ୍ତକ ଭିତ୍ତିକ ସଭ୍ୟତା ଜଳୁଛି ...। ତେବେ କହିବାକୁ ଗଲେ କାହାର ସଂସ୍କୃତି ସେସବୁ, ଗରିବଙ୍କ ଶ୍ରମ ଉପରେ ଆଧାରିତ । ପରବର୍ତ୍ତୀ ସମୟରେ ସେମାନେ କେଉଁ ଦିଗରେ ରହିବେ ? ଏହି ଧର୍ମଗୁଡ଼ିକୁ କିଏ ଶୁଣିବ , ଯାହା ଅନେକ ଭୁଲ କରି ସଂଶୋଧିତ ହୋଇପାରିବ ନାହିଁ ?

ଏଥର ଆସନ୍ତୁ କୋଟିପତିଙ୍କ କାହାଣୀକୁ ଫେରିଯିବା, ଯାହା ପ୍ରାରମ୍ଭରେ ସୂଚେଇ ଦିଆଯାଇଛି । ଏହି ପ୍ରଶ୍ନଗୁଡିକ ପରି, ଜାଗା ବାହାରେ, ଜଳ ତଳେ କ'ଣ, ପରାମାସ୍ତୁ ରେଖା ବିଷୟରେ ଲୋକଙ୍କ କୌତୁହଳ ମଧ ଅନନ୍ତ ଅଟେ । ଜେଫ୍ ବାଜଙ୍କ ନାମ ମନକୁ ଆସେ। ସେ ତାଙ୍କ ଅନୁସନ୍ଧାନରେ ବହୁ ଅର୍ଥ ବିନିଯୋଗ କରିଛନ୍ତି, ଯାହା ଦ୍ୱାରା ଲୋକମାନେ ଅତି କମରେ ଦୁଇରୁ ତିନି ଶହ ବର୍ଷ ବଞ୍ଚିପାରିବେ ବୋଲି ଧାରଣା ଦେଇଛନ୍ତି ।

ତେଣୁ, ଯଦି ଆପଣ ଦୀର୍ଘ ସମୟ ବଞ୍ଚନ୍ତି ଓ ବହୁତ ଧ୍ୟାନ କରନ୍ତି, ଯଦି ଆପଣ ବିଭିନ୍ନ ଲୋକଙ୍କ ପ୍ରେମ ପାଆନ୍ତି, ତେବେ କାହିଁକି ବଞ୍ଚିବେ ନାହିଁ । କିନ୍ତୁ, କଥାଟି ହେଉଛି, ଧନରୁ ପ୍ରାପ୍ତ ପ୍ରେମ ପ୍ରକୃତରେ ଆଶାକର୍ମୀମାନଙ୍କ ପାଇଁ କୌଣସି ଭଲ କାମ କରିପାରିବ । ଯାହାର ଜୀବନ, ହବ୍ସଙ୍କ ସିଦ୍ଧାନ୍ତ ଅନୁଯାୟୀ, ପଶୁ ପରି, ମଇଳା, କ୍ଷୁଦ୍ର, ଗଡାକାରୀ ହୋଇପାରେ । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## ଅଭିଶପ୍ତ ଶୈଶବ

**ଜଗଦୀଶ ପଣ୍ଡା**

ସାଗରର କିଛି ବିଚ୍ଛୁରିତ ଶାମୁକାକୁ
ହାତେଇ ଯେ କ୍ଷଣିକ ସୁଖେ ଲିପ୍ତ
ସେ ବା କ'ଣ ମାପିପାରେ
ଦିଗବଳୟର ପରିସୀମା।

ମଧୁଶାଳାକୁ ନିଜର କରି
ଯେ କେନ୍ ର ପରଶେ ଲିପ୍ତ
ସେ ବା କ'ଣ ମାପିପାରେ
ଶୈଶବ ଲୁହର ଆୟତନ।

କ'ଣ ବା ପ୍ରମାଣ ଅଛି
ଶୈଶବ ପରାଜୟର
ପରାଜିତ ଏଠାରେ ଯୌବନ ଓ
କୈଶର
ସାଜି ନିତି ନିନ୍ଦା, ଘୃଣା, ଉପହାସର
ଆଧାର
କେଉଁଠି କେବେ ସାହାରା ପାଇଁ
ତ କେବେ ଚାଖଣ୍ଡେ ପେଟ ପାଇଁ
ଦାସତ୍ୱ ଶିକୁଳିକୁ ନିଜର କରିନିଏ
ଚୁନା କରି ନିଜ ସପନର ବାଲିଘର।

ଅଲାଡିଗାଁ, ଗଂଜାମ
ମୋ: ୬୩୭୧୨୭୮୧୬୩

## ଚୋରା ପୀରତି

**କୁନା ସେଠୀ**



ଭରା ଯଉବନ ଉଥାଳ ପ୍ରେମରେ
ସିକ୍ତ ମନ ପ୍ରାଣ ଦେହ
ତଥାପି ଚୁପ ହୋଇ କେମିତି ଗୋଟାଏ
ନିଶ୍ୱାସ ନେବାର ଦୁର୍ବାର ପ୍ରୟାସ ।

ମନ ପାଇଁ ଝୁରୁଥିବା ମନଟିଏ ପାଇଁ
କେତେ ଠେଲାପେଲା କେତେ ପୁଣି
ଲୁଚାଛପା ଆଉ କେତେ ଝିନଝଟ,
କାକୁସ୍ତରେ ପୁଣି
ନିବେଦନ କରେ କିଏ,
ଫାଶୀ ଖୁଣ୍ଟରେ ଝୁଲିପଡି
କିଏ ବାଛି ନିଏ ଲୌହଦାନବର
ଅଙ୍କାବଙ୍କା ପଥକୁ ଚୁମ୍ବନ ପାଇଁ,

କିଏ ପୁଣି ଅମୃତ ମଣେ ଦିନେ ଯାହାକୁ
ବିଷାକ୍ତ କହି ପଦାଘାତ କରୁଥିଲା
ଲୋକଙ୍କୁ ବୁଝାଉଥିଲା
ପାପ ଠାରୁ ଦୁରେ ରୁହ
ଭୁଲ ଠାରୁ ଦୁରେ ରୁହ
କିନ୍ତୁ, ଆଜି ସେ ଭୁଲ ପଥକୁ
ଆପଣାଇ
ତାକୁ ନିଜର କରି ବସିଛି ।

ଦିନର ରୌଦ୍ର ତାକୁ ବାଧୁ ନାହିଁ
ରାତିର ଶିତଳତା ତାକୁ ବୋଧ ହେଉ
ନାହିଁ
ବାଟ ଚାଲୁଛି କିନ୍ତୁ
ପଥର ଦିଗ ଦୂରତା ଜାଣୁ ନାହିଁ ।

ଖାଦ୍ୟ ଖାଉଛି
ହେଲେ
କେତେ ଖାଇଲା ଜାଣୁ ନାହିଁ
କଣ ଖାଇଲା ଜାଣୁ ନାହିଁ ।
ଜୀବନ ଟା ସତେ ଯେପରି ତା ପାଇଁ
ଗୋଟାଏ ଲଳିତାର ବୋଝ
କଣ ପାଇଁ କଣ ପାଇଁ କଣ ପାଇଁ
ସେ ନିଜକୁ ପଚାରୁନି
ନିଜକୁ ଖୋଜୁନି
ନିଜେ ଯାଉନି
ନିଜେ ଯାଉଛି
ହେଲେ ଲୋକେ କହୁଛନ୍ତି
ଇଏ ପରା ଚୋରା ପୀରତି ।

ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

## ପାଦ ଚିହ୍ନ

**ଲକ୍ଷ୍ମୀପ୍ରିୟା ମହାରଣା**

ସକାଳ ସଞ୍ଜର ବର୍ଣ୍ଣିଳ ଆକାଶରେ
ସମ୍ପର୍କର ଅନାବନା ଫୁଲ ଚନ୍ଦନରେ
ସବୁଜ ବନ ବିଥିକାର
ଶେଫାଳୀ ଯୁଥିକାରେ
ସମୟ ରଖେ ସାଉଁଟି
ସେହି ପାଦ ଚିହ୍ନ

ସକଳ ବାଧା ବନ୍ଧନ
ଏଡାଇଦେଇ ପଥେ
ଅପରର ସେବା ଓ କଲ୍ୟାଣେ
ଦେଇଛି ଯିଏ ନିଜକୁ ଉତ୍ସର୍ଗ କରି

ବୁଝା ଓ ଅବୁଝା ମଧ୍ୟରେ
ଆଶ୍ୱାସନାରେ ପ୍ଲାବିତ ହେଉ ହେଉ
କବି ଭାବଟି ଲୋଡ଼ା
କାବ୍ୟ ଭରିବାରେ

ଜୀବନ ସ୍ମୃତିରେ ସ୍ମାରକୀ ଆଣିଦିଏ
ମିଳେ ସଦା ସୁଖ ଶାନ୍ତି
ସୌଭାଗ୍ୟ ସମ୍ଭାର

ସମୟକୁ କେମିତିବା
ନଦେବା ସମ୍ମାନ
ଯେଉଁଠି ରହିଛି ରୂପ ସୁଷମା

ମଣିଷର ମନ ପରିବ୍ୟାପ୍ତ
ସ୍ୱପ୍ନ ଅଛି ପ୍ରେମ ଅଛି

ଆଗାମୀର ସମସ୍ତ ସମ୍ଭାବନାକୁ
ସୃଜନର କଅଁଳ
ପାଦରେ ଥାପିଦିଏ
ଅବୁଝା ପରଜାପତି ଟି ପରି

ନୀଳ ଆକାଶର ଛାତିଟାରେ
ଉଡ଼ିବୁଲୁଥାଏ ଅହରହ
କାହାର ସନ୍ଧାନରେ
ଜୀବନର ଗତି ପଥରେ।

ଧନୁପାଲି, ମହାବୀରପଡା
ସମ୍ବଲପୁର

## ଏହା କଣ ତୁମ ବିଚାର

**ସୁହଂସ ଭୋଇ**

କଳା କଳେବର ମୋ କଳା ଠାକୁର
କାହିଁକି କରୁଛ ପାତର
କାହାକୁ ଦଉଛ ଖିରିପୁରି ଭରି
କାହାର ପୁରୁନି ଉଦର
ମରୁ ତରୁ ନଦୀ ଫୁଲ ଫଳ ଆଦି
ମାନବ ବିହଙ୍ଗ ଇତର
ଯାହା ବି ଦେଖୁଛି ନୟନ ହେ ତୁମେ
ସକଳ ସୃଷ୍ଟିର ଆଧାର

କାହାକୁ କରିଛ ଦାଣ୍ଡର ଭିକାରି
କାହାକୁତ ପୁଣି କୁବେର
କଳା କଳେବର ମୋ କଳା ଠାକୁର
କାହିଁକି କରୁଛ ପାତର

କରେ ଯିଏ ଆଜି ସାତକୁ ସତର
ତାହାକୁ କରୁଛ ନିଜର
ଭଜନ ଭକତି ଯେ କରଇ ନିତି
ପାଶରୁ କରୁଛ ଅନ୍ତର

ପାଳନ କରତା ଜନ ପିତା ମାତା
ଏହା କଣ ତୁମ ବିଚାର
କଳା କଳେବର ମୋ କଳା ଠାକୁର
କାହିଁକି କରୁଛ ପାତର ।

ପହଣ୍ଡି, ବରଗଡ଼

# ଜରା ନିବାସ କାହା ପାଇଁ.... ? ?



## ପ୍ରଣତି ଆଚାର୍ଯ୍ୟ ମିଶ୍ର



ଋତୁଚକ୍ରର ଆବର୍ତ୍ତ ଆସିବ ହିଁ ଆସିବ। ଉଦୟ ଭାନୁ ନିଶ୍ଚୟ ଅସ୍ତ ହେବ ଏହା ଚିରନ୍ତନ। ବାର୍ଦ୍ଧକ୍ୟ ବାଧ ବାଧକତାର ଶୀକାର। ଏକ ବିଡମ୍ବନା ବ୍ୟାଧି । ବାର୍ଦ୍ଧକ୍ୟ କଣ ଏକ ଅଭିଷାପ ? ଚାରିଆଡ଼େ ଅବରୁଦ୍ଧ ଥିବା ପୁଷ୍କରିଣୀ ର ସ୍ଥିରତା ଜଳ କଣ ଅଯୋଗ୍ୟପଣ ? ଦୁନିଆଁର ରଙ୍ଗମଞ୍ଚରେ, ଅସରା ଏକ ନାଟକ ଅହରହ ଅଭିନୀତ ହେଉଥିବା ସତ୍ୟ । ସଭିଏଁ କଳାକାର । ଅଭିନୟର ଅବଧି ପର୍ଯ୍ୟନ୍ତ, ଏ ରଙ୍ଗମଞ୍ଚରେ ପଦଚାଳନା କରିବା ପାଇଁ ସମସ୍ତେ ସ୍ୱୀକୃତିପ୍ରାପ୍ତ । ଅଭିନୟରେ ବିଚ୍ୟୁତି ଆଣିବା କିମ୍ବା ତାକୁ ବିକୃତ କରିବା ଅପରାଧ । ତେବେ ଅସ୍ତ ଆଡକୁ ଗତି କରୁଥିବା ବୟସରେ କଣ ପାଇଁ ନିଜ ହାତରେ ତିଆରି କରିଥିବା ଘର ଏବେ ନିଜର ନୁହେଁ ? ବାଟଘର, ଶିଡ଼ିଘର, ଅଥବା ପୋର୍ଟିକୋ ପାଖରେ ତିଆରି ଏକ ଚାରିକାନ୍ଥର ଆବରଣ ଅସ୍ତ ସୂର୍ଯ୍ୟର ନିଳୟ। ଯୁଧିଷ୍ଠିର ମହାରାଜାଙ୍କୁ ଶେଷ ପର୍ଯ୍ୟାୟରେ ସାଥି ଦେଇଥିବା ଶ୍ୱାନବଂଶରୁ, କେହି ହୋଇଥାଏ ଶ୍ୱାନବନ୍ଧୁ। ସୁସ୍ଥ ଶିକ୍ଷିତ ସମାଜରେ ନୈରାଶ୍ୟ, ଯନ୍ତ୍ରଣା ଓ ଏକାନ୍ତବାସ ବାର୍ଦ୍ଧକ୍ୟ ଜୀବନର ଅପ୍ରିୟ ସତ। ଜେଜେ ବାପା ଜେଜେ ମା କହି, ବୃଦ୍ଧ ମହାବୃଦ୍ଧର ଆଭୂଷଣରେ ଅଭିଷିକ୍ତ କରିବା ଆମ ଅଭ୍ୟାସ। ଏପରିକି ଶ୍ରାଦ୍ଧପିଣ୍ଡ ବଢ଼ା ହେବାବେଳେ ନାମଗୋତ୍ର ସମ୍ପୂର୍ଣ୍ଣ ଭୁଲିଯିବା କିଛି ବଡ କଥା ନୁହେଁ। କର୍ତ୍ତବ୍ୟ ଓ କାର୍ଯ୍ୟବ୍ୟସ୍ତ ଆଳରେ ପିତା ମାତାଙ୍କ ପାଇଁ ଜରା ନିବାସ ଏକ ମହତ୍ ଦାନ ବୋଲି ଶିକ୍ଷିତ ସୁସ୍ଥ ସମାଜର ପରିକଳ୍ପନା। କଥାରେ ଅଛି, ଟେକାଟିଏ ଫିଙ୍ଗିଲେ ପଥରଟିଏ ଥୁଆ। ଶାସ୍ତ୍ରରେ କୁହାଯାଇଛି ସନ୍ତାନମାନେ ପିତୃଋଣ ପରିଶୋଧ ପାଇଁ ସେବାଯତ୍ନ କରନ୍ତି । ପିତା, ମାତା ଜୀବନ ତମାମ ଜଳି ଜଳି ନିଜ ପାଇଁ ଚିନ୍ତା ନ କରି ନିଜ ଝିଅପୁଅ ପାଇଁ ଚିନ୍ତା କରନ୍ତି। ତାଙ୍କୁ ଅବହେଳା କରିବା ଅର୍ଥ ଭବିଷ୍ୟତରେ ନିଜେ ମଧ ଅବହେଳିତ ହେବା । ବର୍ତ୍ତମାନ ଶିକ୍ଷିତ ସମାଜରେ ଜରା ଜୀବନକୁ ସହଜ କରିବା ପାଇଁ ଜରା ନିବାସର ସୃଷ୍ଟି ! ନା ଅବାସ୍ତବତାକୁ ଦଳି ଚକଟି ବାସ୍ତବତାର ମୁକୁଟ ପିନ୍ଧାଇବାର ପ୍ରୟାସ। ଶିକ୍ଷିତ ସଭ୍ୟ ବୋଲାଉଥିବା ମଣିଷ ମାନଙ୍କ ନିଜ ପିତା ମାତାଙ୍କ ପାଇଁ ସମୟର ଅଭାବ ଯୋଗୁଁ.... ଏହା ଭାବିବା ଦରକାର । ବିଚ୍ଛୁରିତ ବାର୍ଦ୍ଧକ୍ୟ ଜନ୍ତ୍ରଣାରେ ଜର୍ଜରିତ ହେଇଥିବା ବେଳେ ମନ ଖୋଜେ ନିଜ ପୁତ୍ର ପୌତ୍ର ବନ୍ଧୁ ବାନ୍ଧବ ସଖା ସହୋଦର। ତେବେ ଏ ସମୟ ରେ ଜରା ନିବାସ ସେମାନଙ୍କୁ କେତେ ସହାୟକ ତାହା ଜରାଶ୍ରମର ବାସିନ୍ଦା ହିଁ କହିପାରିବେ ।

ଏକ ଘଟଣା ଟିଏ ଦେଖିଲା ପରଠୁ ମନରେ ବାରମ୍ବାର ଏହି ପ୍ରଶ୍ନ ଉଠିଲା 'ଆଧୁନିକ ସମୟରେ ସ୍ଥାନେ ସ୍ଥାନେ ସ୍ଥାପିତ ଜରା ନିବାସ' କାହାପାଇଁ ? ବହୁତ ଦିନ ପରେ ବସରେ ବସି ବ୍ରହ୍ମପୁର ଯାଉଥିଲି। ମୁଁ ନିଜ ସିଟ୍‌ରେ ବସି ବାହାରକୁ ଦେଖୁଥାଏ।

ଅନେକ ଲୋକ ବସ୍‌ରେ ଚଢୁଛନ୍ତି ଓ ଓହ୍ଲାଉଛନ୍ତି । ଏକ ଆଦିବାସୀ ଅଧୁଷିତ ଅଞ୍ଚଳରୁ ବସ୍‌ଟି ଆସୁଛି ତେଣୁ ଅନେକ ଆଦିବାସୀ ପରିବାରର ଲୋକ ଏହି ବସ୍‌ର ଯାତ୍ରୀ।

ଗନ୍ତବ୍ୟ ସ୍ଥାନ ଆଉ ମାତ୍ର ୧୫ କି ମି ଅଛି। ଏବେ ବସ୍ ଟି ପ୍ରାୟ ଖାଲି। ତେଣୁ ମୁଁ ନିଜ ସିଟ୍ ଛାଡି ଆଗକୁ ପଳେଇଆସିଲି। ଦେଖିଲି ଆଗ ଦୁଇଜଣିଆ ସିଟ୍‌ରେ ବୃଦ୍ଧ ଦମ୍ପତି ବସିଛନ୍ତି। ଉଭୟଙ୍କ ବୟସ ପାଖାପାଖି ସତୁରୀ ପଞ୍ଚସ୍ତରୀ ହେବ। ଗେରୁଆ ଶାଟ୍ ସାଙ୍ଗକୁ ଧଳା ଧୋତି ଓ କାନ୍ଧରେ ଛିଟଗାମୁଛା ଖୁବ୍ ମାନୁଛି ବୁଢ଼ା ମଉସାଙ୍କୁ। ମାଉସୀ ଗୋଟେ ବାନ୍ଧଶାଢି ପିନ୍ଧିଛନ୍ତି ବ୍ଲାଉଜ ପିନ୍ଧିଛନ୍ତି କି ନାହିଁ ମୁଁ ଚେଷ୍ଟା କରିବି ଯାଣି ପାରିଲିନି। କାରଣ ଲୁଗାଟି ସେ ଏପରି ପିନ୍ଧିଛନ୍ତି ଯେ ତାଙ୍କର ସର୍ବାଙ୍ଗ ଘୋଡାଇ ହୋଇଛି। ପୁଣି ମୁଣ୍ଡ ରେ ଓଢ଼ଣୀ। ତାଙ୍କୁ ଦେଖି ମନରେ ପ୍ରଶ୍ନ ଏମାନଙ୍କୁ ଏ ଲୁଗା ପିନ୍ଧା ଶିଖେଇଥିଲା କିଏ ? ଟିକିଏ ବି ଶାଢୀର କାନି ଏପଟ ସେପଟ ହେବାର ନାଇଁ ବିନା ପିନ୍ ବା କ୍ଲିପ୍‌ର ସାହାଯ୍ୟରେ। ଅଥଚ ଆମେ ବିଭିନ୍ନ ପ୍ରକାର ପିନ୍‌କୁ ନେଇ ବଡ ସଜନ୍‌ରେ ଯେତେ ଚେଷ୍ଟା କଲେବି ଶାଢୀର କାନି ମୁଣ୍ଡ ରୁ ଖସି ଖସି ଯାଉଛି। ମୁଣ୍ଡରେ ଲୁଗା ଦେବା ବୋଧହୁଏ ଭାରି କଷ୍ଟ। ତେଣୁ ଏବେ ପ୍ରାୟତଃ ସମସ୍ତେ ଭୁଲି ଗଲେଣି ମୁଣ୍ଡରେ ଓଢ଼ଣୀ ଦେବା। ବୁଢୀ ମାଉସୀଙ୍କ ମଥାକୁ ନାଲି ସିନ୍ଦୁର ଟୋପା ଖୁବ୍ ମାନୁଛି ଅହ୍ୟ ସୁଲକ୍ଷଣୀ ପରି ଝଟକୁଛି ମଥାରେ। ବୁଢା ବୁଢୀ ଦୁଇ ଜଣ ଯାକ ଭାରି ଖୁସି ଜଣା ପଡୁଛନ୍ତି ପ୍ରଶନ୍ନତା ତାଙ୍କର ମୁଖରେ ଫୁଟି ଉଠୁଛି । ଓଠରେ ଏକ ଆତ୍ମ ତୃପ୍ତିର ହସ। ଗାଡିଟି କିଛି ସମୟ ରଖିଲା ସମୟରେ ବୁଢା ମଉସାଙ୍କ ପାଖକୁ ଜନୈକ ବ୍ୟକ୍ତି ଆସି ପଚାରିଲେ ପାଣି ବଟଲ୍‌ଟେ ଆଣି ଦେବି ନା ଥଣ୍ଡା ପିଇବ ଆଣିବି ? ମଉସା କହିଲେ ନା ନାହିଁ କିଛି ଦରକାର ନାହିଁ। କିନ୍ତୁ ସେ ବ୍ୟକ୍ତି ଜଣକ ତଳକୁ ଓହ୍ଲାଇ ଗୋଟେ ଥଣ୍ଡା ବଟଲ୍ ଆଣି ଧରାଇ ଦେଲେ, ମଉସାଙ୍କ ହାତରେ ବଟଲ୍‌ଟି ଦେଖି, ମାଉସୀ ପଚାରିଲେ ଏଇଟା କଣ କି ପାଣି ନା କଣ ? ନା ନା ଥଣ୍ଡା ତୁ ପିଇବୁ କି ଭାରି ଥଣ୍ଡା ଅଛି ଏହା କହି ମାଉସୀଙ୍କ ହାତକୁ ବଢ଼ାଇଦେଲେ। ବୋଧହୁଏ ମାଉସୀ ଆଗରୁ କେବେବି ଥଣ୍ଡା ପାନୀୟ କିଛି ପିଇ ନାହାନ୍ତି। ସେ ଭାରି ଖୁସିରେ ବଟଲ୍‌ଟି ହାତରେ ଧରିଥାନ୍ତି। ମଉସାଙ୍କୁ ପ୍ରଶ୍ନ କଲେ ପୁଅ କୁଆଡେ ଗଲା, ଗାଡି ଛାଡି ଦେବ ନା କଣ ? କିଛି ସମୟ ପରେ ବ୍ୟକ୍ତି ଜଣକ ଆସିଲେ କହିଲେ ତୁ ପିଉନୁ ଧରିଛୁ କଣ ପାଇଁ। ମାଉସୀ ଚିନ୍ତିତ ଆଖିରେ ପଚାରିଲେ କୁଆଡେ ଯାଇଥିଲୁ ? ହଉ ନେ ତୁ ପିଇ ଦେ ଟିକେ। ନା ମଉସା ପିଇଲେ ନା ମାଉସୀ। ଏ ହିଁ ତ ବାପା ମାଙ୍କ ସ୍ନେହ, ସନ୍ତାନ ସନ୍ତତିର ପେଟ ପୂରାଇ ନିଜ ପେଟପୁରେ। ସ୍ନେହ ଓ ଭାବରେ ବାନ୍ଧିଲା ପରି ଶବ୍ଦ ସବୁ ଶୁଣି କେତେ ବେଳେ ଆଖିରୁ ଲୁହ ବୋହି ଗଲା ଯାଣି ପାରିଲିନି। ଏ ଭିତରେ ଗାଡି ବି ଛାଡି ଦେଲାଣି। ସେ ବ୍ୟକ୍ତିକୁ ନପଚାରି ରହିପାରିଲେନି ଏ ମଉସା ଓ ମାଉସୀ ଏମାନେ ଆପଣଙ୍କ..... ମୋ କଥା ନ ସରୁ ତାଙ୍କର ଉତ୍ତର ବାପା ମାଆଙ୍କୁ ନେଇ ଘରକୁ ଯାଉଛି। ମୁଁ ବ୍ରହ୍ମପୁରରେ କାମ କରେ। ଗାଁକୁ ବାପା ମା ଗୋଟେ କାମରେ ଆସିଥିଲେ। ମୋ ପୁଅ ମୋତେ ରଖେଇ ଦେଲାନି ଯାଅ ଶିଘ୍ର ଜେଜେ ବାପା ଓ ମା ଙ୍କୁ ନେଇ ଆସିବ। ତାଙ୍କ ମନରେ ଟିକେ ବି ବିରକ୍ତି ଭାବ ନଥିଲା। ତାଙ୍କୁ ଦେଖିଲେ ଲାଗୁଛି ବୋଧହୁଏ ବେଶି କିଛି ପାଠ ପଢିନଥିବେ ସାଧାରଣ ଶାଟ୍ ଓ ପ୍ୟାଟ୍ ପିନ୍ଧିଛନ୍ତି ବୟସ ବୋଧେ ପଚାଶ ପଞ୍ଚବନ ହେବ। ଆଉ କିଛି ପଚାରିବାକୁ ମନ ହେଲାନି। ବାସ୍ ଏତିକି ଯଥେଷ୍ଟ। ଏମାନେ ସବୁଠାରୁ ସୁଖୀ। ବୁଢା ମଉସା ଯଦି ଜରା ଆଶ୍ରମ ବିଷୟରେ ଜାଣନ୍ତି ତାହେଲେ ସେ ଭାବିବେ ଭଲ ହେଇଛି ମୋ ପୁଅ ବେଶି ପାଠ ପଢିନି କିଛି ନହେଲେ ଆମ ପାଖରେ ତ ଅଛି। ଗାଁ ମାନଙ୍କରେ ଯାହାର ପୁଅ ଚାଷୀ ସେ ବୃଦ୍ଧ ମାତା ପିତାଙ୍କୁ ଧରି ଗାଁ ମାଟିରେ। ସେମାନଙ୍କ ଦେହ ପା ହେଲେ ସାଇକଲ୍ ପଛରେ ବସାଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଧାଏଁ । ତେବେ ଏମାନଙ୍କ କଣ ପଇସାର ଅଭାବ ନାହିଁ ? ସତ କହିବାକୁ ଗଲେ ଏମାନଙ୍କ ମନ ଅଛି ଧନ ବି ଅଛି। ବାପା ମା ଙ୍କ ସ୍ନେହ ଶ୍ରଦ୍ଧା ଭଲପାଇବା ସମ୍ପଦର ମୂଲ୍ୟ ଏମାନେ ହିଁ ବୁଝିଛନ୍ତି।

ତେବେ ଆମ ସଭ୍ୟ ସମାଜର ଜରା ନିବାସ ନିର୍ମାଣ କାହାପାଇଁ। ଶିକ୍ଷିତ ଧନୀମାନଙ୍କ ପାଇଁ କି ?

+ନୟାଗଡ଼
ମୋ: ୯୪୩୭୬୪୨୯୪୭

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା

II ଭାଗ-୧୧ II



( ଏହି ଉପନ୍ୟାସଟି ଶ୍ରୀମଦ୍ ଭାଗବତ ଉପରେ ଆଧାରିତ। ବିଶେଷତଃ ମୋର ଗୋତ୍ର କଶ୍ୟପ, ଯିଏକି ଜଣେ ପ୍ରାଚୀନ ଭାରତୀୟ ବୈଜ୍ଞାନିକ ବା ପ୍ରଜାପତି ଥିଲେ। ତେଣୁ ତାଙ୍କ ବିଷୟରେ ଜାଣିବା ପାଇଁ ଆଗ୍ରହୀ ହୋଇ ମୁଁ ସମଗ୍ର ଭାଗବତ ବହିକୁ ଅଧ୍ୟୟନ କରିଥିଲି । ମୁଁ ଏହାକୁ ମୋର ଅଳ୍ପ ଜ୍ଞାନ ବଳରେ ଯେପରି ସରଳ ଭାବରେ ବୋଧ କଲି, ତାହା ମାତ୍ର ପ୍ରକାଶ କରିଅଛି। ଏହା ସହିତ କୌଣସି ଜାତି, ଧର୍ମ, ସମ୍ପ୍ରଦାୟ ବା ରାଜନୀତିର କୌଣସି ସମ୍ପର୍କ ନାହିଁ।)

ପ୍ରାୟ ବର୍ତ୍ତମାନଠାରୁ ସାତ ହଜାର ପାଞ୍ଚ ଶହରୁ ଚଉଦ ହଜାର ବର୍ଷ ପୂର୍ବେ।...............

ସମସ୍ତ ଆଦିମ ପ୍ରାଗ୍ ଐତିହାସିକ ମାନବ ମାନଙ୍କର ବୈଜ୍ଞାନିକ ଚେତନା ମାନଙ୍କର ଶୀର୍ଷ ସ୍ଥାନରେ ଆସୀନ ସ୍ୱୟଂଭୂ ବ୍ରହ୍ମା ବିଷାଦ ଅନୁଭବ କଲେ। ନବଧା ପ୍ରଜାପତି ମାନଙ୍କ ସହାୟତାରେ ଯଜ୍ଞ ପୁରୁଷଙ୍କୁ ସ୍ଥାପନ କରି ସେ ଯଜ୍ଞ କରିଥିଲେ। ତେଣୁ ସ୍ୱୟଂ ବିଷ୍ଣୁ ଯଜ୍ଞ ବଳରେ ଆବିର୍ଭୂତ ହୋଇ ତାଙ୍କୁ ଯୋଗ କରିବାକୁ ଉପଦେଶ ଦେଲେ। ସେ ସେହି ଦିନଠାରୁ ଏକଶତ ବର୍ଷ କାଳ ଯୋଗ କରିଥିବାରୁ ଏବଂ ସର୍ବଦା ସତ୍ୟ କହିଥିବାରୁ ଏହି ବ୍ରହ୍ମାଣ୍ଡର ଅଧୀଶ୍ୱର ହୋଇ ପାରିଲେ। କିନ୍ତୁ ଏହି ପର୍ଯ୍ୟନ୍ତ ପ୍ରଳୟାନ୍ତ ପୃଥିବୀରେ ନୂତନ ସୃଷ୍ଟି କରିବାର ତତ୍ତ୍ୱ ସେ ବୋଧ କରି ପାରୁ ନାହାଁନ୍ତି।

ତେବେ କଣ ସେ ପ୍ରଳୟ ପରେ ଏକ ନୂତନ ସୃଷ୍ଟି କରି ପାରିବେ ନାହିଁ ? ତାଙ୍କର ଭ୍ରାତୃ ଜାୟା ନକ୍ଷତ୍ର ମାନେ କ୍ଷିତିଙ୍କର ଭାଗ୍ୟ ରବିକୁ ଅସ୍ତମିତ କରି ଦେବେ ?

ପ୍ରଜାପତିଙ୍କର ଯୋଗ ଭଗ୍ନ ହେଲା।.......

ତାଙ୍କ ଦୃଷ୍ଟି ସମ୍ମୁଖରେ ଥିଲା ପ୍ରଳୟ ଜଳରେ ମଗ୍ନ ହୋଇଥିବା ଏକ ଜନ, ଜୀବ ଶୂନ୍ୟ ପୃଥିବୀ।

ଆଜିକୁ ଏକଶତ ବର୍ଷ ଧରି ସେ ଯେଉଁ ଆଶ୍ଚର୍ଯ୍ୟ ସୃଷ୍ଟିର ଦୃଶ୍ୟ ଅବଲୋକନ କରୁଥିଲେ, ତାହା ସ୍ମରଣ କରି ସେ ବିସ୍ମିତ ହେଉଥିଲେ।

ଆଜିଠାରୁ ପ୍ରାୟ ଆଠ ଶହ ଚୌଷଠି କୋଟି ବର୍ଷ ପୂର୍ବେ...।

ମହାକାଶର ଏହି ସ୍ଥାନ ରେ ଥିଲା କେବଳ ଶୂନ୍ୟତା। ଅନ୍ତ ହୀନ ଶୂନ୍ୟତା। ନଥିଲା ରୂପ, ନଥିଲା ତେଜ, ନଥିଲା ଆକୃତି, ନଥିଲା ଶବ୍ଦ, ସମୟ,ଜ୍ୟୋତିଷ୍କ,ଗ୍ରହ, ନକ୍ଷତ୍ର,ବାୟୁ, ଜଳ, ଅଗ୍ନି, ଭୂମି, ଆଲୋକ, ଜୀବ ବା ଜଡ଼ କିଛି ନଥିଲା। ଥିଲା କେବଳ ସୀମାହୀନ ଶୂନ୍ୟତା।.....

ହଠାତ୍ ବ୍ରହ୍ମାଙ୍କ ଚତୁଃପାର୍ଶ୍ୱରେ ଯେପରି ତାଙ୍କର ଅସଂଖ୍ୟ ଅନୁଗତ ଭବିଷ୍ୟତ ମାନେ ପ୍ରଶ୍ନ କରିବାରେ ଲାଗିଲେ,' ତାହା ପୂର୍ବରୁ ଏଠାରେ କଣ ଥିଲା ?'

ବେଦପତି ବ୍ରହ୍ମା ବେଦ ରଚୟିତା ମାନଙ୍କୁ ଏହି ପ୍ରଶ୍ନର କୌଣସି ଉତ୍ତର ଦେଇପାରୁ ନଥିଲେ। ସେ କେବଳ ସେହି ସଦ୍‌ର ଅସ୍ତିତ୍ୱ ପର୍ଯ୍ୟନ୍ତ ହିଁ ଯାଇପାରିଥିଲେ।

କ୍ରମେ ସେହି ଶୂନ୍ୟତା ଘନୀଭୂତ ହେବାରେ ଲାଗିଲା। ମହତ୍ ବିକାର( ଶୁଭ ବିକାର)ର ତରଙ୍ଗ ମାନ ସୃଷ୍ଟି ହେଲା। ସେହି ତରଙ୍ଗରୁ ସୃଷ୍ଟି ହେଲା ଆଦି ଓମ୍ କାର ଧ୍ୱନି। ଏହି ଧ୍ୱନି ମଧ୍ୟରେ ଥିଲା ଷୋହଳ ଯୁକ୍ତ ପାଞ୍ଚ,ଏହିପରି ଏକବିଂଶ ଅକ୍ଷର। କେତେକ ଜ୍ଞାନୀଙ୍କ ମତରେ ଓଁ କାର ବତିଶ ଅକ୍ଷର। ସେଥିରୁ ଚବିଶ ଅକ୍ଷର ହେଉଛନ୍ତି ଆଦି ମାତା। ଏହି ଓଁକାର ଧ୍ୱନି ଅତୀବ ଶକ୍ତି ମତୀ ଥିଲା। ଏହିଥିରୁ ହିଁ ସମସ୍ତ ଧ୍ୱନି ଶକ୍ତି ସୃଷ୍ଟି ହୋଇଥିଲା। ସେତେବେଳେ ପଦ୍ମ ରକର୍ଣିକାର୍ ମଧ୍ୟରୁ ପଦେ, ପଦେ ବେଦ ଧ୍ୱନି ଶ୍ରୁତ ହେଉଥିଲା। ଅର୍ଥାତ୍ ପ୍ରଥମ ଋକ ବେଦର ପ୍ରଥମ ପଦ ମାନ ସୃଷ୍ଟି ହେଉଥିଲା।

କ୍ରମେ ତାହା ଘନୀଭୂତ ହୋଇ ପାଞ୍ଚ ତନ୍ମାତ୍ର ବା ପାଞ୍ଚ ଭୂତର ସୃଷ୍ଟି ହେଲା।ସୃଷ୍ଟିହେଲା, ସୂକ୍ଷ୍ମ ରୂପରେ ତାକୁ ଗ୍ରହଣ କରିବାକୁ ଇନ୍ଦ୍ରିୟ। କ୍ରମେ ଆଣୁ ଓ ଅଣୁର ସଂଯୋଗରୁ ଏଥିରୁ ଅଗ୍ନି ଉତ୍ପନ୍ନ ହେଲା ଓ ଏହା ଏକ ବାଷ୍ପୀୟ ସୁବର୍ଣ୍ଣ ଅଣ୍ଡରେ ପରିଣତ ହେଲା ।........

ଆଶ୍ଚର୍ଯ୍ୟ ହେଲେ ବ୍ରହ୍ମା। କାରଣ ଏହି ଅଣ୍ଡ ଗୋଲା କୃତି ନଥିଲା। ଏହା ଠିକ୍ ଏକ ଓମ୍ କାର ଆକୃତିକୁ ଧାରଣ କଲା।ଏହାର ଅଣ୍ଡ ଦୁଇଟି ପୂର୍ବ ମୁଖା ଥିଲା ଓ ଏହାର ପୁଚ୍ଛ ଉତ୍ତର ଦିଗକୁ ଲମ୍ବି ଯାଇଥିଲା।

ପ୍ରାୟ ଚାରି ଶତ ଚଉଦ କୋଟି ବର୍ଷ ପରେ .. । ଏହି ସୁବର୍ଣ୍ଣମୟ ଅଣ୍ଡଟି ଫାଟିବା ଆରମ୍ଭ କଲା ଓ ଏହାର ନାଭି କେନ୍ଦ୍ରରୁ ପ୍ରଜାପତି ନକ୍ଷତ୍ରର ଉତ୍ପନ୍ନ ହେଲା । ଏହି ପ୍ରଜାପତିର ଅର୍ଥ ଥିଲା ସ୍ରଷ୍ଟା, ବୈଜ୍ଞାନିକ, ପ୍ରଜାପାଳକ ବା ସୃଷ୍ଟିର ପ୍ରସାରକ୍।ଏହି ନକ୍ଷତ୍ର ମଧ୍ୟରେ ବିଶ୍ୱ ସୃଷ୍ଟିର ସମସ୍ତ ଉପାଦାନ ସୂକ୍ଷ୍ମ ରୂପରେ ପୂର୍ଣ୍ଣ ହୋଇ ରହିଥିଲା ଏଥିରୁ ଅନ୍ୟାନ୍ୟ ପ୍ରଜାପତି ଗ୍ରହ ମାନଙ୍କର ସୃଷ୍ଟି ହେଲା।

ବର୍ତ୍ତମାନଠାରୁ ପ୍ରାୟ ଚାରିଶହ ଛୟ। ଅଶି କୋଟି ବର୍ଷ ବା ଆଠାଶହ ଚୌଷଠିରୁ ଚାରି ଶହ ବତିଶ କୋଟି ବର୍ଷ ମଧ୍ୟରେ ଏହି ସୃଷ୍ଟି ପୂର୍ଣ୍ଣ ହେଲା। ପ୍ରାୟ ଚାରି ଶହ ଷାଠିଏ କୋଟି ବର୍ଷ ପୂର୍ବେ ଦଶଟି ସୂର୍ଯ୍ୟ, ଚାରିଶହ ଛତିଶରୁ ପଚାଶ କୋଟି ବର୍ଷ ପୂର୍ବେ ପୃଥିବୀ ଓ ଚାରିଶ କୋଟି ବର୍ଷ ପୂର୍ବେ ଚନ୍ଦ୍ର ସୃଷ୍ଟି ହେଲା। କ୍ରମେ ଆକାଶ ଗଙ୍ଗା ଛାୟାପଥ ସୃଷ୍ଟି ହେଲା ଓ ଦଶଟି ସୂର୍ଯ୍ୟ, ସେମାନଙ୍କର ଗ୍ରହ, ଉପଗ୍ରହ ସହ ଏହି ଛାୟାପଥକୁ ପରିକ୍ରମା କରିବାରେ ଲାଗିଲେ ଓ ପରସ୍ପରକୁ ଅତିକ୍ରମ କଲେ। ଧୀରେ, ଧୀରେ ଯୋଗ ନିଦ୍ରାରୁ ଜାଗ୍ରତ ହେବାରେ ଲାଗିଲେ, ସେହି ଅନନ୍ତ ଜୀବନ ବିଷ୍ଣୁ, ଯାହାଙ୍କୁ ବ୍ରହ୍ମାବେଦରେ ଯଜଉ ନାମରେ ନାମିତ କଲେ। ଏହି ଯଯୌ ( ବର୍ଗେଜ୍) ଯାହାଙ୍କ ମଧ୍ୟରେ ତଥାକଥିତ ଜୀବ ଓ ଜଡ଼ ସମସ୍ତ ଉପାଦାନ ମାନ କେବଳ ଅନନ୍ତ ଜୀବନ ଶକ୍ତିରେ ପରିପୂର୍ଣ୍ଣ ଥିଲା। ସେହି ଜଡ଼ରୁ ହିଁ ଜୀବନ ଓ ଜୀବନରୁ ଜଡ଼ର ସୃଷ୍ଟି ହୋଇ ପାରୁଥିଲା ଓ ଏକ ହିଁ ବ୍ରହ୍ମ ସ୍ୱରୂପରେ ବ୍ରହ୍ମା ତାଙ୍କ ନାଭି କେନ୍ଦ୍ରରୁ ଉତ୍ପନ୍ନ ହୋଇଥିଲେ। ଆଉ ସେହି ଉପଲବ୍ଧିର ସମୟଠାରୁ ବ୍ରହ୍ମାଙ୍କଠାରୁ ଉତ୍ପନ୍ନ ହୋଇ ଥିଲା ସନାତନ ବା ଆଦି ସନାତନ ଧର୍ମ। ଅନାଦି ସତ୍ୟ। ଅନାଦି ଶିବ। ଅନାଦି ସୁନ୍ଦର ମ।(ଗୀତାରେ ଭଗବାନ ନିଜକୁ ଅନନ୍ତ ଆତ୍ମା ନୁହେଁ, ଅନନ୍ତ ଜୀବନ ବୋଲି କହି ଛନ୍ତି।) କ୍ରମେ ଏହି ଯଜଉ ଶବ୍ଦରୁ ସୃଷ୍ଟି ହେଲା ଉର୍ଜ୍ଜା। ବା ଅର୍ଜ୍, ଅର୍ଜ୍ଜରୁ ଅଜ ବା ପ୍ରାଣ ଚକ୍ର। ଯାହାକି ଭାରତର ଅନ୍ୟତମ ନାମ ଥିଲା। ଏବଂ ସୃଷ୍ଟି ହେଲେ ଅର୍ଯ୍ୟମ। ନାମକ ସୂର୍ଯ୍ୟ। ଏହା ମଧ ହୋଇପାରେ ଯେ, ବିଷୁବ ରେଖା ଅର ସଦୃଶ, ଯାହାର ଦୁଇ ପାର୍ଶ୍ୱ ରେ ଋତୁ ଓ ଦିବା ରାତ୍ରୀ ଦୁଇଟି ଚକ୍ର ସଦୃଶ ଗତି କରୁଥିଲା। (କ୍ରମଶଃ...)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଗହଣା ନୁହେଁ, ସମ୍ପର୍କର ଧନ ଦରକାର

ସମ୍ପର୍କର ରଙ୍ଗ

## ଶ୍ୱେତା ରାଉତ୍



ଏକ ବିବାହ ଭୋଜିରେ ଅନେକ ସ୍ତ୍ରୀ ଲୋକ ଏକାଠି ବସି ଖାଉଥାନ୍ତି, ଖାଇବା ସହିତ ଗପର ଆସର ଚାଲିଥାଏ।କିଏ ନିଜ ଘର କଥା ତ କିଏ ପିଲାଙ୍କ କଥା, କିଏ ନିଜ ବୋହୂ ବିଷୟରେ କହୁଥାନ୍ତି ତ କିଏ ଘର ମାଲିକ ବା ପଡୋଶୀ କଥା।ସେତିକି ବେଳେ ଆଉ ଜଣେ ମହିଳା ଦାମିକା ପାଟ ପିନ୍ଧି,ଦେହ ସାରା ସୁନାରେ ଛାଉଣୀ ହୋଇ ଲିପଷ୍ଟିକ ଲଗା ଓଠରେ ହସ ଫୁଟେଇ ଗପୁଥିବା ମହିଳାମାନଙ୍କ ସହିତ ଯୋଗ ଦେଲେ।ସମସ୍ତେ ଖାଇବା ଆଉ ଗପିବାରେ ମଜଗୁଲ ଥିବା ବେଳେ ଦୁଇ ଜଣ ସ୍ତ୍ରୀ ଲୋକଙ୍କୁ ମୁଁ ଲକ୍ଷ କରୁଥାଏ,ଗହଣା ପିନ୍ଧି ଆସିଥିବା ସ୍ତ୍ରୀ ଲୋକଟିକୁ ଏକ ଲୟରେ ଚାହିଁଥାନ୍ତି। ତା ମୁହଁକୁ ନୁହେଁ ବରଂ ତା ହାତକୁ, ବେକକୁ, କାନକୁ, ଶାଢ଼ୀକୁ। ସେ ଦୁହେଁ ଏମିତି ମୁହଁ ଶୁଖାଇ ଲୋଭିଲା ଆଖିରେ ଏକ ଲୟରେ ଚାହିଁଥାନ୍ତି, ଯେମିତି ତାଙ୍କ ମନ କହୁଥାଏ, 'କେଡେ ଭାଗ୍ୟବତୀ ସିଏ, ତା ସ୍ୱାମୀ କେତେ ଗହଣା କିଣି ଦେଇଛି। ଆମର ତ ଫଟା କପାଳ, ଏମିଟେସନ ଚେନ୍ କି ମାଳି ପକେଇ ଜୀବନ ଗଲାଣି'।

ସେ ଦୁହେଁ ସ୍ତ୍ରୀ ଲୋକ ଆଉ ଖାଇଲେ ନାହିଁ,କେବଳ ଗହଣା ପିନ୍ଧିଥିବା ସ୍ତ୍ରୀ ଲୋକଙ୍କୁ ଚାହିଁକି ରହିଲେ।ସେ ଦୁହିଁଙ୍କୁ ଅନ୍ୟମାନେ ବି ଦେଖିଲେଣି ଯେ ସେମାନେ କେମିତି ଏକ ଲୟରେ ଚାହିଁ ରହିଛନ୍ତି,କେହି କେହି ହସାହସି ବି ହେଉଥାନ୍ତି।ସେମାନଙ୍କୁ ଦେଖି ମତେ ଭାରି ଅସଂଜତ ଲାଗୁଥାଏ,ନିଜ ବେକରୁ ହାର କାଢି ଭ୍ୟାନିଟିରେ ରଖିଦେଲି, ଭାବିଲି ଅନ୍ୟକୁ ଅସହଜ ହେବା ଭଳି ପରିପାଟୀ ବୋଧହୁଏ ପିନ୍ଧିବା କଥା ନୁହେଁ।ସେ ଦୁଇ ଜଣ ସ୍ତ୍ରୀ ଲୋକଙ୍କ ଭିତରୁ ଜଣେ ତାଙ୍କ ସ୍ୱାମୀଙ୍କୁ ଇଶାରା ଦେଇ ଗୋଟେ କଡ଼କୁ ଡାକି ନେଲେ -

ଦେଖୁଛ ତ ସେପଟେ ଟିକେ ଦେଖ, ତା ସ୍ୱାମୀ କେତେ ଗହଣା କିଣି ଦେଇଛି, ଦେହ ମୁଣ୍ଡ ଛାଇ ହୋଇ ରହିଛି ! ତା ଶାଢୀକୁ ଦେଖ, ପାଟ ଶାଢ଼ୀ ପିନ୍ଧିଛି,ତମେ ତ ଗହଣା କଥା ଛାଡ,ଭଲ ଲୁଗା ଖଣ୍ଡେ ବି ଆଜିଯାଏ କିଣିଲନି।ମୋର ପୋଡ଼ା କପାଳ ଏଭଳିଆ ଜୀବନ ପାଇଛି।' ରାଗରେ ତମ ତମ ହୋଇ ଗୁଡ଼ାଏ କଥା ସ୍ତ୍ରୀ ଲୋକଟି ତାଙ୍କ ସ୍ୱାମୀଙ୍କୁ କହିଗଲେ।ସ୍ୱାମୀ ବି ସ୍ଥାନ କାଳ ନଦେଖି ବଡ ପାଟିରେ ସ୍ତ୍ରୀକୁ ଗାଳି ଦେଉଥିଲେ।ଏସବୁ ଦେଖି ଭାରି ଖରାପ ଲାଗୁଥିଲା।ସେମାନଙ୍କ କଳି ଦେଖି ଭାବୁଥିଲି ' କି ବିଚିତ୍ର କଥା ! ଯେ ପର୍ଯ୍ୟନ୍ତ ସ୍ତ୍ରୀ ଲୋକଟି ଅନ୍ୟ ଜଣଙ୍କୁ ଏତେ ଗହଣା ପିନ୍ଧିବାର ଦେଖିନଥିଲେ, ହସି ହସି ଭୋଜିର ମଜା ନେଉଥିଲେ, ଯେମିତି ଦେଖିଦେଲେ ତା ପରେ ନିଜକୁ ଦୁଃଖୀ ମନେ କରି ସ୍ୱାମୀ ଉପରେ ଆକ୍ରୋଶ କରିବାକୁ ଲାଗିଲେ।ବାସ୍ତବରେ ମଣିଷକୁ କଣ ଆବଶ୍ୟକ ? ଗୋଟେ ଭଲ ସମ୍ପର୍କ ନା ଦାମୀ ଗହଣା ବା ଧନୀ ଜୀବନ ?

ଗୁଡ଼ାଏ ପ୍ରଶ୍ନ ମନ ଭିତରେ ଚାଲୁଥାଏ।ଯିଏ ଧନୀ, ଯାହା ପାଖରେ ବହୁତ ଗହଣା ଅଛି,ସେ ଏମିତି ଛାଇ ହୋଇ ଭୋଜିକୁ ଯିବା କଣ ନିହାତି ଦରକାର ? ସେ କାହାକୁ ଦେଖେଇବାକୁ ଓ କାହିଁକି ଦେଖେଇବାକୁ ଏମିତି ପିନ୍ଧିଥାନ୍ତି ?ଯାହାଦ୍ୱାରା ଅନ୍ୟମାନେ ନିଜକୁ ଅଭାଗୀ ମନେ କରନ୍ତି।କାହାକୁ ନିଜେ ଧନୀ ବୋଲି ଓ ଅନ୍ୟକୁ ଗରିବ ଦେଖେଇ ହେଲେ କଣ ମାନବିକତା ବଢିଯାଏ ନା ଆତ୍ମାକୁ ଶାନ୍ତି ମିଳେ ?

ଯେଉଁ ସ୍ତ୍ରୀ ଲୋକଟି ତାଙ୍କ ସ୍ୱାମୀ ସହ କଳି କରୁଥିଲେ,ସେ ବି ଅନ୍ୟର ଶାଢ଼ୀ ଗହଣା ଶୃଙ୍ଗାର ଦେଖି ଏମିତି କାହିଁକି ବିଚଳିତ ହୋଇଗଲେ ? 'ଯାହାର ଅଛି ସେ ପିନ୍ଧୁ, ମୋର ଯେତିକି ଅଛି, ସେଥିରେ ମୁଁ ଖୁସି ରହିବା ଉଚିତ୍।କାହା ପାଖରେ ଧନ ଥିଲେ, ମୋ ପାଖରେ ସଂସ୍କାର ଅଛି, ମାନବିକତା ଅଛି, ସମ୍ମାନ ଅଛି'ଏମିତି ବି ସେ ଭାବି ପାରିଥାନ୍ତେ !

ଏ ପ୍ରଶ୍ନ ସବୁ ମୋତେ ବିଚଳିତ କରୁଥାଏ।ତେବେ ମୁଁ ତ ପ୍ରଥମରୁ ବେକରୁ ହାର ଖୋଲି ରଖି ଦେଇଥିଲି ଏବଂ ଭାବିଲି ଅନ୍ୟକୁ ଅସହଜ ଲାଗିବା ଭଳି ବହୁତ ଗୁଡ଼ାଏ ଗହଣା ନପିନ୍ଧିବା ଉଚିତ୍। ଆବଶ୍ୟକ ଅନୁଯାୟୀ ଅଳ୍ପ କିଛି ଆଭୂଷଣ ପରିଧାନ କରିବାରେ କିଛି ଅସୁବିଧା ନାହିଁ।ସୌନ୍ଦର୍ଯ୍ୟ ସୁନା ଗହଣାରେ ନୁହେଁ,ମଧୁର ବ୍ୟବହାରରେ ଅଧିକ ଉଜ୍ଜ୍ୱଳ ଦେଖାଯାଏ।

ମହିଳାମାନଙ୍କର ଗହଣା ପ୍ରତି କୋଉଠି ନା କୋଉଠି ଗୋଟେ ଦୁର୍ବଳତା ଥାଏ, ହେଲେ ବାସ୍ତବ ଗହଣା ତ ଆମ ସଂପର୍କମାନେ। ଆମେ ସମ୍ପର୍କର ମାଳ ପରିଧାନ କଲେ ଯେତେ ସୁନ୍ଦର ଦିଶିବା, ସୁନା ଗହଣାରେ ଦିଶିବା ନାହିଁ। ଆମ ସଂପର୍କ ଆମର ଶ୍ରେଷ୍ଠ ସମ୍ପତ୍ତି। ଚାଲନ୍ତୁ ସମ୍ପର୍କର ଧନରେ ଧନୀ ହେବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆଜିର କବିତା

## ଅଳସୀ ପକ୍ଷୀର ଗୀତ

### କବିତା ପଣ୍ଡା

ତୁ ଯଦି ମୋର ଋଷି ହଜିଯିବୁ
କିଏ ସାହା ହେବ ମୋତେ ।

ତୋହରି ଆଖି ରେ ଦୁନିଆଁ ଦେଖିବି
ଭରଷା କରିଛି କେତେ-----

କନିଆଁ ସାଜିଛି ତୋହରି ମନରେ
ସପନ ଦେଖିଛି ସତେ।

ତୋ ହାତ ଧରି ଚାଲୁଥିବି ବାଟ
ସାଥି କରି ମୁଜେ ତତେ ।

ଛାତି ଭିଜେଇବି ତୋ ପ୍ରେମ ବର୍ଷାରେ
ବାନ୍ଧିଛି ଆଶା ମୁଁ ଯେତେ ------

ଓଠ ଥାପି ଦେଇ ଓଠ ପରେ ମୁଁଜେ
ଗେହ୍ଲା ହେଉଥିବି କେତେ ପପପପ

ବସି ଗାଉଥିବି ତୋ ଦେହ ଡାଳରେ
ପ୍ରେମର ଗଜଲ ଯେତେ ।

ନିତି ଉଠୁଥିବି ତୋହରି ଆକାଶେ
ଅଳସୀ ପକ୍ଷୀଟେ ସତେ ।

+ମଙ୍ଗଳପୁର, ସୋର, ବାଲେଶ୍ୱର
ମୋ: ୭୭୩୫୭୭୬୩୪୨

# ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଟେବୁଲ୍ ଟପ୍ ଏକସରସାଇଜ ଅନୁଷ୍ଠିତ

ପୁରୀ, ୧୨/୦୭ (ନି.ପ୍ର): ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପୁରୀ ଜିଲ୍ଲାରେ ଆଜି ଟେବୁଲ୍ ଟପ୍ ଏକ୍‌ସରସାଇଜ ଅନୁଷ୍ଠିତ ହୋଇଥିଲା । ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିବା ସହ ବିବିଧ ବିପର୍ଯ୍ୟୟ ର ମୁକାବିଲା ପାଇଁ ବିପର୍ଯ୍ୟୟର ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷ କରି ପୂର୍ବ ଅଭିଜ୍ଞତା ଓ ଅନୁଭବରୁ ବିପର୍ଯ୍ୟୟ ର ମୁକାବିଲା ଏହା ସହ ଜଡିତ ପ୍ରତ୍ୟେକ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଓସଡାମାର ଜିଏମ ସୁନିତା ଜେନା, ଏଡିଏମଓ ଡା. ବିରଜା ଶଙ୍କର ରଥ ବିପର୍ଯ୍ୟୟର କାରଣ, ନିରାକରଣ, ପ୍ରସ୍ତୁତି, ବିଭାଗ ଅନୁସାରେ ଆକ୍ସନ ପ୍ଲାନ୍ ସମ୍ପର୍କ ରେ ବିଷଦ ଆଲୋଚନା କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇ ସେମାନଙ୍କ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଏକ୍‌ସରସାଇଜ ଆଜି ଜିଲ୍ଲା ସଦର ମହକୁମା, ସମସ୍ତ ବ୍ଲକ୍ ଓ ସହରାଚଂଳ ମାନଙ୍କରେ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା କାଲି ସମସ୍ତ ୧୭୯ ଗୋଟି ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଓ୍ୱାଟକୋ ର ଜିଏମ ଭବାନୀ ଶଙ୍କର ମହାନ୍ତି, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଓଡ୍ରାଫ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ପ୍ରତ୍ୟେକ ଶିଶୁ ନିକଟରେ କିଛି ନା କିଛି ଅନ୍ତର୍ନିହିତ ପ୍ରତିଭା ଏବଂ ଦକ୍ଷତା ଲୁଚି ରହିଛି । ପିଲାମାନଙ୍କ ମଧ୍ୟରେ ଥିବା ଏହି ଲୁକ୍କାୟିତ ପ୍ରତିଭାର ସମୁଚିତ ବିକାଶ ହେବା ଜରୁରୀ । ଏହା ଦ୍ୱାରା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ । ଅନାବିଷ୍କୃତ ପ୍ରତିଭାର ପରିପ୍ରକାଶ କ୍ଷେତ୍ରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ଭୂମିକା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ମତବ୍ୟକ୍ତ କରିଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ ଓ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା-୨୦୨୨ର ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଗୃହ ଅର୍ଥନୀତି ତାଲିମ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ଆଜିର ଏହି ଉତ୍ସବରେ ପୁରସ୍କୃତ ପ୍ରତିଯୋଗୀମାନଙ୍କ ମଧ୍ୟରୁ କିଛି ପ୍ରତିଭା ଭବିଷ୍ୟତରେ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ହୋଇ ବାହାରିବେ ଏବଂ ଆମ ରାଜ୍ୟ ପାଇଁ ଗୌରବ ଆଣିବେ । କିନ୍ତୁ ପ୍ରତିଟି ପ୍ରତିଯୋଗୀ ଆମ ପାଇଁ ଅନନ୍ୟ ଓ ସ୍ୱତନ୍ତ୍ର ବୋଲି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ମତପ୍ରକାଶ କରିଥିଲେ । ଏହା ପରେ ସେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୧୯ ଜଣ ବିଜେତାଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ଏବଂ ୪୬ ଜଣଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ବାର୍ଷିକ ବିବରଣୀ ୨୦୨୧-୨୨ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ସମ୍ମାନିତ ଅତିଥି ଭାବେ ଆଇସିଡିଏସ୍ ଓ ସମାଜ କଲ୍ୟାଣ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ କର, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା ଶ୍ରୀମତୀ କସ୍ତୁରୀ ମହାପାତ୍ର, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ମିନତୀ ବେହେରା, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ଶ୍ରୀମତୀ ସୁମିତ୍ରା ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ ।

ପ୍ରକାଶଯୋଗ୍ୟ ଯେ, ରାଜ୍ୟର ୩୦ଟି ଜିଲ୍ଲାରେ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସାଧାରଣ ବର୍ଗର ପିଲାମାନେ ତିନୋଟି ଦଳରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଦିବ୍ୟାଙ୍ଗ ପିଲାମାନେ ଦୁଇଟି ଦଳରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେମାନଙ୍କୁ ପୁଣି ତିନୋଟି ସବ୍ ଗ୍ରୁପ୍ ରେ ବିଭକ୍ତ କରାଯାଇଥିଲା । ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ତିନୋଟି ସର୍ବୋତ୍କୃଷ୍ଟ ଚିତ୍ରାଙ୍କନ ରାଜ୍ୟ ଶିଶୁ କଲ୍ୟାଣ ପରିଷଦକୁ ଆସିଥିଲା । ପ୍ରତ୍ୟେକ ଗ୍ରୁପ୍ ରେ ସର୍ବୋତ୍କୃଷ୍ଟ ଚିତ୍ରାଙ୍କନକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା ।

## ବାଇକ୍ ସ୍କୁଟି ମୁହାଁ ମୁହିଁ ଧକ୍କା: ତିନି ଆହତ

କୋରାଇ, ୧୨/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ବିଦ୍ୟୁତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବାଇକ ଓ ସ୍କୁଟି ମଧ୍ୟରେ ଧକ୍କା ହେବା ଫଳରେ ତିନି ଜଣ ଆହତ ହେଇଛନ୍ତି । ମିଳିଥିବା ସୁଚନାନୁସାରେ କରଦା ଗ୍ରାମର ଦୁଇ ଯୁବକ ଏକ ପଲସର ବାଇକ(ଓଡ଼ି୦୪ ଟି ୩୦୬୮) ଯୋଗେ ସଂଯୋଗୀକରଣ ରାସ୍ତାରେ ପାଣିକୋଇଲି ଆଡ଼କୁ ଯାଉଥିବାବେଳେ ମେନ ରୋଡ଼ରେ ଏକ ସ୍କୁଟି(ଓଡ଼ି୦୪ ଏ ୬୩୦୩)ରେ ଏକ ପରିବାର ମିର୍ଜାପୁରରୁ ବୈତରଣୀରୋଡ଼କୁ ଯାଉଥିଲେ । ତେବେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ରାସ୍ତାର ମିଶ୍ରଣସ୍ଥଳୀରେ ଉଭୟଙ୍କ ମଧ୍ୟରେ ଧକ୍କା ଲାଗିଥିଲା । ଫଳରେ ସ୍କୁଟିରେ ଥିବା ଦୁଇ ଶିଶୁଙ୍କ ସମେତ ବାଇକରେ ଥିବା ଜଣେ ଯୁବକ ଆହତ ହୋଇଥିଲେ । ଖବର ପାଇ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମେଘନାଦ ଜେନା ଓ ଜନ୍ମେଂଜୟ ବିଶ୍ୱାଳ ଘଟଣାସ୍ଥଳରେ ପହଂଚି ସମସ୍ତ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ।

# ଶିଳ୍ପାଞ୍ଚଳରେ ଅପହଞ୍ଚ ଇଲାକାର ଚିତ୍ର ଖାଲଖମା ଭର୍ତ୍ତି ରାସ୍ତା, ଜଳୁନି ଷ୍ଟ୍ରିଟ୍ ଲାଇଟ୍

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ରାଜଧାନୀର ଦୁଇ ପୁରୁଣା ତଥା ପ୍ରମୁଖ ଶିଳ୍ପାଞ୍ଚଳ ମଞ୍ଚେଶ୍ୱର ଓ ରସୁଲଗଡ଼ ପ୍ରତି ସରକାର ବିମୁଖ । ରାଜ୍ୟରେ ଶିଳ୍ପର ବିକାଶ କରାଯାଉଛି ବୋଲି ସରକାର ଡିଣ୍ଡିମ ପିଟୁଥିବା ବେଳେ ଏ ଦୁଇ ଅଞ୍ଚଳ ପ୍ରତି ସତେଯେମିତି ଆଖି ବୁଜି ଦେଇଛନ୍ତି । ଅଞ୍ଚଳର ବିଷମ ସ୍ଥିତି ପାଇଁ ସାଧାରଣରେ ଏପରି ଅଭିଯୋଗ ଉଠୁଛି । ଏ ଦୁଇ ଶିଳ୍ପାଞ୍ଚଳରେ ମୌଳିକ ସୁବିଧା ଭୁଶୁଡ଼ି ପଡ଼ିଛି । ବର୍ଷ ବର୍ଷ ଧରି ରାସ୍ତା ଖାଲଖମାରେ ଭର୍ତ୍ତି । ଏହାର ମରାମତି କି ନିୟମିତ ରକ୍ଷଣାବେକ୍ଷଣା କରାଯାଉନାହିଁ । ଅଧାରୁ ଅଧିକ ସ୍ଥାନରେ ରାତିରେ ଲାଇଟ୍ ମଧ୍ୟ ଜଳୁନି ।



ପିଇବା ପାଣି କେତେବେଳେ ଅହରହ ଆସୁଛି ତ ବେଳେବେଳେ ଆଦୌ ଆସୁନି । ଏଭଳି ସାଂଘାତିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଶିଳ୍ପାଞ୍ଚଳରେ ବ୍ୟାବସାୟିକ ପ୍ରତିଷ୍ଠାନ ଛିଡ଼ା କରିଥିବା ହଜାର ହଜାର ବ୍ୟବସାୟୀ । ଇଡ୍‌କୋଠାରୁ ଜାଗା ନେଇଥିବାରୁ କେହି ମୁହଁ ଖୋଲି ଅଭିଯୋଗ କରିପାରୁନାହାନ୍ତି, ହେଲେ ଭିତରେ ଅସନ୍ତୋଷର ନିଆଁ କୁହୁଳୁଛି ।

ସୂଚନା ଅନୁସାରେ, ପ୍ରାୟ ୭ ଶହ ଏକର ଜାଗାରେ ଛିଡ଼ା ହୋଇଥିବା ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ଶିଳ୍ପ ସଂସ୍ଥା କାର୍ଯ୍ୟକ୍ଷମ ଅଛି । ତା' ସାଙ୍ଗକୁ ବିଭିନ୍ନ ସରକାରୀ ଅଫିସ୍ ଓ ଗୋଦାମ ମଧ୍ୟ ରହିଛି । ହେଲେ ରସୁଲଗଡ଼ରୁ ଏସ୍.କେ ଛକ ରାସ୍ତା ହେଉ କି ରସୁଲଗଡ଼ରୁ ମଞ୍ଚେଶ୍ୱର ରେଳ ଷ୍ଟେସନ୍ ରାସ୍ତା; କୌଣସି ଗୋଟିଏ ରାସ୍ତାର ଅବସ୍ଥା ଭଲ ନାହିଁ । ସବୁ ରାସ୍ତାରୁ ପିଚୁ ଉଠିଯାଇଛି । ଠାଏଠାଏ ଏମିତି ଖାଲ ସବୁ ହେଇଛି, ଅଦିନିଆ ଲୋକ ସେଥିରେ ପଡ଼ି ଜୀବନ ଯିବା ନିଶ୍ଚିତ । ସେହିଭଳି ଶିଳ୍ପାଞ୍ଚଳକୁ ସଂଯୋଗୀକରଣ କରୁଥିବା ରାସ୍ତା କଥା ନ କହିବା ଭଲ । ଏଆରଏସ୍ଏସ୍ ପାଖରୁ ଗାଲାକ୍ସି ଅଫିସ୍-ଜ୍ୟୋତି ମୋଟର୍ସ ରାସ୍ତାରେ ଆଣ୍ଠୁଏ ଉଚ୍ଚର ଖାଲ । ବର୍ଷା ହେଲେ ଏଠି ବାଇକ୍ ଅଧା ପର୍ଯ୍ୟନ୍ତ ବୁଡ଼ି ଯାଉଛି । ଦୀର୍ଘ ଦିନ ଧରି ଏ ସମସ୍ୟା ଲାଗି ରହିଥିଲେ ହେଁ ଇଡ୍‌କୋ ଏଥିପ୍ରତି ନଜର ଦେଉନି କି ସରକାର ବି ଏହାକୁ ତଦାରଖ କରୁନାହାନ୍ତି । ଫଳରେ ଶିଳ୍ପାଞ୍ଚଳ ରାସ୍ତା କୌଣସି ଅପହଞ୍ଚ ଇଲାକାଠାରୁ ଆହୁରି କଦର୍ଯ୍ୟ ହୋଇପଡ଼ିଛି । ଆଲୋକୀକରଣ ବ୍ୟବସ୍ଥା ବି ତଦ୍ରୂପ । ସଞ୍ଜ ବୁଡ଼ିଲେ ଅଧା ଅଞ୍ଚଳ ଅନ୍ଧାର । କାଁଭାଁ କେଉଁଠି ଆଲୁଅ ଜଳୁଛି । ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲେ ହେଁ ସେଥିରୁ ଅଧିକାଂଶ ଖରାପ ହୋଇଗଲାଣି । କିନ୍ତୁ ତାକୁ ସଜଡ଼ା ଯାଉନି । ଜଳଯୋଗାଣକୁ ନେଇ ମଧ୍ୟ ସ୍ଥିତି ଅନୁକୂଳ ନୁହେଁ । ଶିଳ୍ପସଂସ୍ଥା ପକ୍ଷରୁ ବୋରିଂ କରାଯାଇଥିବାରୁ ବୋଲି ଯେନତେନ ପ୍ରକାରେ ଚଳି ଯାଉଛି । ନହେଲେ ପିଇବାକୁ ବି ପାଣି ଟିକେ ମିଳନ୍ତାନି ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି ।

ରସୁଲଗଡ଼ ଶିଳ୍ପାଞ୍ଚଳରେ ବି ସମଦଶା । କେଉଁଠି ପିଚୁ ରାସ୍ତା, ତାହା ଜାଣିବା ମୁସ୍କିଲ୍ । ପ୍ରତି କୋଡ଼ିଏ ମିଟରରେ ଦଶ ମିଟର ଖାଲ । ଚାଲିଚାଲି ଗଲେ ବି ଜଣେ ଝୁଣ୍ଟି ପଡ଼ି ଖଣ୍ଡିଆଖାବରା ହେବ । ବାଇକ୍ ଓ କାର ଟିକିଏ ଏପଟସେପଟ ହେଲେ ଦୁର୍ଘଟଣା ହେବା ଥୟ । ଡ୍ରେନ୍ ବ୍ୟବସ୍ଥା ବି ବିପର୍ଯ୍ୟସ୍ତ । ମୌସୁମୀ ପୂର୍ବରୁ ରାଜଧାନୀ ସାରା ଚାରିଆଡ଼େ ଡ୍ରେନ୍ ସଫା ହେଉଥିବା ବେଳେ ଏହି ଶିଳ୍ପାଞ୍ଚଳ ଡ୍ରେନ୍ କେବେ ସଫା ହେଉନି କି ମରାମତି ବି ହେଉନି । ଏବର୍ଷ ବି ଏହି ଡ୍ରେନ୍‌ଗୁଡ଼ିକୁ କେହି ଆଡ଼ ଆଖିରେ ଚାହିଁନାହାନ୍ତି । ବର୍ଷ ବର୍ଷ ଧରି ଶିଳ୍ପାଞ୍ଚଳରେ ଏଭଳି ସମସ୍ୟା ଲାଗି ରହିଥିଲେ ହେଁ ଇଡ୍‌କୋ ଏଥିପ୍ରତି ଦୃଷ୍ଟି ଦେଉନାହିଁ । ଏ ସଂପର୍କରେ ଇଡ୍‌କୋ ଅଧିକାରୀଙ୍କ ସହ ଯୋଗଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା ।

# ବଲାଙ୍ଗୀର ଜିଲ୍ଲା କୈବର୍ତ୍ତ ସମାଜର ସାଧାରଣ ସଭା

ବଲାଙ୍ଗୀର, ୧୨/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା କୈବର୍ତ ସମାଜର ଉନ୍ନତିକରଣ, ସୁଦୃଢ଼ିକରଣ ଓ ଶୃଙ୍ଖଳିତ କରି ଗଢି ତୋଳିବା ପାଇଁ ସ୍ଥାନୀୟ ଯାଦବ ଭବନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ଅଶ୍ୱିନୀ ବାସେଳୀ ସମଲେଶ୍ୱରୀଙ୍କୁ ପୂଜା ଅର୍ଚ୍ଚନା କରି ସଭା ଆରମ୍ଭ ହେଇଥିଲା । ଜିଲ୍ଲା ସଭାପତି କଂସାରୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନିଖିଳ ଓଡିଶା କୈବର୍ତ ମହାସଭାର ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଯୋଗ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ବେହେରା ସଂଗଠନକୁ ମଜବୁତ୍ କରିବା ଓ ସାମାଜିକ ସଂସ୍କାର ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ କେତେକ ସମାଜ ଆମକୁ ତଫସିଲଭୁକ୍ତି ଜାତି ତାଲିକାରୁ ବାଦ୍ କରିବାକୁ ଚେଷ୍ଟା କରୁଛନ୍ତି । ଏଥିପାଇଁ ଆପଣମାନେ ସଜାଗ ରୁହନ୍ତୁ ବୋଲି କହିଥିଲେ । ସାଧାରଣ ସଂପାଦକ ପଂଚାନନ ସେଠ ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ସମାଜ ଭାଇ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ପାଟଣାଗଡ ସବ୍ ଡିଭିଜନ ଉପ-ସଭାପତି ହଳଧର ସେଠ, ବଲାଙ୍ଗିର ସବ୍ ଡିଭିଜନ ଉପ-ସଭାପତି ପଦ୍ମାବତୀ ବାରିକ, ସଇଁତଲାରୁ ଜଗନ୍ନାଥ ବୁଡେକ, ପୁଇଁନ୍ତଲାରୁ ନିଳକଣ୍ଠ ଭୁକ୍ତା, ଇଶ୍ୱର ପାଣ୍ଡେ ଓ ମନୁ ପାଣ୍ଡେ ବଲାଙ୍ଗିର ରୁ ବାସୁଦେବ ସା ଓ ମୋତି ନାଏକ, ଦେଓଗାଁରୁ ଭୋଳାଶଙ୍କର ପତ୍ରିମାଳୀ, ପର୍ଶୁରାମ ସେଠ, ପ୍ରକାଶ ସେଠ୍ ଓ ଦିନବନ୍ଧୁ ବିଶି, ମୁରିବାହାଲରୁ ପଦ୍ମଚରଣ ନାଏକ ଓ ଥବୀର ସା, ବେଲପଡାରୁ ହରେକୃଷ୍ଣ ନାଏକ ଓ ରଜନୀକାନ୍ତ ନାଏକ, ପାଟଣାଗଡରୁ ତ୍ରିଲୋଚନ ମାଝୀ ଓ ଲକ୍ଷ୍ମୀଧର ବାରିକ, ଖପ୍ରାଖୋଲରୁ ବୁଦ୍ଧବନ୍ଧୁ ନାଏକ ଓ ପଚ୍ଚାରୀ ନାଏକ, ଟିଟିଲାଗଡରୁ ଲାଲୁ ନାଏକ, ପର୍ଶୁରାମ ନାଏକ ଓ ପାର୍ଥବ ଭୋକ୍ତା, ତୁରେଇକେଲାରୁ ମଧୁସୁଦନ ନାଏକ ଓ ବାଲ୍ମିକୀ ମହାଲିଙ୍ଗ, ଆଗଲପୁର ରୁ ପୁରନ୍ଦର ବେହେର, ଲୁଥୁ ଦଲେଇ, ହିମାଂସୁ ସେଠ୍, ସୁଜିତ ବାଗ, ମଦନ ସେଠ୍ ଏବଂ ବରିଷ୍ଠ ଉପଦେଷ୍ଟା ଲକ୍ଷପତି ସେଠ୍‌ଙ୍କ ସମେତ ପ୍ରତ୍ୟେକ ବ୍ଲକରୁ ଅନେକ କର୍ମକର୍ତା ଯୋଗଦାନ କରିବା ସଙ୍ଗେ ସଙ୍ଗେ ଶତାଧିକ ଜାତିଭାଇ ଯୋଗଦାନ କରିଥିଲେ । ରାଜୁ ନାଏକ ଓ ଶ୍ରଦ୍ଧାକର ନାଏକ ପୂଜାର କାର୍ଯ୍ୟରେ ସହଯୋଗ କରିଥିଲେ ।

# ଅଟୋ-ସ୍କର୍ପିଓ ଧକ୍କା ମାମଲା: ୧ ମୃତ, ଚାଳକ ଅଦାଲତ ଚାଲାଣ

କୋରାଇ, ୧୨/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଯାଜପୁର ରାସ୍ତାର ମୂଳାପାଳ ଛକ ନିକଟରେ ସୋମବାର ଏକ ଅଟୋକୁ ସ୍କରପିଓ ଧକ୍କା ଦେଇଥିଲା । ଫଳରେ ଆହତ ୪ ଜଣ ମଧ୍ୟରୁ ଜଣେ ମହିଳାଙ୍କ ମୃତ୍ୟୁ ହେବା ସହ ପୁଲିସ ସ୍କରପିଓ ଚାଳକକୁ ଅଦାଲତ ଚାଲାଣ କରିଛି । ଆହତ ୪ଜଣ ମଧ୍ୟରୁ ଯାଜପୁର ଟାଉନର ସ୍ୱପ୍ନାରାଣୀ ରାୟ (୪୯)ଙ୍କର ମୃତ୍ୟୁ ହୋଇଥିବାବେଳେ ଆହତ ରାଜେନ୍ଦ୍ର ପ୍ରସାଦ ରାୟ (୫୨) ଓ ସିମରନ ରାୟ(୨୨) କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଜ୍ଞାନରଂଜନ ରାୟ(୨୦) ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏନେଇ ପୁଲିସ ଏକ ମାମଲା ୧୭୨/୨୩ ରୁଜୁ କରି ସ୍କରିପିଓ ଚାଳକ କୁଆଖିଆ ଥାନା ଅନ୍ତର୍ଗତ ଜାବରା ଗ୍ରାମର ରବିନ୍ଦ୍ର କୁମାର ନାୟକଙ୍କ ପୁଅ ଲକ୍ଷ୍ମଣ ନାୟକ(୩୬)କୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ଯାଜପୁରରୋଡ ରେଲୱେ ଷ୍ଟେସନକୁ ଅଟୋରେ (ଓଡ଼ି୩୪ କେ ୨୬୩୯) ଆସୁଥିବା ଏକ ପରିବାରକୁ ମୂଳାପାଳ ଛକ ନିକଟରେ ପଛରୁ ଏକ ଦ୍ରୁତଗାମୀ ସ୍କର୍ପିଓ(ଓଡ଼ି୩୪ କେ ୧୫୧୫) ପିଟିବା ଦ୍ୱାରା ଅଟୋଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯିବା ସହ ଅଟୋଟି ଓଲଟି ପଡିଥିଲା । ଫଳରେ ଅଟୋରେ ଥିବା ଚାରି ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ଗୁରୁତର ଥିଲେ । ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚି ଆହତମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଗାଡ଼ି ଦୁଇଟିକୁ ଜବତ କରିଥିଲା ।

# ୫-ଟିରେ ତୋରଡା ଉଚ୍ଚ ବିଦ୍ୟାଳୟ ସାମିଲ : ଭିତ୍ତିପ୍ରସ୍ତର ସ୍ଥାପନ କଲେ ବରୀ ବିଧାୟିକା

ଧର୍ମଶାଳା, ୧୨/୦୭ (ନି.ପ୍ର): ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ୫-ଟି ମାଧ୍ୟମରେ ବିଦ୍ୟାଳୟମାନଙ୍କର ଉନ୍ନତିରେ ସହାୟକ ହୋଇଛି । ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ଅର୍ଥଙ୍ଗା ପଂଚାୟତସ୍ଥ ତୋରଡ ଉଚ୍ଚ ବିଦ୍ୟାଳୟ ୪ର୍ଥ ପାର୍ଯ୍ୟାୟରେ ରୂପାନ୍ତରିକରଣରେ ସାମିଲ ହୋଇଛି । ଅବିଭାବକ,ପଂଚାୟତବାସୀ ,ବ୍ଲକ ପ୍ରଶାସନ ଓ ସ୍ଥାନୀୟ ନେତୃମଣ୍ଡଳୀ ଏନେଇ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ଉଦ୍ୟମରେ ଏହି ବିଦ୍ୟାଳୟ ସାମିଲ ହୋଇଥିବାରୁ ବିଦ୍ୟାଳୟର ଉନ୍ନତି ସହ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରରେ ବେଶ ଉପଯୋଗୀ ହୋଇପାରିବ । ଆଜି ବିଦ୍ୟାଳୟ ପରିସରରେ ଭିତିପ୍ରସ୍ତରସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ଭିତିପ୍ରସ୍ତର ସ୍ଥାପନ କରିଥିଲେ ।

## ପଲିଥିନ ଉପରେ ସଚେତନ କାର୍ଯ୍ୟକ୍ରମ

ଜୟପୁର, ୧୨/୦୭ (ନି.ପ୍ର): ଜୟପୁର ସହରକୁ ପଲିଥିନ ମୁକ୍ତ କରିବା ପାଇ ଏକ ସେଚତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ପୌରପାଳିକାରେ ଏହି ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସଚେତନ କରିଥିଲେ । ୧୨୦ ମାଇକ୍ରନରୁ ଅଧିକ ବିକ୍ରି କରିବାକୁ ପରାମର୍ଶ ଦିଆଯାଇଥିଲା । ୧୨୦ ମାଇକ୍ରନରୁ କମ ପଲିଥିନ ବ୍ୟବହାର କଲେ କଣ କଣ କ୍ଷତି ହୁଏ ଓ ପରିବେଶ ନଷ୍ଟ ହୁଏ ସେ ଉପରେ ସଚେତନ କରାଯାଇଥିଲା । ଜୟପୁର ସହରର ୧୫ ଜଣ ଡିଲର ଏହି ସଚେତନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଆମ ପୋଖରୀ ଯୋଜନାରେ ବଲାଙ୍ଗୀରରେ ପୋଖରୀଗୁଡ଼ିକର ଡ୍ରୋନ ସର୍ଭେ କାମ ଆରମ୍ଭ

ବଲାଙ୍ଗୀର, ୧୨/୦୭ (ନି.ପ୍ର): ଆମ ପୋଖରୀ ଯୋଜନାରେ ଏବେ ଚମକିବ ବଲାଙ୍ଗୀର ସହରର ସବୁ ବନ୍ଧ । ଏହି ଯୋଜନାରେ ପ୍ରତ୍ୟେକ ବନ୍ଧର ପୁନଃ ଉଦ୍ଧାର କାର୍ଯ୍ୟ କରାଯିବା ସହ ବନ୍ଧର ସୌନ୍ଦର୍ଯ୍ୟକରଣ କରାଯିବ । ଆଜି ଅପରାହ୍ନରେ ସହରର ଗେଟ୍ ସରୋବର ବନ୍ଧ ଆଡ଼ିରେ ଡ୍ରୋନ୍ ସର୍ଭେର ଶୁଭାରମ୍ଭ କରିଛନ୍ତି ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂହଦେଓ ମଧ୍ୟ ଯୋଗଦାନ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ସହରର ୧୭ ଗୋଟି ପୋଖରୀକୁ ଆମ ପୋଖରୀ ଯୋଜନାରେ ସାମିଲ୍ କରିଛନ୍ତି । ଏହା ବଲାଙ୍ଗିରବାସୀଙ୍କ ପାଇଁ ଖୁସିର ବିଷୟ । ଦୀର୍ଘ ୧୦ ବର୍ଷ ହେଲା ସହରର ବନ୍ଧଗୁଡ଼ିକ ପଡ଼ି ରହିଥିଲା, କୌଣସି କାମ ହୋଇନଥିଲା । କିନ୍ତୁ ଏଣୁ ଏଣିକି ଆଉ ବନ୍ଧର ସମସ୍ୟା ରହିବ ନାହିଁ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଡ୍ରୋନ୍ ସର୍ଭେର ଶୁଭାରମ୍ଭ କରି ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହ ବଲାଙ୍ଗିର ପୌର ପରିଷଦ ଅଧୀନରେ ରହିଥିବା ୧୭ଟି ବନ୍ଧର ଏବେ ପୁନଃଉଦ୍ଧାର ତଥା ସୌନ୍ଦର୍ଯ୍ୟକରଣ କାମ ହେବ ଓ ଏଥିପାଇଁ ଆଜି ୧୦ ନଂ.ଓ୍ୱାର୍ଡ ଓ ୧୩ ନଂ.ଓ୍ୱାର୍ଡରେ ରହିଥିବା ଗେଟ୍ ସରୋବର ବନ୍ଧ ଆଡ଼ିରେ ଡ୍ରୋନ୍ ସର୍ଭେ ଆରମ୍ଭ ହୋଇଛି ବୋଲି ମତ ରଖିଥିଲେ । ତେବେ ଆମ ପୋଖରୀ ଯୋଜନାରେ ଏସ୍ଏଚ୍‌ଜି ଗ୍ରୁପ୍‌ର ମା'ମାନେ କାମ କରିବେ ବୋଲି ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ ସୂଚନା ଦେଇଛନ୍ତି ।

# ଅନ୍ଧବିଶ୍ୱାସର କୁପରିଣତି : ୧୪ ମାସ ଧରି ୩ ପରିବାର ଗାଁରୁ ବାସନ୍ଦ

ବୌଦ୍ଧ, ୧୨/୦୭ (ନି.ପ୍ର): ଅନ୍ଧବିଶ୍ୱାସର ପରିଣତି କେତେ ଯେ ଭୟଙ୍କର ଏହାର ସଦ୍ୟତମ ଉଦାହରଣ ହେଉଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ଫକୀରପୁର ଗାଁର ଏକ ଘଟଣା । ଅନ୍ଧବିଶ୍ୱାସକୁ ନେଇ କଙ୍ଗାରୁ କୋର୍ଟର ନିଷ୍ପତ୍ତି ଅନୁସାରେ ଜରିମାନା ନ ଦେବାରୁ ଫକିରପୁର ଗାଁରୁ ୩ଟି ପରିବାରକୁ ବର୍ଷାଧିକ କାଳ ହେଲା ବାସନ୍ଦ ହୋଇଛନ୍ତି । ସୂଚନା ଅନୁସାରେ ଆଜିକୁ ପ୍ରାୟ ୧୪ ମାସ ତଳେ ଗାଁର ସୁକାନ୍ତ ଭୋକ୍ତା ତାଙ୍କ ଘରୁ ଦୁଇଟି ସୁନାହାର ଚୋରି ହୋଇଥିବା ସମ୍ପର୍କରେ ଗାଁ କମିଟି ସଭାପତି ଏକାଦଶୀ ମାଝୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଶ୍ରୀ ମାଝୀ ତାଙ୍କୁ ପୁଲିସର ସହାୟତା ନେବାକୁ କହିଥିଲେ । ତେବେ ତାପରେ ଗାଁରେ ବସିଥିବା କଙ୍ଗାରୁ କୋର୍ଟରେ ଗ୍ରାମବାସୀ ନେଇଥିଲେ ଏକ ଅଜବ ନିଷ୍ପତ୍ତି । ଅନ୍ଧବିଶ୍ୱାସ ବଶବର୍ତ୍ତୀ ହୋଇ ସେମାନେ ଚୋର ଧରିବାକୁ ଗାଁରେ 'ଖଟଦେବତା'ଙ୍କୁ ବୁଲାଇବା ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ନୟାଗଡ଼ ଜିଲ୍ଲା ମଧଖଣ୍ଡ ଅଞ୍ଚଳରୁ ଗୁଣିଆ ଡକାହୋଇ ଆସିଲେ । 'ଖଟଦେବତା' ଯାହାକୁ ଚୋର ଭାବରେ ଚିହ୍ନଟ କରିବେ, ସେ ସୁନାଗହଣା ଫେରାଇବା ସହ ଗୁଣିଆର ଖର୍ଚ୍ଚ ଓ ଗାଁ ପାଣ୍ଠିକୁ ଜରିମାନା ଦେବ ବୋଲି କଙ୍ଗାରୁ କୋର୍ଟରେ ନିଷ୍ପତ୍ତି ହୋଇଥିଲା । ରାତିରେ ଗାଁରେ 'ଖଟଦେବତା' ବୁଲିବା ବେଳେ ତାହା ନାରାୟଣ ବାରିକ ଓ ବିଜୟ ପ୍ରଧାନଙ୍କ ଦେହରେ ବାଜିଥିଲା । ନିଷ୍ପତ୍ତି ଅନୁସାରେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ କୁହାଯାଇ ଥିଲା । ହେଲେ ସେମାନେ ଚୋରି କରି ନ ଥିବା କହି ଗୁଣିଆ ସହ ଝଗଡ଼ା କରିଥିଲେ । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାଦେଖି ଗୁଣିଆ ସେଠାରୁ ପଳାଇଥିଲା । ଏପଟେ କଙ୍ଗାରୁ କୋର୍ଟ ନିଷ୍ପତ୍ତିର ଅବମାନନା ଅଭିଯୋଗରେ



ନାରାୟଣ ବାରିକ, ବିଜୟ ପ୍ରଧାନଙ୍କ ପରିବାର ଓ ସେମାନଙ୍କୁ ସହଯୋଗ କରୁଥିବା ଅଭିଯୋଗରେ ଗାଁ କମିଟି ସଭାପତି ଏକାଦଶୀ ମାଝୀଙ୍କ ପରିବାରକୁ ମଧ୍ୟ ନିଆଁପାଣି ବାସନ୍ଦ କରାଯାଇ ଥିଲା । ଏପରିକି ସମ୍ପୃକ୍ତ ୩ ପରିବାରର ପ୍ରାୟ ୩୦ ଜଣ ସଦସ୍ୟଙ୍କ ସହ କେହି କଥାବାର୍ତ୍ତା ହେଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୨୦ ହଜାର ଟଙ୍କା ଜରିମାନା ବାଧ୍ୟତାମୂଳକ କରାଗଲା । ପରେ ଶ୍ରୀ ମାଝୀଙ୍କ ଅମଳ ହୋଇଥିବା ଧାନ ମଧ୍ୟ ପୋଡ଼ି ଦିଆଯାଇଥିବା ଭଳି ସଂଗିନ ଅଭିଯୋଗ ଥାନାରେ ହୋଇଥିଲା । ସେହିଦିନଠାରୁ ୧୪ ମାସ ହେଲା ତିନି ପରିବାର ବାସନ୍ଦ ଜୀବନ ବିତାଉଛନ୍ତି । ବୌଦ୍ଧ ଥାନା ପୁଲିସ ମଧ୍ୟସ୍ଥତାରେ ହୋଇଥିବା ମୀମାଂସା ଉଦ୍ୟମ ମଧ୍ୟ ବିଫଳ ହୋଇଛି । ଏପରିକି ସମ୍ପୃକ୍ତ ୩ ପରିବାର ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ହସ୍ତକ୍ଷେପ କରିବାକୁ ଗୁହାରି କରିଥିଲେ । ତଥାପି ସମାଧାନର ବାଟ ବାହାରି ପାରିନାହିଁ । ଇତି ମଧ୍ୟରେ ଏସ୍‌ପି ଓ ଜିଲ୍ଲାପାଳ ବଦଳି ଥିବାବେଳେ ସୋମବାର ପୁଣିଥରେ ଶ୍ରୀ ମାଝୀ ସପରିବାର ନୂଆ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ।

## ନିଖୋଜ ଟାଇଟାନିକ ଓ ବିଲିୟନେୟାରଙ୍କ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବିଭିନ୍ନ ଗଣମାଧ୍ୟମରେ ଦେଖାଯାଉଥିବା ଟାଇଟାନିକ ବୁଡ଼ାଜାହାଜ ଦୁର୍ଘଟଣାର ବିନାଶ ପରେ ପାଣି ତଳେ କ୍ଷୟ ହେଉଥିବା ଟାଇଟାନିକର ଏକ ଚିତ୍ର ମନକୁ ଆସିଲା । ବିଶେଷ କରି ତିନି ଦଶନ୍ଧି ପୂର୍ବେ ଟାଇଟାନିକ ପିକଚର୍ ମହାରାଜା ହଲରେ ଦେଖିଥିଲି । ବାରମ୍ୱାର ଦେଖିବାକୁ ଇଚ୍ଛା ହୁଏ ଓ ଅଦ୍ୟାବଧି ଆପଣମାନେ ଦେଖିବାକୁ ପ୍ରୟାସ କରିବେ । ମୁଁ ଟାଇଟାନିକ୍ ଚଳଚ୍ଚିତ୍ର ଦ୍ୱାରା ବହୁତ ପ୍ରଭାବିତ । ଏହାର ଅର୍ଥ ନୁହେଁ ନିଖୋଜ ଟାଇଟାନିକକୁ ସମୁଦ୍ର ଭିତରକୁ ଯାଇ ଅନୁସନ୍ଧାନ କରିବା । ଇଚ୍ଛା ହେଲେ ଚଳଚ୍ଚିତ୍ରକୁ ଦେଖି ନେଇ ତୃଷ୍ଣା ନିବାରଣ କରେ । ଯାହା ଆମମାନଙ୍କ ମଧ୍ୟରୁ ଅନେକେ ଏହାକୁ ଏକାଧିକ ଥର ଦେଖିଥିବେ । ଏହାକୁ ଏକ ଚମତ୍କାର ପ୍ରେମ ଚିତ୍ର ବୋଲି କୁହାଯାଏ । ଜୀବନ ବିନା ଅର୍ଥରେ ଚାଲି ନଥାଏ ଓ ଟଙ୍କା ଗଣନା କରି ଜୀବନ ଧନ୍ୟ ହୋଇଯାଏ । ଧନୀ ହେବାକୁ, କିମ୍ବା ଭଲ ପାଇବାକୁ ଇଚ୍ଛା, ସମସ୍ତ ଅବକ୍ଷୟ ବିଷୟ । ଚାଲିବାର ଉତ୍ସାହ ହେଉଛି ଏକମାତ୍ର ବାସ୍ତବତା !

ତେବେ ନିଷ୍କର୍ଷ କେବଳ କୁହାଯାଇପାରେ ହୃଦୟକୁ ସଂପୂର୍ଣ୍ଣ ଆନନ୍ଦରେ ସମ୍ଭାଳିବାରେ କୌଣସି ଲାଭ ନାହିଁ, କିଏ କେତେ ଖର୍ଚ୍ଚ କରୁଛି, କେଉଁଠି କାହିଁକି । କାହାର କେମିତି ବ୍ୟବହାର କ'ଣ, ଏସବୁ ଖୋଜିବା, ବିଚାର, ତର୍ଜମା କରାଯାଏ ନାହିଁ ? ବରଂ ପ୍ରେମରେ ବଞ୍ଚିବାକୁ ଚେଷ୍ଟା କରିବା ଆବଶ୍ୟକ? ଅନ୍ୟଥା ଏସବୁ ଉପରେ ମୁଣ୍ଡ ବ୍ୟଥା କରିବା ଆବଶ୍ୟକ ନାହିଁ...!!!

+ତାରା ନିଳୟ, ପ୍ଲଟ-୮୫୪/ଏ, ଚାଟରା ଶବରସାହି
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
ମୋ : ୯୦୪୦ ୧୫୧୪୭୫

## ପୁରୀ ସର୍କିଟ ହାଉସରେ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ

ପୁରୀ , ୧୨/୦୭ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ଯେ କୌଣସି ସମୟରେ ଆସିପାରେ। ଆମେ ତାକୁ ରୋକି ପାରିବା ନାହିଁ।କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଧନଜୀବନ ହାନି ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟ କୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲା ସମ୍ପର୍କରେ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ।ବିଶେଷ କରି ବନ୍ୟା, ବାତ୍ୟା ଚିର ସହଚର ହୋଇ ଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ । ଏଥିରେ ଅଗ୍ନିଶମ ବାହିନୀର ପ୍ରତିନିଧିମାନେ ଯୋଗ ଦେଇ ସୃଷ୍ଟି ହେଉଥିବା ବିଭିନ୍ନ ବିପର୍ଯ୍ୟୟ ର ମୁକାବିଲା ପାଇଁ ଗ୍ରହଣ କରିବାକୁ ଥିବା ପଦକ୍ଷେପ ସମ୍ପର୍କରେ ବିଷଦ ଭାବେ ମକଡ୍ରିଲ ମାଧ୍ୟମରେ ପ୍ରଦର୍ଶନ ସହ ଅବଗତ କରାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଉଚ୍ଛେଦ କରିବାକୁ ....

ଏଠାରେ ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ସହରରେ ଏବେ ବିଏମ୍‌ସି, ବିଡିଏ, ଜିଏ ଉଠାଦୋକାନୀ ଆଇନ ନମାନି ଯେଉଁଭଳି ଭାବରେ ଉଠାଦୋକନଗୁଡ଼ିକୁ ଉଚ୍ଛେଦ କରି ଚାଲିଛନ୍ତି ତାହା ସମ୍ବିଧାନ ବିରୋଧୀ ବୋଲି ଶ୍ରୀଯୁକ୍ତ ସାହୁ କହିଛନ୍ତି। ସମ୍ବିଧାନକୁ ନ ମାନିବା ପାଇଁ ବିଏମ୍‌ସି କମିଶନର, ବିଡ଼ିଏ ଉପାଧ୍ୟକ୍ଷ କଣ ତାଙ୍କର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି ? ଯଦି ଏହିଭଳି ଅନ୍ୟାୟ ଭାବରେ ଉଠାଦୋକାନ ଉଚ୍ଛେଦ କରି ଚାଲନ୍ତି, ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବା ସହ ଯଦି ଆଇନକୁ ହାତକୁ ନେବାକୁ ପଡ଼େ ତାହାହେଲେ ମହାସଂଘ ପଛଘୁଂଚା ଦେବନାହିଁ ବୋଲି ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦ଟି ସଂଘର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କ ସମେତ ସୁଶାନ୍ତ କୁମାର ରାଉତ, ପ୍ରଦୀପ ସାହୁ, ମନୋଜ ସୂତାର, ବଂଶୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବାହାନଗା ଟ୍ରେନ୍ ....

ସିବିଆଇ ମଙ୍ଗଳବାର ଦିନ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମୀର ଖାନ୍ ଓ ଟେକ୍ନିସିଆନ ପପୁ କୁମାରଙ୍କୁ ପୁଣି ଥରେ ରିମାଣ୍ଡରେ ନେଇଛି। ପୂର୍ବରୁ ସେମାନଙ୍କୁ ସିବିଆଇ ୫ ଦିନିଆ ରିମାଣ୍ଡରେ ନେଇଥିଲା। ଦ୍ୱିତୀୟ ଥର ପାଇଁ ସିବିଆଇ ସେମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେଇଛି । ସୂଚନାଯୋଗ୍ୟ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

### ହାଇସ୍କୁଲ ୟୁନିଫର୍ମ...

ଓଡ଼ିଶା ସରକାର ଦଳୀୟ ଭାବନାରେ ପିଲାଙ୍କ ସମ୍ପୂର୍ଣ୍ଣ ୟୁନିଫର୍ମକୁ ସବୁଜ କରିବା ପାଇଁ ଚିନ୍ତା କରିବା ଏବଂ ତା' ଉପରେ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର ମାରିବା ଦୁଃଖଦାୟକ । ପୂର୍ବରୁ ଓଡ଼ିଶା ସରକାର ୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ସ୍କୁଲ ଓ କଲେଜ ଆଦିକୁ ସବୁଜ ରଙ୍ଗ କରିବା ପରେ ଏବେ ସ୍କୁଲ ୟୁନିଫର୍ମର ରଙ୍ଗ ସବୁଜ କରିବା ପାଇଁ ନିଷ୍ପତ୍ତି ନେବା ଦୁଃଖର ବିଷୟ । ଓଡ଼ିଶା ସରକାର ଗତ ୧୦ ତାରିଖରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ବଦଳାଇବା ନେଇ ଏକ ଆଡଭାଇଜାରୀ ଜାରି କରିଛନ୍ତି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ । ଆଡଭାଇଜାରୀ ଅନୁସାରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ଧଳା ଓ ଘନନୀଳ ବଦଳରେ 'ହଂଟର ଗ୍ରିନ୍' ରଙ୍ଗର ପୋଷାକ କରିବାକୁ ଯାଉଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ 'ସମଗ୍ର ଶିକ୍ଷା' ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସ୍କୁଲ ୟୁନିଫର୍ମ ପାଇଁ ଓଡ଼ିଶାକୁ ବାର୍ଷିକ ପ୍ରାୟ ୨୪୦ କୋଟି ଟଙ୍କା ଅନୁଦାନ ମିଳୁଛି । କେନ୍ଦ୍ର ଦେଉଥିବା ଅର୍ଥ ଉପରେ ରାଜ୍ୟ ସରକାର ନିଜର ଷ୍ଟିକର ମାରିବାର ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା ପର ଘର ତିଅଣରେ ଅତିଥି ସତ୍କାର ସଦୃଶ । ସେହିପରି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ,ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପରିବର୍ତ୍ତନ ପାଇଁ ଅଚାନକ ନିଷ୍ପତ୍ତି କିଭଳି ନିଆଗଲା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ସହ ବିଚାରବିମର୍ଶ ନକରି ଏଭଳି କରାଯିବା ଅନୁଚିତ୍ । ପିଲା ଓ ସେମାନଙ୍କ ଅଭିଭାବକଙ୍କ ଉପରେ ୟୁନିଫର୍ମ ରଙ୍ଗର ଛାପ ଛାଡ଼ିବା ପାଇଁ ଏଭଳି ଉଦ୍ୟମ ଠିକ୍ ନୁହେଁ । ରାଜ୍ୟ ସରକାର ହାଇସ୍କୁଲ ଶିକ୍ଷାର ସ୍ତରରେ ସୁଧାର ଦିଗରେ ପଦକ୍ଷେପ ନେବା ଉଚିତ୍ । ସେହିପରି ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ କୁମାର ପଟ୍ଟନାୟକ କହିଛନ୍ତି ଯେ, ୟୁନିଫର୍ମର ରଙ୍ଗ ସବୁଜ କରିବା ପାଇଁ ନିଷ୍ପତ୍ତି ନେବା ପୂର୍ବରୁ ଦୁଇଥର ଚିନ୍ତା କରିବାର ଥିଲା । ଶାସକ ଦଳ ନିଜର ସବୁଜ ରଙ୍ଗ ପାଇଁ ବେଶ୍ ପରିଚିତ । ତେଣୁ ସ୍କୁଲରେ ଏଭଳି ହୀନ ରାଜନୀତି କରିବା ପାଇଁ ସରକାର ଏପରି କରୁଛନ୍ତି । ପିଲାମାନଙ୍କ ଭବିଷ୍ୟତ ଉପରେ ଦୃଷ୍ଟି ଦେବା ପରିବର୍ତ୍ତେ ସେମାନଙ୍କୁ ଭବିଷ୍ୟତର ଭୋଟର ଭାବେ ବିବେଚନା କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ତେବେ ସରକାରଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରିନି ।

### ୫ ହଜାର ଟଙ୍କା ଲାଞ୍ଚ....

୩ ଜଣଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିବା ବେଳେ ୬ ଜଣଙ୍କର ପେନସନକୁ ସ୍ଥାୟୀ ଭାବେ ବନ୍ଦ କରି ଦିଆଯାଇଛି। ଏମାନଙ୍କ ଭିତରୁ ଜଣଙ୍କୁ ଛାଡ଼ି ଦେଲେ ବାକି ୮ ଜଣ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ସରକାର ଏଭଳି ପଦକ୍ଷେପ ନେଇଥିଲେ।

## ଭଦ୍ରକରେ ପହଞ୍ଚିଲା ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥ ବିଶେଷାଙ୍କ

ଭଦ୍ରକ, ୧୨/୦୭ (ନି.ପ୍ର): ଗତ ପବିତ୍ର ରଥ ଯାତ୍ରା ଅବସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା ଉତ୍କଳ ପ୍ରସଙ୍ଗ ଓ ଓଡିଶାରିଭ୍ୟୁର ରଥ ବିଶେଷାଙ୍କ ସଂଖ୍ୟା ପାଠକମାନଙ୍କ ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି । ସରକାରୀ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ଇଚ୍ଛୁକ ପାଠକମାନେ ଉକ୍ତ କାର୍ଯ୍ୟାଳୟରୁ ଏହା କ୍ରୟ କରି ପାରିବେ। ଏଗୁଡ଼ିକର ଖଣ୍ଡପ୍ରତି ମୂଲ୍ୟ ୫ ଟଙ୍କା ମାତ୍ର ରଖାଯାଇଛି। ସୂଚନା ଯୋଗ୍ୟକି ଉକ୍ତ କାର୍ଯ୍ୟାଳୟର ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ବିକ୍ରୟ କେନ୍ଦ୍ରରେ ପ୍ରାୟ ପ୍ରତି ମାସର ସଂଖ୍ୟା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଲା ପରେ ନିୟମିତ ଯୋଗାଇ ଦିଆଯାଇ ଆସୁଅଛି ।

## ବାଲେଶ୍ୱର ଅରଡ଼ବଜାର ଗଳାପୋଲ ପ୍ରଶସ୍ତ କରିବା ପାଇଁ ଦକ୍ଷିଣପୂର୍ବ ରେଳବାଇ ଜେନେରାଲ ମ୍ୟାନେଜରଙ୍କ କ୍ଷେତ୍ର ପରିଦର୍ଶନ



ବାଲେଶ୍ୱର, ୧୨/୦୭ (ନି.ପ୍ର): ବାଲେଶ୍ୱର ସହରକୁ ପ୍ରବେଶ ନିମନ୍ତେ ଅରଡ଼ବଜାର ଓ.ଟି. ରୋଡ଼ ପାଖ ଲାଲବାହାଦୂର ମାର୍ଗକୁ ସଂଯୋଗ କରୁଥିବା ଗଳାପୋଲ ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ସହର ବାହାରୁ ଆସୁଥିବା ଆମ୍ବୁଲାନ୍‌ସ, ଜରୁରୀ ଓ ପରିବହନ ଗାଡ଼ି ଇତ୍ୟାଦି ଯାତାୟତ କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି ଓ ଦୁର୍ଘଟଣା ମଧ୍ୟ ଘଟୁଛି । ଏଥିପାଇଁ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ଶୁଭଙ୍କର ମହାପାତ୍ର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ନୂଆଦିଲ୍ଲୀ ଠାରେ ଦାବିପତ୍ର ପ୍ରଦାନ କରିଥିଲେ । ଆଜି ଦକ୍ଷିଣପୂର୍ବ ରେଳବାଇ ଜେନେରାଲ ମ୍ୟାନେଜର ଶ୍ରୀ ଅନୀଲ କୁମାର ମିଶ୍ରା, ଡ଼ି. ଆର.ଏମ୍ ଶ୍ରୀ କେ.ଆର. ଚୌଧୁରୀ ଓ ବରିଷ୍ଠ ରେଳ ପଦାଧିକାରୀ ଶ୍ରୀ ଏ.କେ. ପଟେଲ, ଶ୍ରୀ ରାଜେଶ କୁମାର ଓ ଶ୍ରୀ ଆଲୋକ ମିଶ୍ରା ପ୍ରମୁଖ ଟିମ୍ ସହ ବାଲେଶ୍ୱର ଆସି ନୀଳଗିରିର ଗୋପୀନାଥପୁର ଷ୍ଟେସନ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ପରିଦର୍ଶନ କରିବା ସମୟରେ ସାଂସଦଙ୍କ ଆଗ୍ରହ ମୂଳେ ଆଜି ଅପରାହ୍ଣରେ ଗଳାପୋଲ ପରିଦର୍ଶନ କରି ସଂଗରେ ଥିବା ବୈଷୟିକ ଦଳ ଶ୍ରୀ ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ଆଲୋଚନା କରଥିଲେ । ଏହି ଗଳାପୋଲର ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ କିଭଳି ଉପାୟରେ ପ୍ରଶସ୍ତ କରାଯାଇପାରିବ ସେଥିପାଇଁ ବୈଷୟିକ ଦଳ ଗଠନ କରି କାର୍ଯ୍ୟ କିପରି ଶୀଘ୍ର କରାଯାଇପାରିବ ସେ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## 'ତଥ୍ୟଉପରେ ପର୍ଯ୍ୟବସିତ ସର୍ଜନା କାଳଜୟୀ ହୋଇଥାଏ': ଅଳକା ସରାଓ୍ୱଗୀ




ବାଲେଶ୍ୱର, ୧୨/୦୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଅପରାହ୍ଣରେ ବ୍ୟାସବିହାର ପରିସରସ୍ଥିତ ମୁକ୍ତମଞ୍ଚରେ ଆୟୋଜିତ 'ତଥ୍ୟରୁ ସର୍ଜନଶୀଳ ସୃଷ୍ଟି' ଶୀର୍ଷକ ଆଲୋଚନାଚକ୍ର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡ. ଦେବାଶିଷ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମନୋଜାୟନର ସଭାପତି ପ୍ରଫେସର ରବିନାରାୟଣ ଦାଶ, ଏଫ୍.ଏମ୍.ୟୁ ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର ବିଜେତା ତଥା ପ୍ରଖ୍ୟାତ ହିନ୍ଦୀଲେଖିକା ଅଳକା ସରାଓ୍ୱଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ସେ କହିଲେ ଯେ ବାସ୍ତବତା ଉପରେ ପର୍ଯ୍ୟବସିତ ସାରସ୍ୱତ କୃତି ହିଁ କାଳଜୟୀ ହୋଇଥାଏ। ତାଙ୍କ ରଚିତ ଆଠଗୋଟି ଉପନ୍ୟାସ ଉପରେ ସମ୍ୟକ ଆଲୋଚନା କରିବା ପରିପେକ୍ଷୀରେ ତାଙ୍କର ସାରସ୍ୱତ ସଫଳ ଯାତ୍ରାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ସଭାରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସମେତ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଦୀପକ ବୋଷ, ପ୍ରଦୀପ ଚାଟାର୍ଜୀ, ଡାକ୍ତର କୁମାର ଗୋପାଳ, କଲ୍ୟାଣୀ ନନ୍ଦ, ଅନୁସୂୟା ନାୟକ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା, ଲକ୍ଷ୍ମୀକାନ୍ତ ବେହେରା, ସଞ୍ଜୟ କୁମାର ପଣ୍ଡା, କରୁଣା କର ସ, ବାସନ୍ତୀ କର, ପୁରୁଷୋତ୍ତମ କମିଲା, ବାସନ୍ତୀ ଦେ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଅରୁଣା ରାୟ, ଜ୍ୟୋତ୍ସ୍ନା ରାୟ, ମାନସ ରଞ୍ଜନ ସାମଲ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ରତ୍ନାକର ସିଂ, ବିଦ୍ୟାଧର ସାହୁ, ଅଶ୍ୱିନୀ କୁମାର ଶତପଥୀ, ପ୍ରଣିତା ମିଶ୍ର, ଶରତ କୁମାର ମହାପାତ୍ର, ଉର୍ମିଳା ନାଏକ, ମାମିନା ମହାପାତ୍ର, ଲମ୍ବୋଦର ନାୟକ, ପ୍ରତିମା ପଣ୍ଡା, ପଦ୍ମଲୋଚନ ପ୍ରଧାନ, ଶାନ୍ତି ବିଶି, ଅବନ୍ତୀ ପ୍ରଧାନ, ପୁଷ୍ପଲତା ଚକ୍ରବର୍ତ୍ତୀ, କମଳାକାନ୍ତ ଦାସ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ସଞ୍ଜିବ କୁମାର ଜେନା, ସୁଷମା ମହାପାତ୍ର ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


## SIDDHESWAR COLLEGE, AMARDA ROAD, BALASORE

### TENDER CALL NOTICE

Sealer tenders in the prescribed format are invited from registered firms/ Dealers/ Suppliers having valied GST registration, PAN & IT clearance for supply of laboratory equipments to the college so as to reach the undersigned through Registered POST/ Speed POST/ Courier / By hand latest by 5:00P.M on or before 19.07.2023. The tender paper available in the college office. The undersigned reserves the right to accept or reject any or all bids or parts without assigning any reason what-so-ever.

Sd/- Principal


## ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆରମ୍ଭ

ବଲାଙ୍ଗିର , ୧୨/୦୭ (ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜବାହାର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆରମ୍ଭ ହୋଇଛି । ସେମାନେ ଅନଲାଇନ ରେ **www.navodaya.gov.in** ରେ ଅଗଷ୍ଟ ମାସ ୧୦ ତାରିଖ ମଧ୍ୟ ରେ ଆବେଦନ କରିବାକୁ ନବୋଦୟ ବିଦ୍ୟାଳୟ ସମିତି ପକ୍ଷରୁ ଅନୁରୋଧ କରାଯାଇଛି । ଉପଯୁକ୍ତ ସାର୍ଟିଫିକେଟ ଏବଂ ନିଜସ୍ୱ ସଠିକ ସୂଚନା ସହ ଫର୍ମ ଭରିବାକୁ କୁହା ଯାଇଛି । ସଂପୂର୍ଣ୍ଣ ମେରିଟ ତାଲିକାରେ ନାମ ଥିବା ଛାତ୍ରଛାତ୍ରୀ ଆସନ୍ତା ୨୦୨୪ ବର୍ଷ ପାଠ ପଢିବାକୁ ଯୋଗ୍ୟ ବିବେଚିତ ହେବେ । ଏହି ପ୍ରବେଶିକା ପରୀକ୍ଷା ନଭେମ୍ବର ୪ ଏବଂ ଜାନୁଆରୀ ୧୦ ତାରିଖରେ ଅନୁଷ୍ଠିତ ହେବ ।


O-345

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, BALASORE

**e-procurement Notice for Building works**

Bid Identyfication No e-procurement Notice No. 05/ EERW-II/BLS/ 2023-24

1.Name of the work :- **Building works**
2.Total no.of works :- **01 No**
3.Estimated cost :- **Rs.12.61 Lakhs**
4.Class of Contrator :- **"D" & "C" Class**
5.Time of Completion :- **01 (One Calendar Month)**
6. Cost of Tender Paper through online :- **Rs. 6,000.00**
7.Other Details:- **As per DTCN**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o Executive Engineer, R.W.Divn-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | E-TCN No.05 of 2023-24 | 13.07.2023 at 05.00 P.M. | 21.07.2023 up to 5.00 P.M | 20.07.2023 up to 4.00 P.M | 24.07.2023 at 11.00 AM |

Further details can be seen from the web site **www.tendersorissa.gov.in**

**OIPR: 25052/11/0007/2324**

Executive Engineer
R.W.Division-II,Balasore.



C-789

Ph. No. (06794) 222054 Website : www.rairangpurmunicipality.org Fax- 06794 222054

**OFFICE OF THE MUNICIPAL COUNCIL: RAIRANGPUR**

**No. 2162 / Dt. 12.07.2023**

Expression of interest in sealed quotation are invited from the intending Engineering Consultant / Architectural Firm having experience in similar field for the preparation of DPR for the **"Development of Badabandha at Rairangpur Municipality" (Approx Estt. Cost. Rs.9.76 Crore)** including area survey, planning, design and estimate (Component wise).

The EOI must accompanied with valid PAN Card, GSTIN, Registration Certificate, Experience Certificate and Incorporation Certificate (if any). An amount of Rs.10,000/- (Rupees Ten Thousand) only in shape of TDR duly pledged in favour of Executive Officer, Rairangpur Municipality must be accompanied towards EMD.

The EOI should reach before the undersigned on or before dt.27.07.2023 (1.00 PM) by Regd. Post/Speed Post/Courier/By hand and will be opened at 4.00 PM on dt.27.07.2023 in the presence of the agency or their authorized representatives. The undersigned will not be held responsible for any postal delay. Quotation received beyond the stipulated date & time shall not be entertained at all. For any query the undersigned may be contacted in the mobile No.-9178256346 during the office hour.

The authority reserves the right to accept or reject any or all the quotations without assigning any reason there off.

**Terms & Conditions :-**

- The agency must have completed similar type of work amounting to Rs.7.00 Crores in a single work / Rs.10.00 Crores in 02 Nos. of similar type of work during last 03 year failing which the offer will be rejected automatically.
- The Quoted percentage rate must be submitted with detail break up i.e. (1) Survey & preparation of layout plan, (2) Preparation and submission of working drawing, (3) Technical sanction from the competent authority, (4) Preparation and submission of detailed tender schedule, (5) Soil investigation as per requirement and (6) Supervision in various stages during execution.
- The DPR will be prepared with the close consultation of the undersigned.
- A pre-bid meeting will be arranged on dt.18.07.2023 in the conference hall of the undersigned and all the intending firms must show their PPT presentation at that time.
- The DPR must be submitted within 01 month from the date of work order failing which the work order will be deemed to be cancelled.

**OIPR: 13106/11/0008/2324**

Executive Officer
Rairangpur Municipality


## କ୍ଷୁଧା/ଦାରିଦ୍ର୍ୟ ମୁକ୍ତ ଏବଂ ପଂଚାୟତ ସମ୍ବଳକୁ ସଠିକ ବିନିଯୋଗ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମାଲକାନଗିରି, ୧୨/୦୭ (ନି.ପ୍ର): ସଶକ୍ତ ପଂଚାୟତିରାଜ୍ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ପ୍ରତିଷ୍ଠାନ/ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ଏବଂ ମାଲକାନଗିରି ଜିଲ୍ଲାର୍ ବିଭିନ୍ନ ବ୍ଲକ୍ ରେ ଆଜି ପ୍ରଥମ ପର୍ଯ୍ୟାୟରେ ପଂଚାୟତ ସ୍ତରରେ ଲୋକଙ୍କ ସହିତ ମିଶି କାମ କରୁଥିବା ଆଗଧାଡିର କର୍ମ କର୍ତ୍ତା ଏବଂ ଜନ ପ୍ରତିନିଧି ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ସରକାରଙ୍କ ସମସ୍ତ ବିଭାଗର କିଛି ଅଧିକାରୀ ତାଲିମ ଦେଇଥିଲେ। ଯେଉଁଥିରେ ମୁଖ୍ୟତ ସରକାରଙ୍କ ସମସ୍ତ ବିଭାଗର ସମସ୍ତ ପ୍ରକାର ଯୋଜନାର ସହାୟତା ସାଧାରଣରୁ ଅତିସାଧାରଣ ଜନତାଙ୍କ ପାଖରେ କିପରି ପହଁଚି ପାରିବ ତା ସହିତ ଏକ ସୁଦୃଢ଼ ପଂଚାୟତ ଗଠନ ହୋଇପାରିବ, ଏହି ଉଦ୍ଦେଶ୍ୟରେ ସମସ୍ତଙ୍କୁ ଅବଗତି କରିବା ନିମନ୍ତେ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ଅବସରରେ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି କ୍ରମେ ମାଲକାନଗିରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଙ୍କ ସମେତ ସହଯୋଗୀ ପ୍ରକଳ୍ପ ଅଧିକାରୀ ମାନସ ମିଶ୍ର ଙ୍କ ସହିତ ତାଲିମ ଦାତା ରୁପେ ଏପିଡି ହିମାଂଶୁ ମହାରଣା, ବାଲାଜୀ ପଟନାୟକ, ବିକ୍ରମ ଧଳ, ମନସ୍ୱି ସେଠୀ, ସୁଜାତା ବିଶ୍ୱାସ ଉପସ୍ଥିତି ରହି ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମ ର ଶୁଭ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ତୁଲାଇ ସଫଳତାର ଶୀର୍ଷ ରେ ପହଂଚାଇବା ପାଇଁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଏବଂ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ର ସମସ୍ତ କର୍ମକର୍ତ୍ତା ସହଯୋଗ ପ୍ରଦାନ କରିଥିଲେ।

ଗୁରୁବାର, ଜୁଲାଇ ୧୩, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଡେଙ୍ଗୁ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଭଦ୍ରକ, ୧୨/୦୭ (ନି.ପ୍ର): ଡେଙ୍ଗୁ ଜ୍ୱର ରୋଗର ନିରାକରଣ ଉଦ୍ଦେଶ୍ୟରେ ରୋଗୀ ଚିହ୍ନଟ ପାଇଁ ପରୀକ୍ଷା, ଚିକିତ୍ସା ସହିତ ସଚେତନତା ଓ ସତର୍କତା ନେଇ ପଦକ୍ଷେପ ଗ୍ରହଣ କରାଯିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ହଲରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଡେଙ୍ଗୁ ଜ୍ୱରର କାରଣ ଓ ନିରାକରଣ ପାଇଁ ପରୀକ୍ଷା, ଚିକିତ୍ସା, ସଚେତନତା ଆଦି ସମ୍ବନ୍ଧରେ ଏକ ଉପସ୍ଥାପନ ପରେ ଜିଲ୍ଲାପାଳ ଏ ନେଇ ଜିଲ୍ଲାରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧରେ ସମୀକ୍ଷା କରିଥିଲେ । ସମସ୍ତ ପ୍ରକାର ଜ୍ୱରକୁ ସାଧାରଣ ଜ୍ୱର ନ ଭାବି ପରୀକ୍ଷା ଜରିଆରେ ରୋଗୀ କି ପ୍ରକାର ଜ୍ୱରରେ ଆକ୍ରାନ୍ତ ଚିହ୍ନଟ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ, ଡ଼ାଇରିଆ, ଲେପ୍ରସି ଆଦି କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଥିବା 'ଜିରୋ କାଜୁଆଲିଟି'କୁ ଆଖି ଆଗରେ ରଖି ଜୁଲାଇ ୧୦ ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁ ଥିବା ଘର କୁ ଘର ବୁଲି ରୋଗୀ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥା ପ୍ରଦାନ ଦିଗରେ ସଂପୃକ୍ତ ଅଧିକାରୀ, କର୍ମଚାରୀ, ଆଶା, ଅଙ୍ଗବାଡ଼ି କର୍ମୀମାନଙ୍କୁ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ । ଏ ସବୁ ଜ୍ୱର ଓ ରୋଗ ପାଇଁ ଋତୁ ଆରମ୍ଭ ହୋଇଯାଇଥିବାରୁ ଗ୍ରାମାଞ୍ଚଳ, ସ୍କୁଲ ବିଶେଷ କରି ଆବାସିକ ସ୍କୁଲ, କଲେଜ, ଏନ୍.ସି.ସି. ଏନ୍.ଏସ୍.ଏସ୍, ସ୍କାଉଟ୍, ଗାଇଡ୍, ଶିକ୍ଷାଞ୍ଚଳ ଆଦିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦିଗରେ ପଦକ୍ଷେପ ନିଆଯିବା ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଏଡ଼ିସ୍ ମଶା ଯୋଗୁଁ ଡେଙ୍ଗୁଜ୍ୱର ସୃଷ୍ଟି ହେବା, ଏହି ମଶା ସକାଳେ ଓ ସନ୍ଧ୍ୟା ପୂର୍ବରୁ କାମୁଡ଼ିବା, ମଣିଷ ରକ୍ତକୁ ଏହି ମଶା ଅଧିକ ଭଲ ପାଇବା, ସ୍ଥିର ଓ ସଫା ଜଳରେ ଏହି ମଶା ବାସକରିବା, ମଶା ଜନ୍ମ ରୋକିବା ପାଇଁ ନିଜ ଘର, ସ୍କୁଲ, ଅନୁଷ୍ଠାନ, ରାସ୍ତା ଘାଟ ଆଦିରେ ଟାୟାର, ପଇଡ଼ଖୋଳ, କପ୍, ଥାଳି, ଫୁଲକୁଣ୍ଡ, ପାଣି ଜମିଲା ଭଳି ବର୍ଜ୍ୟବସ୍ତୁ, ନାଳନର୍ଦ୍ଦମା ଆଦିରେ ଜଳ ଜମିବାକୁ ନଦେବା, ଜଳ ଜମୁଥିବା ନାଳ ନର୍ଦ୍ଦମାରେ ମଶା ମରା ଓ ମଶାଖାଉଥିବା ଗାଙ୍ଗୁସିଆ ମାଛ ଛାଡ଼ିବା, ଆଦି ସଂପୃକ୍ତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା ।

## ତମାଖୁ ମୁକ୍ତ ଯୁବା ଅଭିଯାନ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସମନ୍ୱୟ ସମିତି ବୈଠକ



ବାରିପଦା, ୧୨/୦୭ (ନି.ପ୍ର): ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ତମାଖୁ ମୁକ୍ତ ଯୁବା ଅଭିଯାନ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି ଏହି ଅଭିଯାନର ମୁଖ୍ୟ ଉଦେଶ୍ୟ ଓ ଲକ୍ଷ୍ୟ ବିଷୟରେ କହିବା ସହିତ ତମାଖୁ ବା ଗୁଟଖା ସେବନ କରିବାର କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ । ଡାକ୍ତର ଶାନ୍ତନୁ କୁମାର ଦାଶ ଜିଲ୍ଲାକୁ ତମାଖୁ ମୁକ୍ତ କରିବା ପାଇଁ ଏହି ଅଭିଯାନ ଅନ୍ତର୍ଗତ ପ୍ରସ୍ତୁତି ତଥା ଏପର୍ଯ୍ୟନ୍ତ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଅବକାରୀ ବିଭାଗ, ପୋଲିସ ବିଭାଗ, ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ସମନ୍ୱୟ ରେ ସ୍କ୍ୱାଡ଼ ଗଠନ କରି ଜିଲ୍ଲାର ସମସ୍ତ ବିଦ୍ୟାଳୟ ର ୧୦୦ ମିଟର ପରିଧି ମଧ୍ୟରେ କୌଣସି ପ୍ରକାର ତମାଖୁ ଦ୍ରବ୍ୟର ବିକ୍ରୟ ନିଷିଦ୍ଧ ପାଇଁ ତୀକ୍ଷ୍ଣ ଦୃଷ୍ଟି ଦେବାସହ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ତମାଖୁ ଦ୍ରବ୍ୟ ସେବନ ନକରିବା ସମ୍ବନ୍ଧରେ ଶପଥ ପାଠ କରାଇବା, ଜିଲ୍ଲାରେ ସ୍ମାର୍ଟ କ୍ଲାସ ଉପଲବ୍ଧ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇବା, ସିନେମା ହଲ, ବସ ଷ୍ଟାଣ୍ଡ, ଡାକ୍ତରଖାନା, ହାଟ ବଜାର ଇତ୍ୟାଦି ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ତମାଖୁଜାତ ଦ୍ରବ୍ୟ ବିକ୍ରୟ ଓ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଏନଫୋର୍ସମେଣ୍ଟକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ ବ୍ୟତୀତ ଲୋକଙ୍କୁ ସଚେତନ କରିବା ପାଇଁ ଗ୍ରାମସଭା, ପଂଚାୟତ ସମିତି ବୈଠକ ଓ ଅନ୍ୟାନ୍ୟ ବୈଠକରେ ସ୍ଥାନୀୟ ଜନପ୍ରତିନିଧି, ସ୍ୱଚ୍ଛକ୍ଷସେବୀ ସଂଗଠନକୁ ସାମିଲ କରାଇ ଏସମ୍ବନ୍ଧରେ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଆଜିର ଅନୁଷ୍ଠିତ ବୈଠକରେ ନବ ନିଯୁକ୍ତ ଭାରତୀୟ ପ୍ରଶାସନିକ ସେବାର ପ୍ରୋବେଶନର ଅକ୍ଷୟ ପିଲ୍ଲାୟ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା, ଅବକାରୀ ନିରୀକ୍ଷକ ବିକାଶ ଟପ୍ନ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସଭ୍ୟ ପଦରୁ ଇସ୍ତଫା ଦେଲେ ଗରଡିହି ପଞ୍ଚାୟତ ୱାର୍ଡସଭ୍ୟା ଭାରତୀ ସିଂ

ନୀଳଗିରି , ୧୨/୦୭ (ନି.ପ୍ର): ଜଣେ ୱାର୍ଡସଭ୍ୟା ନିଜ ପଦରୁ ଇସ୍ତଫା ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ସୂଚନା ଅନୁଯାଇ ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତ କୁଞ୍ଜିବଣିଆ ଚନ୍ଦ୍ରପୁର ଗ୍ରାମର କ୍ରିଷ୍ଣା ସିଂଙ୍କ ପତ୍ନୀ ଶ୍ରୀମତୀ ଭାରତୀ ସିଂ । ଗତ ପଞ୍ଚାୟତ ନିର୍ବାଚନରେ୧୫ନଂ ୱାର୍ଡସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ । ଘରୋଇ ଓ ପାରିବାରିକ କାରଣ ଦର୍ଶାଇ ବୁଧବାର ନିଜ ପଦରୁ ଅବ୍ୟାହତି ନେବା ପାଇଁ ସରପଞ୍ଚ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଚିଠି ଲେଖି ଇସ୍ତଫା ଗ୍ରହଣ କରିବାକୁ ନିବେଦନ କରିଛନ୍ତି । କାହାରି ଚାପରେ କିମ୍ବା କାହାରି ପ୍ରଲୋଭନରେ ସେ ଇସ୍ତଫା ଦେଇନାହାନ୍ତି ବୋଲି କହିବା ସହିତ ତାଙ୍କ ଘର ଏବଂ ପରିବାରର ମଙ୍ଗଳ ପାଇଁ ସେ ଇସ୍ତଫା ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି । ତେଣୁ ଉକ୍ତ ପଂଚାୟତର କୌଣସି ବୈଠକକୁ ସେ ଜୁଲାଇ ୧୨ତାରିଖ ଠାରୁ ଯୋଗ ଦେଇ ପାରିବେ ନାହିଁ ବୋଲି ଉଲ୍ଲେଖ କରିବା ସହ ତାଙ୍କ ଇସ୍ତଫା ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ତେବେ ଜଣେ ନିର୍ବାଚିତ ଲୋକ ପ୍ରତିନିଧି କଣ ପାଇଁ ଇସ୍ତଫା ଦେଲେ ତାହା ଆଗାମୀ ଦିନରେ ଜଣାପଡ଼ିବ ।

## ଜଳେଶ୍ୱରରେ ବିଜୁ ପଟ୍ଟନାୟକ ଉଦ୍ୟାନ ଲୋକାର୍ପିତ




ଜଳେଶ୍ୱର , ୧୨/୦୭ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ୮ନଂ ୱାର୍ଡ ପଂଚୁଘଣ୍ଟାଠାରେ ବିଜୁ ପଟ୍ଟନାୟକ ଉଦ୍ୟାନ ଲୋକାର୍ପଣ ହୋଇ ଯାଇଛି । ଏଥିରେ ପୌରପାଳ ପ୍ରତୀପ କୁମାର ପ୍ରଧାନ ଅଧ୍ୟକ୍ଷତା କରି ସହରବାସୀଙ୍କ ମନୋରଂଜନ ଲାଗି ଏପରି ଉଦ୍ୟାନ ଆବଶ୍ୟକ ଥିଲା ବେଳେ ଆଜି ସେମାନଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, କାଉନସିଲର ଆବସ ଅଲ୍ଲି, ଶଂକର ଘୋଷ, ସୁରଜ ଚୌରାସିଆ, ଆନନ୍ଦ କର, ସତ୍ୟଦାସ ମହାପାତ୍ର, ସଂଜିବ ପାଳ, ସୁଶାନ୍ତ ସାହୁ, ଚନ୍ଦନ ଦାସ, ଗୋବିନ୍ଦ ସାହୁ, ସତ୍ୟବତୀ ଗିରି, ଭରତ ଦତ୍ତ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଚିତ୍ତରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୩ତମ ସାଧାରଣ ସଭା

ବାଲେଶ୍ୱର, ୧୨/୦୭ (ନି.ପ୍ର): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୩ତମ ସାଧାରଣ ସଭା ସଂଘର ସଭାପତି ଶ୍ରୀ ହରିଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ କର୍ମଚାରୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ବ୍ୟାଙ୍କର ସଭାପତି ଶ୍ରୀଯୁକ୍ତ ଗଣେଶ ପ୍ରସାଦ ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ ପୁରାତନ କର୍ମଚାରୀମାନଙ୍କର ନିଷ୍ଠାପର ଉଦ୍ୟମ ଫଳରେ ଆଜି ଏହି ବ୍ୟାଙ୍କ୍ ସମଗ୍ର ଓଡ଼ିଶାରେ ୧ନଂ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ବ୍ୟାଙ୍କ୍‌ର ଅଗ୍ରଗତି ପାଇଁ ଆବଶ୍ୟକସ୍ଥଳେ ସେମାନଙ୍କର ସାହାଯ୍ୟ ଆଶା କରିଥିଲେ । ଏଥିସହିତ ପୁରାତନ କର୍ମଚାରୀମାନଙ୍କର ବାକିଆଥିବା ଅବସରକାଳୀନ ପ୍ରାପ୍ୟ, ସଂଘକୁ ଏକ ବ୍ୟାଙ୍କ ପରିସରରେ ଏକ ଅଫିସ୍ ପ୍ରକୋଷ୍ଠ ଏବଂ ପେନ୍‌ସନ୍ ପାଉନଥିବା ପୂର୍ବତନ କର୍ମଚାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଅତିଶୀଘ୍ର ପରିଚାଳନା ପରିଷଦରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ଲ୍ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କର ସଂପାଦକ ଶ୍ରୀଯୁକ୍ତ ବିଷ୍ଣୁପ୍ରସାଦ ମହାନ୍ତି ସଂଗଠନ ଓ କର୍ମଚାରୀମାନଙ୍କର ବିଭିନ୍ନ ଦାବି, ସୁବିଧା, ଅସୁବିଧା ଉପରେ ରାଜ୍ୟସ୍ତରୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ତାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବ୍ୟାଙ୍କର ଡିଜିଏମ୍ ତଥା ବ୍ୟାଙ୍କ କର୍ମଚାରୀ ସଂଘର ସଂପାଦକ ଶ୍ରୀଯୁକ୍ତ ହିମାଂଶୁ ଶେଖର ଦାସ ପୂର୍ବତନ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟାଗୁଡ଼ିକ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସଂଘର ସଂପାଦକ ଶ୍ରୀଯୁକ୍ତ ବାଳକୃଷ୍ଣ ନନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ । ଏଥିରେ ୨୦୦ରୁ ଅଧିକ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଉପସଭାପତି ଶ୍ରୀ ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦାୟକାଳୀନ ଉତ୍ସବ

ବସ୍ତା, ୧୨/୦୭ (ନି.ପ୍ର): ବସ୍ତା ଜିଲ୍ଲାଶିକ୍ଷା ଅଧିନରେଥିବା ଇଡିଦା ପଞ୍ଚାୟତ ଦେପଡା ନୂତନ ପ୍ରାର୍ଥମିକ ବିଦ୍ୟାଳୟରେ ଆଜି ପ୍ରଧାନଶିକ୍ଷକ ରବିନ୍ଦ୍ର ପାତ୍ରଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନାଦିଆଯାଇଛି । ଏହିକାର୍ଯ୍ୟକ୍ରମରେ ଦେପଡା, କୁଶୁଡିହା, ଗଣକଡୋଭା ଗ୍ରାମର ଗ୍ରାମବାସୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଣ୍ଟୁଚରଣମୈକାପ ସଭାପତିତ୍ୱକରିଥିଲେ ।ମୂଖ୍ୟଅତିଥି ବରିଷ୍ଠ ସମାଜସେବୀ ଧିରେନ୍ଦ୍ର ନାରାୟଣ ପ୍ରହରାଜ, ମୂଖ୍ୟବକ୍ତା ସରପଞ୍ଚ ପ୍ରତିନିଧି ଦେବୀ ପ୍ରସାଦ ଭଞ୍ଜ.ଇଡିଦା କ୍ଲଷ୍ଟର ସି ଆସ ସି ସି ବିଜୟଚକ୍ରବର୍ତ୍ତୀ. ସମ୍ମାନୀତ ଅତିଥି ଶିକ୍ଷାବିତ ପର୍ଶୁରାମ ଦେ, ପୂର୍ବତନଶିକ୍ଷକ ବିରେନ୍ଦ୍ର ନାରାୟଣ ପ୍ରହରାଜ, ପୂର୍ବତନଶିକ୍ଷକ ବିଦ୍ୟାଧର ପାତ୍ର, ସାହାଡା ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ପାତ୍ର, ଶିକ୍ଷାବିତ ଅଜୟ କୁମାର ଦାସ, ମଞ୍ଚାସିନ ହୋଇ ଅବସରଶିକ୍ଷକ ରବିନ୍ଦ୍ର ପାତ୍ରଙ୍କର କର୍ମ ମୟଜିବନପିଲା ମାନଙ୍କ ପ୍ରତି ଶିକ୍ଷାଦାନର ଅତୁଳନିୟ ପ୍ରଚେଷ୍ଟା ନିଷ୍ଠାପର ମନଭାବ ବିଷୟ ରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭବେ ଜଗନ୍ନାଥ ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣକରି ବା ସହିତ ବେଦପାଠ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଆବାହନୀ ସଂଗୀତ ଗାନକରି ଥିଲେ ।

## ଭଦ୍ରକ ଜିଲ୍ଲା ୬୬୨ ବର୍ଗ ଅଧାପକ ଓ କର୍ମଚାରୀ ସଂଘର ବିକ୍ଷୋଭ ପ୍ରଦର୍ଶନ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଭଦ୍ରକ, ୧୨/୦୭ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲା ୬୬୨ ବର୍ଗ (+୨ ଓ+୩) ମହାବିଦ୍ୟାଳୟ ସଂଘ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ ଅଧାପକ ଓ କର୍ମଚାରୀଙ୍କ ପ୍ରତି ହୋଇଥିବା ପାତର ଅନ୍ତର ନୀତି ବିରୋଧରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ କି ୨୦୨୧ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ ରାଜ୍ୟ ସରକାର ଏକ କ୍ୟାବିନେଟ ମାଧ୍ୟମରେ ଉଭୟ ୬୬୨ ଓ ୪୮୮ ବର୍ଗର ସମାନ ଧାରାରେ କାମ କରୁଥିବା ଅଧାପକ ମାନଙ୍କ ଦରମା ସମାନ କରିଥିଲେ । ପ୍ରାୟ ଏକ ବର୍ଷ ଧରି ସମାନ ଦରମା ମଧ୍ୟ ପାଇଆସୁଥିଲେ । ମାତ୍ର ତାର ଠିକ୍ ଏକ ବର୍ଷ ପରେ ଅର୍ଥାତ୍ ୨୦୨୩ ମସିହା ଜାନୁଆରୀ ମାସରେ ଆଉ ଏକ କ୍ୟାବିନେଟ୍ କରି ସେ ନିୟମର ପରିବର୍ତ୍ତନ କରି ଏକ ବିରାଟ ଅସଙ୍ଗତି ସୃଷ୍ଟି କରିଲେ । ଯାହା ଫଳରେ ସମାନ ଧାରାରେ କାମ କରୁଥିବା ଅଧାପକ ମାନଙ୍କ ମଧ୍ୟରେ ଦଶ ହଜାର ଟଙ୍କା କମ ବେଶି କରିଦେଲେ । ଏହି ନିୟମ ଅନୁସାରେ ୪୮୮ ଓ ସ୍କୁଲରେ ୪୨୦୦ ଗ୍ରେଡ଼ ପେ ରେ କାମ କରୁଥିବା କର୍ମଚାରୀ ମାନେ ୬୬୨ ର ଅଧାପକଙ୍କ ଯେଉଁମାନେ ୪୬୦୦ ଗ୍ରେଡ୍ ପେ ରେ କାମ କରୁଛନ୍ତି ସେମାନଙ୍କ ଠାରୁ ଯଥାକ୍ରମେ ୮ହଜାର ଓ ୬ହଜାର କମ ପାଇଲେ । ଅର୍ଥାତ ବରିଷ୍ଠକୁ ଏଠି କନିଷ୍ଠ କରିଦେଲେ ।ଏହା ଏକ ଭାବାବେଗ ନିୟମ ବୋଲି ତତ୍ କାଳୀନ ମୁଖ୍ୟ ଶାସନ ସଚିବ ପ୍ରେସ ବିଜ୍ଞପ୍ତି ରେ ପ୍ରକାଶ କଲେ । ତେଣୁ ସେହିଦିନ ଠାରୁ ଏ ନିୟମ କୁ ବିରୋଧ କରି ଆନ୍ଦୋଳନ ରେ ବସିଛୁ ।୬୬୨ବର୍ଗ ର ଅଧାପକ ଓ କର୍ମଚାରୀମାନେ ୪୮୮ ବର୍ଗ ର ଅଧାପକ ଙ୍କ ଠାରୁ ବରିଷ୍ଠ ଥିଲେ ବି ରାଜ୍ୟ ସରକାର ଏକ ଅଦ୍ଭୁତ ନିୟମ କରି ଆମକୁ ହତାଦର କରିଦେଲେ ।ଏହି ବିଚିତ୍ର ନିୟମ କୁ ବିରୋଧ କରି ଓ ସମାନ ଗ୍ରେଡ଼ ପେ କୁ ସମାନ ଦରମା ସହିତ ଅନ୍ୟ ତିନୋଟି ଦାବୀ ଧରି ଭୁବନେଶ୍ୱର ଗାନ୍ଧୀ ମାର୍ଗ ରେ ଆନ୍ଦୋଳନ ଚାଲୁରହିଛି ।ଗତ ଫେବୃଆରୀ ୧୩ତାରିଖ ରୁ ଅର୍ଥାତ୍ ୧୫୦ ଦିନ ହେଲା ଧୂ ଧୂ ଖରା ଓ କାଳ ବୈଶାଖୀ ରେ ଆନ୍ଦୋଳନ ଚାଲୁଛି ।ଏଠାରେ ପ୍ରକାଶ ଥାଉକି ଯୁକ୍ତ ଦୁଇ ପରୀକ୍ଷା ବର୍ଜନ ଡାକରା ସମୟ ରେ ତତ୍ କାଳୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଜେଡି ର ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସଂଘ କୁ ଡାକି ମନ୍ତ୍ରୀସ୍ତରୀୟ କମିଟି କରିଲେ ଓ ସମସ୍ୟା ର ସମାଧାନ ହେବ ବୋଲି କଥା ଦେଲେ । ମାତ୍ର ଏହି ଚାରି ମାସ ଭିତରେ ଥରୁଟିଏ ବି ପୂର୍ଣ୍ଣାଙ୍ଗ ବୈଠକ ବସି ପାରିଲା ନାହିଁ ଯାହା ସମସ୍ତଙ୍କୁ ମର୍ମାହତ କରିଛି । ତେଣୁ ଆଜି ୩୦ ଟି ଜିଲ୍ଲା ସହିତ ଭଦ୍ରକ ଜିଲ୍ଲା ରେ ମଧ ଆଜି ପ୍ରତିବାଦ କରାଯାଇଛି । ଆଜିର ପ୍ରତିବାଦ ସଭାରେ ରାଜ୍ୟ ସଭାପତି ଅଧାପକ ଗୋଲକ ନାୟକ ଭଦ୍ରକ ଜିଲ୍ଲାରେ ଉପସ୍ଥିତ ରହି ଆନ୍ଦୋଳନ କୁ ତ୍ୱରାନ୍ୱିତ କରିଥିଲେ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ସଭାପତି ଆଦିତ୍ୟ ଜେନା ଓ ସମ୍ପାଦକ ଅଧାପକ ଲକ୍ଷ୍ମୀଧର ନାୟକ ଙ୍କ ନେତୃତ୍ୱରେ ପ୍ରାୟ ୨୦୦ ସହ କର୍ମଚରୀ ଆସି ବନ୍ତ ଛକରୁ ଏକ ରାଲି ମାଧ୍ୟମରେ ଆସି ଜିଲ୍ଲାପାଳଙ୍କୁ ଦାବୀପତ୍ର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଅଧାପକ ସୁଶାନ୍ତ ବାରିକ, ଭଗବାନ ବିକ୍ଷିତ, ରାଜେନ୍ଦ୍ର ପଣ୍ଡା, ଭରତ କୁଅଁର, ସତ୍ୟବ୍ରତ ଭାରତୀ, ସୁନନ୍ଦ ମହାନ୍ତି, ସଞ୍ଜୟ ବାହାର, ମନୋଜ ପାଢୀ, ସବିତା ନାୟକ,ନଳିନୀ ଶତପଥି, ନିଳିମା ବିଶ୍ୱାଳ, ଶିବହରି ମିଶ୍ର, ଅକ୍ଷୟ ଗିରି, ପିତାମ୍ବର ମଲ୍ଲିକ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ରମେଶ ପ୍ରଧାନ, ଅଜୟ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ରାଲି ଓ ପ୍ରତିବାଦ ସଭା ପରିଚାଳନା କରିଥିଲେ ।

## ନୀଳଗିରି ଗୋପୀନାଥପୁର ରେଳ ଷ୍ଟେସନ ପରିଦର୍ଶନ କଲେ ଉଚ୍ଚପଦସ୍ଥ ଅଧିକାରୀ: ଖୁବଶୀଘ୍ର ରେଳ ଚଳାଚଳ



ନୀଳଗିରି , ୧୨/୦୭ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥ ଅଧିନସ୍ଥ ନୀଳଗିରି ଗୋପୀନାଥପୁର ଠାରେ ନବ ନିର୍ମିତ ରେଳ ଷ୍ଟେସନକୁ ବୁଧବାର ବିଭାଗର ଉଚ୍ଚପଦସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଆସିଥିଲେ । ଦକ୍ଷିଣ ପୂର୍ବ ରେଳବାଇ ଡିଭିଜନର ଜି.ଏମ ଏ. କେ. ମିଶ୍ର, ଡିଆରଏମ କେ .ଆର ଚୌଧୁରୀ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପରିଦର୍ଶନ କରିଥିଲେ । ଷ୍ଟେସନର ନିର୍ମାଣାଧୀନ ସମସ୍ତ କାମର ସମୀକ୍ଷା କରିବା ସହ ଷ୍ଟେସନକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାପାଇଁ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ତେବେ ଆଉ ଅଳ୍ପଦିନ ମଧ୍ୟରେ ନୀଳଗିରିବାସୀଙ୍କ ବହୁ ପ୍ରତିକ୍ଷିତ ରେଳ ଚଳାଚଳ ଆରମ୍ଭ କରିବ ବୋଲି ଉଭୟ ଅଧିକାରୀ ସବୁଜ ସଙ୍କେତ ଦେଇଛନ୍ତି ।

## କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା କୁସୁମିତା ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ମାମଲାରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମାନବିକ ଅଧିକାର ଆୟୋଗ । ଆୟୋଗ ମୃତ ଛାତ୍ରୀଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨ ମାସ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କେନ୍ଦୁଝର ଜିଲ୍ଲାପାଳଙ୍କୁ ଏଥିରେ କୁହା ଯାଇଛି । ଉଲ୍ଲେଖନୀୟ ଯେ ଗତ ୨୦୧୪ ଫେବୃଆରୀ ୨୬ ତାରିଖରେ ଆବାସିକ ବିଦ୍ୟାଳୟ ଛାତ୍ରାବାସରେ ଫୁଡ ପଏଜନିଙ୍ଗ କାରଣରୁ ୧୧ ବର୍ଷୀୟ ନାବାଳିକାର ମୃତ୍ୟୁ ଘଟିଥିଲା ।

## ପର୍ଯ୍ୟଟନ କେନ୍ଦ୍ର ଡଗରାଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ଉଠିଲା

ଲଙ୍ଗଳେଶ୍ୱର , ୧୨/୦୭ (ନି.ପ୍ର): ବାଲିଆପାଳ ବ୍ଲକ ପର୍ଯ୍ୟଟନ କେନ୍ଦ୍ର ଡଗରା ବେଳାଭୂମି ନିକଟରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଏବେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଦାବି ଉଠାଇଛି । ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ମଞ୍ଚର ସଭ୍ୟ ବିକ୍ରମ କେଶରୀ ଦେ , ଦେବ କୁମାର ପାତ୍ର, ଭକ୍ତ ରଞ୍ଜନ କର ,ସାମ୍ବାଦିକ ପ୍ରଦୀପ କୁମାର ଜେନା ପ୍ରମୁଖ ଜିଲ୍ଲା ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।ପ୍ରକାଶ ଥାଉ କି ମନୋରମ ଏହି ବେଳାଭୂମିର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଦୈନନ୍ଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି ।ସୁ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲରେ ପର୍ଯ୍ୟଟକ ମାନେ ବଣଭୋଜି କରିଥାନ୍ତି ।ଅଗଭୀର ଶାନ୍ତ ଜଳ ରାଶିରେ ପର୍ଯ୍ୟଟକ ମାନେ ସ୍ନାନ କରିବାର ମଜ୍ଜା ନେଇଥାନ୍ତି ।ମାତ୍ର କେତେକ ଅସାମାଜିକ ଲୋକ , ମଦ୍ୟପ ଏହାର ସୁଯୋଗ ନେଇ ପର୍ଯ୍ୟଟକ ମାନଙ୍କୁ ଚାନ୍ଦା ମାଗିବା , ଝିଅ ବୋହୂଙ୍କୁ ଅଶୀଳ ଇଙ୍ଗିତ ପ୍ରଦର୍ଶନ କରୁଛନ୍ତି । ପ୍ରତିବାଦ କଲେ ମାଡ଼ ମାରିବା ଭଳି ଘଟଣା ଘଟୁଛି ।କୌଣସି ପୁଲିସ କିମ୍ବା ପ୍ରଶାସନ ଅସାମାଜିକଙ୍କୁ ରୋକିବାରେ କୌଣସି ପଦକ୍ଷେପ ନେଉ ନାହାଁନ୍ତି ।ଫଳରେ ପର୍ଯ୍ୟଟକ ସୁରକ୍ଷା ପାଇଁ ଡଗରାକୁ ଆସିବା ପାଇଁ ଏବେ



ପ୍ରମାଦ ଗଣୁଛନ୍ତି ।ପ୍ରଶାସନ ଏଥି ପ୍ରତି ଦୃଷ୍ଟି ନ ଦେଲେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦାବି ପତ୍ର ରେ ଦର୍ଶାଇଛି ।

## ନୀଳଗିରି ବ୍ଲକରେ ତୃତୀୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

ନୀଳଗିରି , ୧୨/୦୭ (ନି.ପ୍ର): ନୀଳଗିରି ବ୍ଲକରେ ବୁଧବାର ପୂର୍ବାହ୍ନ ୧୧ଘଟିକା ସମୟରେ ସମିତି ବୈଠକ ଅନୁଷ୍ଠିତ ହୋଇଅଛି । ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ ଅଧକ୍ଷା ଶୁଭ ଲକ୍ଷ୍ମୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହିବୈଠକରେ ବ୍ଲକ ଉପାଧକ୍ଷ ଯୋତିର୍ମୟ ପୁଥାଳ, ୧୧ନଂ ଜିଲ୍ଲା ପରିଷଦ ସୁବର୍ଣ୍ଣକ୍ଷ ମଞ୍ଜରୀ ସିଂ, ୧୨ନଂ ଜିଲ୍ଲାପରିଷଦ ରଞ୍ଜିତା ସିଂ ୧୩ନଂ ଜିଲ୍ଲାପରିଷଦ ଗତୀକୃଷ୍ଣ ନନ୍ଦଙ୍କ ସମେତ ୨୫ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ତହସିଲଦାର ରଞ୍ଜନ ବେହେରା, ବିଡିଓ ରାହୁଲ ମଣ୍ଡଳ , ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦିପ୍ତାଂଶୁ ପରିଡା, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଅଧିବେଶନ ଆରମ୍ଭରୁ ପୂର୍ବ ବୈଠକର ବିବରଣୀ ପଠନ କରାଯାଇଥିଲା । ବିଭିନ୍ନ ପଞ୍ଚାୟତରେ ଥିବା ରାସ୍ତା ଘାଟ, ସ୍ୱାସ୍ଥ୍ୟ ଶିକ୍ଷା , ପରିମଳ ଉପରେ ଆଲୋଚନା ହୋଇଥିଲା । ତତ୍ ସହିତ କୃଷି ଓ ଉଦ୍ୟାନ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ଏହିଭଳି ୧୫ଗୋଟି କାର୍ଯ୍ୟସୂଚୀ କୁ ନେଇ ଆଲୋଚନା ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo